79th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 | @the_prajatantra | theprajatantra@yahoo.com | www.theprajatantra.org

୭୯ବର୍ଷ ❑ ସଂଖ୍ୟା-୨୧୦ ●କଟକ●ଶନିବାର●୦୭ ମାର୍ଚ୍ଚ-୨୦୨୬●ମୀନ-୦୫●ସାଲ୍-୧୪୩୩
CUTTACK ●SATURDAY●07 MARCH-2026● RNI Regd. No. 4001/57
ମୂଲ୍ୟ : ₹ ୫ ଟଙ୍କା

## ବିଜେପି ସାଂସଦଙ୍କୁ ହ୍ୱିପ୍ ଜାରି
### ମାର୍ଚ୍ଚ ୯ ଓ ୧୦ତାରିଖରେ ଲୋକସଭାରେ ଉପସ୍ଥିତ ରହିବେ

**ନୂଆଦିଲ୍ଲୀ,(ଏଜେନ୍ସି):**

ମାର୍ଚ୍ଚ ୯ ଏବଂ ୧୦ ତାରିଖରେ ଲୋକସଭାରେ ଉପସ୍ଥିତ ରହିବାକୁ ଦଳୀୟ ସାଂସଦମାନଙ୍କୁ ହ୍ୱିପ୍ ଜାରିକରିଛି ବିଜେପି। କୁହାଯାଉଛି ଯେ ବିରୋଧୀଙ୍କ ଦ୍ୱାରା ଲୋକସଭା ବାଚସ୍ପତିଙ୍କୁ ଅପସାରଣ ପ୍ରସ୍ତାବ ଉପରେ ଆଲୋଚନା ହୋଇପାରେ। ସଂସଦ ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ରୁ ଆରମ୍ଭ ହେଉଛି। ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ବିପକ୍ଷ ସାଂସଦମାନେ



ପକ୍ଷପାତ ଅଭିଯୋଗ ଆଣି ତାଙ୍କର ବହିଷ୍କାର ଦାବିରେ ନୋଟିସ୍ ଦେଇଥିବାରୁ ସୋମବାର ଏନେଇ ଆଲୋଚନା ହେବାର ସମ୍ଭାବନା ରହିଛି। ତେବେ ଏହିଦିନ ସଂସଦୀୟ ଇତିହାସରେ ଏକ ବିରଳ ଘଟଣା ଦେଖିବାକୁ ମିଳିବ। ବାଚସ୍ପତି ବିର୍ଲା ଗୃହ ପରିଚାଳନା ନ କରି ସାଂସଦମାନଙ୍କ ଗହଣରେ ବସିବେ। ନିୟମ ଅନୁଯାୟୀ ବିର୍ଲା ସେଦିନ ଗୃହରେ ନିଜ ସପକ୍ଷରେ ଯୁକ୍ତିରଖିବା ଏବଂ ପ୍ରସ୍ତାବ ବିରୋଧରେ ଭୋଟ୍ ଦେବା ଅଧିକାର ପାଇବେ। ବିରୋଧୀ ଦଳ ବହିଷ୍କାର ନୋଟିସ୍ ଦାଖଲ କରିବା ଦିନ ବିର୍ଲା ଗୃହରେ ଅଧ୍ୟକ୍ଷତା କରିବା ବନ୍ଦ କରିଦେଇଥିଲେ। ଗତମାସରେ, ବିରୋଧୀ ଦଳ ଏକ ଅବିଶ୍ୱାସ ନୋଟିସ୍ ଦାଖଲ କରି ବାଚସ୍ପତିଙ୍କୁ ହଟାଇବାକୁ ଦାବିକରିଥିଲେ। ସେ ପକ୍ଷପାତ କରି ଗୃହ ପରିଚାଳନା କରୁଥିବା ଅଭିଯୋଗ ହୋଇଥିଲା। ଏଥିରେ ୧୧୮ ଜଣ ସାଂସଦ ସ୍ୱାକ୍ଷର କରିଥିଲେ। ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ସଂସଦ ବୈଠକ ଥିବାରୁ ଏନେଇ ଆଲୋଚନା ହେବାର ସମ୍ଭାବନା ରହିଛି। ପ୍ରସ୍ତାବ ଉପରେ ଆଲୋଚନା ଏବଂ ନିଷ୍ପତ୍ତି ନହେବା ପର୍ଯ୍ୟନ୍ତ ବିର୍ଲା ଲୋକସଭାରେ ଅଧ୍ୟକ୍ଷତା କରିବାର ସମ୍ଭାବନା କ୍ଷୀଣ ବୋଲି ଆଲୋଚନା ହେଉଛି।

## ରାଜ୍ୟରେ ୯୦% ମ୍ୟାପିଂ ଶେଷ: ସିଇଓ

**ଭୁବନେଶ୍ୱର,(ପିପିଏସ୍):**

ରାଜ୍ୟରେ ଏସ୍ଆଇଆର ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ ଗୋପାଳନ ସୂଚନା ଦେଇଛନ୍ତି ଯେ ପ୍ରାୟ ୯୦ ପ୍ରତିଶତ ଭୋଟର ମ୍ୟାପିଂ ସାରିଯାଇଛି। ସୂଚନା ଅନୁସାରେ ଏହି ୯୦ପ୍ରତିଶତ ଭୋଟର ତାଲିକାରେ ଯେଉଁମାନେ ଅଛନ୍ତି



ସେମାନେ ଉଭୟ ୨୦୨୫ ଭୋଟର ତାଲିକା ଏବଂ ୨୦୦୨ରେ ମଧ୍ୟ ଅଛନ୍ତି। ଏଭଳି କ୍ଷେତ୍ରରେ ବିଏଲ୍ଓଙ୍କୁ ଜଣାଇବାକୁ କହିଛନ୍ତି ନିର୍ବାଚନ ଅଧିକାରୀ। ୨୦୦୨ରେ ସେମାନେ କେଉଁ ନିର୍ବାଚନ ମଣ୍ଡଳୀରେ ଥିଲେ ସେ ସମ୍ପର୍କରେ ବିଏଲ୍ଓଙ୍କୁ ଜଣାଇବେ ଭୋଟର। ନିର୍ବାଚନ ଅଧିକାରୀ ନିଜ ଆଡୁ ପ୍ରାୟ ୯୦ ପ୍ରତିଶତ ମ୍ୟାପିଂ ସାରିଥିବା କହିଛନ୍ତି। ବାକିଥିବା ୧୦ ପ୍ରତିଶତ ସହରାଞ୍ଚଳ ପାଇଁ ସମସ୍ୟା ସୃଷ୍ଟିକରିଛି। ବିଶେଷ କରି ଯେଉଁ ଭୋଟର ୨୦୦୨ରେ ଗ୍ରାମାଞ୍ଚଳର ଭୋଟର ଥିଲେ ଏବଂ ୨୦୨୫ରେ ସହରାଞ୍ଚଳର ଭୋଟର ତାଲିକାରେ ଯୋଡ଼ି ହୋଇଛନ୍ତି ସେମାନଙ୍କ କ୍ଷେତ୍ରରେ ସମସ୍ୟା ସୃଷ୍ଟିହେଉଛି ବୋଲି କହିଛନ୍ତି। ୨୦୦୨ ଓ ୨୦୨୫ ଭୋଟର ତାଲିକାରେ ନାମ ଯାଞ୍ଚ ପାଇଁ ନିକଟସ୍ଥ ବିଏଲଓ ଏବଂ ଡିଜିଟାଲ ମାଧ୍ୟମରେ ଇସିଆଇ ନେଟ୍ ପୋର୍ଟାଲ ଏବଂ ମୋବାଇଲ, ଭୋଟର ସର୍ଭିସ୍ ପୋର୍ଟାଲ ଓ ସିଇଓ ଓଡ଼ିଶା ୱେବସାଇଟରେ ଯାଞ୍ଚ କରିବାକୁ କୁହାଯାଇଛି।

## ପାରାଦୀପରେ ୭୫୦ କୋଟି ବ୍ୟୟରେ ସଲଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟ୍ ଲୋକାର୍ପିତ

# ଗୁଜରାଟ ଭଳି ଓଡ଼ିଶାର ହେବ ବିକାଶ: ଶାହ

**ପାରାଦୀପ/ଭୁବନେଶ୍ୱର/କଟକ, (ପିପିଏସ୍):**

ବିଗତ ଦୁଇ ଦଶନ୍ଧି ଧରି ଓଡ଼ିଶାରେ କ୍ଷମତାସୀନ ଥିବା ନବୀନ ପଟ୍ଟନାୟକ ସରକାର ଜନସାଧାରଣଙ୍କ ସେବା କରିବା ପରିବର୍ତ୍ତେ ଜନାଦେଶକୁ ଲୋକଙ୍କ 'ବାଧବାଧକତା' ବୋଲି ଭାବୁଥିଲେ। ନା ସେମାନେ ସମବାୟ କ୍ଷେତ୍ର ପାଇଁ କିଛି ପଦକ୍ଷେପ ନେଲେ ନା ଦୁଗ୍ଧ ଚାଷୀ ଓ କୃଷକଙ୍କ ପାଇଁ କୌଣସି ଯୋଜନା କଲେ। ଯୋଜନାବଦ୍ଧ ଭାବେ ଓଡ଼ିଶାର ଗ୍ରାମାଞ୍ଚଳର ଅର୍ଥନୀତିକୁ ପଙ୍ଗୁ କରିଦିଆଯାଇଛି। ଆଜି ଏଭଳି କିଛି ଢଙ୍ଗରେ କଡ଼ା ଭାଷାରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ସିଧାସଳଖ ଟାର୍ଗେଟ୍ କରିଛନ୍ତି ବିଜେପି ଚାଣକ୍ୟ ତଥା କେନ୍ଦ୍ର ଗୃହ ଓ ସହକାରିତା ମନ୍ତ୍ରୀ ଅମିତ୍ ଶାହ। ଦିନିକିଆ ଓଡ଼ିଶା ଗସ୍ତରେ ଆସି ବିଭିନ୍ନ ୩୨୭୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିବା ସହ ୬ଟି ପ୍ରକଳ୍ପ ପାଇଁ ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି।



- ❑ଓଡ଼ିଶାର ଶିଳ୍ପକ୍ଷେତ୍ରରେ ନୂତନ ଅଧ୍ୟାୟର ଆରମ୍ଭ
- ❑ଖୁବ୍‌ଶୀଘ୍ର ବଡ଼ମ୍ବା ଓ ନୟାଗଡ଼ ଚିନିକଳ
- ❑୬ଟି ପ୍ରକଳ୍ପ ପାଇଁ ଏମ୍ଓୟୁ ସ୍ୱାକ୍ଷରିତ

ଏହାସହିତ ବିକଶିତ ଓଡ଼ିଶାର ବ୍ଲୁପ୍ରିଣ୍ଟ ଦେଇ ଶ୍ରୀ ଶାହ ରାଜ୍ୟରେ ସବୁ ବନ୍ଦ ପଡ଼ିଥିବା ଚିନି କଳ ଖୋଲିବା ଓ ଶ୍ୱେତ ବିପ୍ଳବ ପାଇଁ ସବୁ ପ୍ରକାରର ସହାୟତା ଯୋଗାଇ ଦେବା ନିମନ୍ତେ କେନ୍ଦ୍ର ସରକାର ପ୍ରସ୍ତୁତ ଓ ରାଜ୍ୟ ସରକାରଙ୍କ ସହାୟତାରେ ଏହାକୁ କାର୍ଯ୍ୟକାରୀ କରାଯିବ। ଓଡ଼ିଶାବାସୀଙ୍କ ଆଶୀର୍ବାଦରେ ଏବେ ରାଜ୍ୟର ଅଟକି ଯାଇଥିବା ବିକାଶ ରଥ ଆଗକୁ ବଢ଼ିବ ବୋଲି କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ ରାଜ୍ୟରେ ବନ୍ଦ ପଡ଼ିଥିବା ସମସ୍ତ ଚିନି କଳକୁ ପୁନରୁଦ୍ଧାର କରିବା ପାଇଁ କେନ୍ଦ୍ର ସମବାୟ ମନ୍ତ୍ରଣାଳୟ ସହଯୋଗ ଯୋଗାଇ ଦେବ ବୋଲି କହିଛନ୍ତି। ନୟାଗଡ଼ ଚିନିକଳ ସମେତ ପୂର୍ବ ସରକାର ଅମଳରେ ରାଜ୍ୟରେ ଯେତେ ଚିନିକଳ ବନ୍ଦ ହୋଇଯାଇଥିଲା, ସେଗୁଡ଼ିକର ପ୍ରସ୍ତାବ ପଠାଇବା ପାଇଁ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କହିବା ସହ ଆଇପିଏଲ୍ ସହାୟତାରେ ଚିନି କଳର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେବ ବୋଲି ଘୋଷଣା କରିଛନ୍ତି। ଆଗାମୀ ଦିନରେ ଗୁଜୁରାଟ ଭଳି ଓଡ଼ିଶାରେ 'ଶ୍ୱେତ ବିପ୍ଳବ' ଆଣି ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରାଯିବର ବ୍ଲୁପ୍ରିଣ୍ଟ ରଖିଛନ୍ତି ଶ୍ରୀ ଶାହ। ସେ କହିଛନ୍ତି ଯେ ଗୁଜରାଟର ଅମୂଲ ମଡେଲ ଭଳି ଓଡ଼ିଶାର ପ୍ରତିଟି ଗାଁରେ ସମବାୟ ସମିତି ଗଠନ କରାଯିବ। ଗୁଜୁରାଟରେ ୩୬ ଲକ୍ଷରୁ ଅଧିକ ମହିଳା ଅମୂଲକୁ ଚଳାଉଛନ୍ତି, ସେହିଭଳି ଓଡ଼ିଶାର ମହିଳାମାନେ ମଧ୍ୟ ଦୁଗ୍ଧ ଉତ୍ପାଦନ ମାଧ୍ୟମରେ ଆତ୍ମନିର୍ଭରଶୀଳ ହେବେ। ପୂର୍ବ ସରକାର ଦୁଗ୍ଧ ଚାଷୀଙ୍କ ପାଇଁ କିଛି କଲେନି, ୨୦ବର୍ଷ ଧରି ଅନ୍ଧକାର ପରେ ଏବେ ଓଡ଼ିଶାରେ ସମୃଦ୍ଧିର ସୂର୍ଯ୍ୟ ଉଦୟ ହୋଇଛି ଓ ଡବଲ ଇଞ୍ଜିନ ସରକାର ଓଡ଼ିଶାକୁ ବିଶ୍ୱର ଏକ ପ୍ରମୁଖ ବିକଶିତ ରାଜ୍ୟରେ ପରିଣତ କରାଇବେ ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି। ରାଜ୍ୟରେ ମତ୍ସ୍ୟ ଚାଷକୁ ମଧ୍ୟ ସମବାୟ ଶକ୍ତି ମାଧ୍ୟମରେ ଅଧିକ ପ୍ରୋତ୍ସାହିତ କରାଯିବ। ଫଳରେ ଖାଦ୍ୟ ରପ୍ତାନୀ କ୍ଷେତ୍ରରେ ଓଡ଼ିଶା ଏକ ଲାଭବାନ ରାଜ୍ୟ ହୋଇପାରିବ ବୋଲି ସେ କହିଥିଲେ। ରାଜ୍ୟର ଉପକୂଳର ସମତଳ ଅଞ୍ଚଳଠାରୁ ଆରମ୍ଭ କରି ପଶ୍ଚିମ ଓଡ଼ିଶାର ପାହାଡ଼ିଆ ଅଂଚଳ ଓ ଜନଜାତି ଅଂଚଳ ପର୍ଯ୍ୟନ୍ତ ସବୁ ସ୍ଥାନର ହସ୍ତଶିଳ୍ପ ଓ ଶିଳ୍ପର ବିକାଶ ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ ସରିଛି। ମହାନଦୀର ଉର୍ବର ଅବବାହିକା ଓ ଚିଲିକାର ବିଶାଳ ଜଳରାଶିର କିଭଳି ସଠିକ୍ ସମନ୍ୱୟ ରକ୍ଷା କରାଯାଇ ପାରିବ, ସେନେଇ ମଧ୍ୟ ପ୍ଲାନିଂ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି। ଏହି ଅବସରରେ ଶ୍ରୀ ଶାହା ପାରାଦୀପ ଇଫକୋ ୟୁନିଟରେ ସଲଫ୍ୟୁରିକ୍ ଏସିଡ୍ ପ୍ଲାଂଟର ତୃତୀୟ ଷ୍ଟ୍ରିମକୁ ଲୋକାର୍ପଣ କରି ଓଡ଼ିଶାକୁ ଏକ ଶିଳ୍ପ ସମୃଦ୍ଧ ରାଜ୍ୟ କରିବା ଦିଗରେ କେନ୍ଦ୍ର ସରକାରଙ୍କ ସଂକଳ୍ପକୁ ଦୋହରାଇଛନ୍ତି। ଓଡ଼ିଶାବାସୀଙ୍କ ଜନାଦେଶ ଏବେ ଆଶୀର୍ବାଦ ପାଲଟିଛି ଏବଂ ଆଗାମୀ ଦିନରେ ରାଜ୍ୟବାସୀ ଏହାର ପ୍ରକୃତ ସୁଫଳ ପାଇବେ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଶିଳ୍ପମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ ଏବଂ ଜଗତସିଂହପୁର ସାଂସଦ ବିଭୁ ତରାଇ ପ୍ରମୁଖ ଉପସ୍ଥିତ ରହିଥିଲେ।

## ନବୀନଙ୍କ ଶାସନକୁ ଶାହଙ୍କ ଟାର୍ଗେଟ୍
### '୨୦ବର୍ଷର କ୍ଷତିକୁ ୫ବର୍ଷରେ ପୂରଣ କରିବୁ'

**ଭୁବନେଶ୍ୱର,(ପିପିଏସ୍):** ଓଡ଼ିଶାରେ ଯାହା ଦୁଇ ଦଶନ୍ଧି ମଧ୍ୟରେ ହୋଇନଥିଲା, ତାହା ଏବେ ସମ୍ଭବ ହେଲା। ଆମେ ବିକାଶର ନୂଆ ଦିଗ ଦେଖାଇଲୁ। ନାଗରିକଙ୍କୁ ଅଧିକାର ଦେଲୁ। ଆଜି ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ନୂତନ ନ୍ୟାୟ ସଂହିତା ପ୍ରଦର୍ଶନୀର ଉଦଘାଟନ କରି ବିଜେଡି ସରକାର ଉପରେ ବର୍ଷିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। କହିଛନ୍ତି ପୂର୍ବ ସରକାର ଜନାଦେଶକୁ



**ପ୍ରତିଟି ଗାଁରେ ପହଞ୍ଚିବ ଡାଏରୀ**

ବାଧ୍ୟବାଧକତା ଭାବୁଥିଲେ ଏବଂ ୨୦ବର୍ଷ ଧରି ଶାସନକରି ରାଜ୍ୟର ବିକାଶକୁ ଠପ୍ କରିଦେଲେ। ଏବେ ଭାରତ ଦ୍ରୁତଗତିରେ ବଢୁଥିବା ଅର୍ଥ ବ୍ୟବସ୍ଥା ବୋଲି କହିଛନ୍ତି ଶାହ। ସେହିଭଳି କଂଗ୍ରେସକୁ ବି ତୀବ୍ର ସମାଲୋଚନା କରି କଂଗ୍ରେସ ଦେଶର ରାଜନୀତିକୁ ନକରାତ୍ମକ ଦିଗକୁ ନେଉଥିବା କହିଛନ୍ତି। ଦିଲ୍ଲୀ ଏଆଇ ସମ୍ମିଳନୀରେ କଂଗ୍ରେସ ପୋଷାକ ଓହ୍ଲାଇ ଆନ୍ଦୋଳନ କରିବା ଘଟଣାର ଉଦାହରଣ ଦେଇ ଏଭଳି କହିଛନ୍ତି ଶାହ। କଂଗ୍ରେସ ଓ ରାହୁଲ ଗାନ୍ଧୀଙ୍କ ନକାରାତ୍ମକ ରାଜନୀତିକୁ କଡ଼ା ସମାଲୋଚନା କରି ଶାହା କହିଛନ୍ତି ଯେ ଦେଶ ବିରୋଧୀ ମାନସିକତା ରଖୁଥିବା ଲୋକଙ୍କୁ ଜନସାଧାରଣ ଉଚିତ୍ ଜବାବ ଦେବେ। ଓଡ଼ିଶାବାସୀ ଏବେ ଜଣେ ଓଡ଼ିଆ ଭାଷା କହୁଥିବା ମୁଖ୍ୟମନ୍ତ୍ରୀଙ୍କୁ ପାଇଛନ୍ତି, ଯିଏ ଲୋକଙ୍କ କୋହ ଓ ମାଟିର ଭାଷାକୁ ବୁଝିପାରୁଛନ୍ତି। ମୋହନ ମାଝୀଙ୍କ ସରକାର ଦାୟିତ୍ୱ ନେବାର ଅଳ୍ପ ଦିନ ମଧ୍ୟରେ ୩୧୦୦ ଟଙ୍କାରେ ଧାନ କିଣିବା ଓ ଏକ କୋଟିରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରିବା ଭଳି ଐତିହାସିକ ନିଷ୍ପତ୍ତି ନେଇଥିବା କହିଛନ୍ତି ଶାହ।

## ଓଡ଼ିଶାରୁ ସାତ୍ତ୍ୱିକ, ସାଇ ଓ ବିଶାଳ

**ଭୁବନେଶ୍ୱର/କଟକ,(ପିପିଏସ୍):** ସର୍ବଭାରତୀୟ ସ୍ତରରେ ୧୦୦ତମ ରାଙ୍କ ରଖି ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି ସାତ୍ତ୍ୱିକ। ପାଠ ପଢ଼ିବା ସହିତ ଚାକିରି ମଧ୍ୟ କରୁଥିଲେ। ଉଭୟ କାର୍ଯ୍ୟକୁ ସମାନ ଢଙ୍ଗରେ ନିର୍ବାହ କରୁଥିଲେ। ପାଠପଢ଼ା ପାଇଁ ଉଦ୍ଦିଷ୍ଟ ଟାଇମ ଟେବୁଲରେ ପଢୁଥିଲେ। ଏଥିପାଇଁ ତାଙ୍କ ପ୍ରେରଣା ସାଜିଥିଲେ ବାପା ଓ ମାଆ। ବାପା ପ୍ରଶାସନିକ କ୍ଷେତ୍ରରେ କାର୍ଯ୍ୟ କରିଥିବା ବେଳେ



ତାଙ୍କ ପ୍ରେରଣାରେ ୟୁପିଏସସି ପରୀକ୍ଷା ଦେବା ପାଇଁ ଚେଷ୍ଟା ଜାରି ରଖିଥିଲେ। ସେହିପରି ମାଆଙ୍କ ଗାଇଡ୍ ଓ ପ୍ରେରଣା ତାଙ୍କୁ ସଫଳତା ଦେଇଥିବା କହିଛନ୍ତି ସାତ୍ତ୍ୱିକ। ସର୍ବ ଭାରତୀୟ ସ୍ତରରେ ୨୮୫ତମ ରାଙ୍କ ରଖିଛନ୍ତି, ସାଇ ରମଣ ପାତ୍ର। ସଫଳତା ପରେ ନିଜ ପ୍ରତିକ୍ରିୟା ରଖି ସାଇ କହିଛନ୍ତି ଯେ ସିଲାବସକୁ ପ୍ରଥମେ ବୁଝିବା ଆବଶ୍ୟକ। ଦୈନିକ ୮-୧୦ ଘଣ୍ଟା ପରୀକ୍ଷା ପାଇଁ ପରିଶ୍ରମ କରିବାକୁ ପଡୁଥିଲା। ରେଭିନ୍ୟୁ ଚାକିରିରେ ରହିବାକୁ ଇଚ୍ଛା ପ୍ରକାଶ କରିଛି। କିନ୍ତୁ ଯେହେତୁ ମୋର ଆଉ ଗୋଟେ ଚାନସ ରହିଛି, ମୁଁ ଆଉ ଥରେ ଚେଷ୍ଟା କରିବି। ଯାହା ଏବେଠାରୁ ଆହୁରି ଭଲ କରିବା ପାଇଁ ଚେଷ୍ଟା କରିବି ବୋଲି ସେ କହିଛନ୍ତି। ସେହିଭଳି ସର୍ବ ଭାରତୀୟ ସ୍ତରରେ ୩୪୧ତମ ରାଙ୍କ ରଖିଛନ୍ତି ବିଶାଳ ପଟ୍ଟନାୟକ। ସେ କଟକର ସିଟି ଏବଂ ଜିଏସଟି କାର୍ଯ୍ୟାଳୟରେ ବର୍ତ୍ତମାନ ଆସିଷ୍ଟାଣ୍ଟ କମିଶନର ଭାବେ କାର୍ଯ୍ୟ କରୁଛନ୍ତି। ତେବେ ଆଜି

### ୟୁପିଏସ୍‌ସି ସିଭିଲ୍ ପରୀକ୍ଷା

ଫଳାଫଳ ପ୍ରକାଶ ପାଇବା ପରେ ବିଶାଳ ଆନନ୍ଦରେ ବିଭୋର ହୋଇଯାଇଥିଲେ। ୫ ଥର ଚେଷ୍ଟା କରିବା ପରେ ସେ ଏହି ସଫଳତା ଅର୍ଜନ କରିଛନ୍ତି। ସବୁଠୁ ବଡ଼ କଥା ହେଉଛି କି, ଚାକିରିରେ ଥାଇ ମଧ୍ୟ ସେ ଦୈନିକ ୮ଘଣ୍ଟା ପରିଶ୍ରମ କରୁଥିଲେ। ଅଫିସ ସମୟରେ ବହୁତ ଚାପରେ ଥାଇ ବି ଅଫିସରୁ ଘରକୁ ଗଲେ ଆରମ୍ଭ କରି ଦିଅନ୍ତି ପାଠପଢା। ଛୁଟି ମିଳିଲେ ଦୈନିକ ୧୪ରୁ ୧୬ ଘଣ୍ଟା ପାଠ ପଢିଥାନ୍ତି ବିଶାଳ। ସେ ୪ଥର ପୂର୍ବରୁ ଏହି ୟୁପିଏସ୍‌ସି ପରୀକ୍ଷା ଦେଇଥିଲେ ବି କୃତକାର୍ଯ୍ୟ ହୋଇ ପାରି ନଥିଲେ। ତଥାପି ସେ କେବେ ବି ଭାଙ୍ଗି ପଡି ନଥିଲେ। ତାଙ୍କର ବିଶ୍ୱାସ ଥିଲା କି ସେ ନିଶ୍ଚୟ କୃତକାର୍ଯ୍ୟ ହେବେ।

## ଅନୁଜ ଆଇଏଏସ୍ ଟପ୍ପର

**ନୂଆଦିଲ୍ଲୀ,(ପିପିଏସ୍):**

ସିଭିଲ ସର୍ଭିସେସ ପରୀକ୍ଷା(ସିଏସ୍‌ଇ) ୨୦୨୫ର ଚୂଡ଼ାନ୍ତ ରେଜଲ୍ଟ ଆଜି ୟୁପିଏସ୍‌ଇ ପକ୍ଷରୁ ଘୋଷଣା କରାଯାଇଛି। ଯେଉଁ ଆଶାୟୀମାନେ ଏହି ପରୀକ୍ଷା ଦେଇଛନ୍ତି, ସେମାନେ ଚୂଡ଼ାନ୍ତ ମେରିଟ ଲିଷ୍ଟକୁ ଅଫିସିଆଲ ୱେବସାଇଟ upsc.gov.inରେ ଦେଖିପାରିବେ। ଆଶାୟୀଙ୍କ ଲିଖିତ ପରୀକ୍ଷା ଓ ପର୍ସନାଲ ଟେଷ୍ଟ(ସାକ୍ଷାତକାର)କୁ ଆକଳନ କରି ଚୂଡ଼ାନ୍ତ ରେଜଲ୍ଟ ଆଜି ଜାରି କରାଯାଇଛି। ଦେଶର ବିଭିନ୍ନ ପ୍ରଶାସନିକ ସେବାରେ ନିଯୁକ୍ତି ପାଇଁ ପ୍ରାର୍ଥୀଙ୍କ ନାଁ ଓ ରୋଲ ନମ୍ବରକୁ ୟୁପିଏସ୍‌ସି ପିଡିଏଫ ଜରିଆରେ ସାର୍ବଜନୀନ କରିଛନ୍ତି। ବିଭିନ୍ନ ପ୍ରଶାସନିକ ସେବାରେ ୧୦୮୭ ପଦ ଖାଲି ରହିଥିବା ବେଳେ ୯୫୮ ଜଣଙ୍କ ନାଁ ସିଏସ୍‌ଇ ପରୀକ୍ଷା ୨୦୨୫ ଜରିଆରେ ନିଯୁକ୍ତି ପାଇଁ ପ୍ରସ୍ତାବ ଦିଆଯାଇଛି। କମିଶନ ପକ୍ଷରୁ ୨୫୮ ଜଣଙ୍କୁ ସଂରକ୍ଷିତ ତାଲିକାରେ ରଖାଯାଇଥିବା ବେଳେ ୩୪୮ ଜଣଙ୍କ ନାଁ ପ୍ରୋଭିଜନାଲ ଭାବେ ପ୍ରସ୍ତାବ ଦିଆଯାଇଛି। ଅତିରିକ୍ତ ଭାବେ ୨ ଜଣ ଆଶାୟୀଙ୍କ ରେଜଲ୍ଟକୁ ସ୍ଥଗିତ ରଖାଯାଇଥିବା ୟୁପିଏସ୍‌ସି ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ସିଏସ୍‌ଇ ଆଶାୟୀମାନେ ଆଇଏଏସ୍, ଆଇପିଏସ୍, ଆଇଏଫଏସ, ଆଇଆରଏସ୍ ଓ ଭାରାତୀୟ ଟ୍ରେଡ ସର୍ଭିସ ଓ କେନ୍ଦ୍ରୀୟ ସେବାର ଗ୍ରୁପ ଏ ଓ ଗ୍ରୁପ ବି ପଦରେ ନିଯୁକ୍ତ ପାଇବେ। ସିଏସ୍‌ଇ ୨୦୨୫ ଜରିଆରେ ୟୁପିଏସ୍‌ସି କେନ୍ଦ୍ର ସରକାରଙ୍କ ବିଭିନ୍ନ ପ୍ରଶାସନିକ ସେବାରେ ଖାଲିଥିବା ୭୭୯ଟି ପଦକୁ ପୂରଣ କରିବା ପାଇଁ ଲକ୍ଷ୍ୟ ରଖିଛି। ସିଏସ୍‌ଇ ୨୦୨୫ରେ ୨୭୩୬ଜଣ ଆଶୟୀ ସାକ୍ଷାତକାରକୁ ଆସିଥିଲେ। ସମସ୍ତଙ୍କୁ ପଛରେ ପକାଇ ୟୁପିଏସ୍‌ଇର ସିଏସ୍‌ଇ ୨୦୨୫ରେ ଟପ୍ପର ହୋଇଛନ୍ତି ରାଜସ୍ଥାନର ଅନୁଜ ଅଗ୍ନିହୋତ୍ରୀ। ସେହିପରି



ରାଜେଶ୍ୱରୀ ସୁଭେ ଦ୍ୱିତୀୟ ଓ ଅକଂଶ ଧୂଲ ତୃତୀୟ ସ୍ଥାନରେ ରହିଛନ୍ତି। ୪ର୍ଥ ସ୍ଥାନରେ ରାଘବ ଝୁନଝୁନୱାଲା, ୫ମରେ ଈଶାନ ଭଟ୍ଟନାଗର, ୬ଷ୍ଠରେ ଜିନିଆ ଅରୋରା, ୭ମରେ ଏଆର ରାଜା ମୋହିଦ୍ଦିନ, ୮ମରେ ପକଶାଲ, ୯ମରେ ଆସ୍ଥା ଜୈନ ଓ ୧୦ମରେ ଉଜ୍ଜ୍ୱଳ ପ୍ରିୟଙ୍କ ଅଛନ୍ତି। ଜେନେରାଲ ବର୍ଗର ୩୧୭ ଜଣ, ଆର୍ଥିକ ଦୁର୍ବଳ ବର୍ଗର ୧୦୪ ଜଣ, ଓବିସି ବର୍ଗର ୩୦୬ ଜଣ, ଏସ୍‌ସି ବର୍ଗର ୧୫୮ ଜଣ, ଏସ୍‌ଟି ବର୍ଗର ୭୩ ଜଣ ଆଶାୟୀ କୃତକାର୍ଯ୍ୟ ହୋଇଛନ୍ତି।

## ସପ୍ତାହାନ୍ତ ବିଚାର
### କାଠଗଡ଼ାରେ ଛିଡ଼ା ତଦନ୍ତକାରୀ ସଂସ୍ଥା

## ବାଟେଘାଟେ



ନବୀନ ବାବୁଙ୍କ ସମଦୂରତାଟି
ରାଜନୀତି ହୋଲିଖେଳରେ
ପାଣିଚିଆ ହୋଇ ରଙ୍ଗ ବୋହିଗଲା
ରାଜ୍ୟସଭା ସଭ୍ୟ ମେଣ୍ଟରେ
କେବଳ କ୍ଷମତା ଲୋଭରେ
ପଦ୍ମବନକୁ ପର କରି ଦେଇ
ଚୁମ୍ବା ଦେଲେ କଟା ହାତରେ
ଡାକ୍ତର ହୋତା ମଲମ ମାରନ୍ତି
ଯିବାପାଇଁ ନୂଆଦିଲ୍ଲୀରେ
ବିଜୁବାବୁଙ୍କର ଧରମ ପୁଅଟା
କଣ୍ଟାସାଜିଛି ବାଟରେ
ନିଲାମ ଚାଲିଛି ହାଟରେ -ରାହୀ

## ରାଜ୍ୟସଭା ରେସ୍
# ୫ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର କାଏମ୍

**ଭୁବନେଶ୍ୱର,(ପିପିଏସ୍):**

ରାଜ୍ୟର ୪ଟି ରାଜ୍ୟସଭା ଆସନ ପାଇଁ ୫ଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ ରହିଛି। ବିଜେପି ପ୍ରାର୍ଥୀ ମନମୋହନ ସାମଲ ଓ ସୁଜିତ୍ କୁମାରଙ୍କ ସମେତ ବିଜେଡିର ସନ୍ତୃପ୍ତ ମିଶ୍ର ଏବଂ ଦୁଇ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ଓ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। କୌଣସି ବିଧାୟକ ପ୍ରସ୍ତାବକ ନଥିବାରୁ ହାଇଦ୍ରାବାଦର କାନ୍ତେ ସାୟାନ୍ନାଙ୍କ ନାମାଙ୍କନ ପତ୍ର ଖାରଜ ହୋଇଛି ବୋଲି ବିଧାନସଭା ସଚିବାଳୟ ସୂତ୍ରରୁ ଜଣାପଡ଼ିଛି। ରାଜ୍ୟସଭା ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲବେଳେ ଦେଇଥିବା ସତ୍ୟପାଠରୁ ଜଣାପଡ଼ିଛି ଯେ ଏହି ୫ଜଣ ପ୍ରାର୍ଥୀଙ୍କ ମଧ୍ୟରେ ସନ୍ତୃପ୍ତ ମିଶ୍ର ସର୍ବାଧିକ ଧନୀ ପ୍ରାର୍ଥୀ। ମୋଟ ପ୍ରାୟ ୫୯୫.୧୪କୋଟି ଟଙ୍କାର ସ୍ଥାବର-ଅସ୍ଥାବର ସମ୍ପତ୍ତିର ସେ ଓ ତାଙ୍କ ପତ୍ନୀ ଅଳକା ମିଶ୍ର ହେଉଛନ୍ତି ମାଲିକ। ସେହିପରି ଦ୍ୱିତୀୟ ସ୍ଥାନରେ ଦିଲ୍ଲୀପ ରାୟ ଅଛନ୍ତି। ଶ୍ରୀ ରାୟଙ୍କ ମୋଟ ସମ୍ପତ୍ତି ପ୍ରାୟ ୪୫୭କୋଟି ଟଙ୍କା ରହିଛି,ଯେଉଁଥିରେ ତାଙ୍କ ପତ୍ନୀ ପୂଜା ରାୟଙ୍କ ନାଁରେ ପ୍ରାୟ ୨୦କୋଟି ଟଙ୍କାର ସମ୍ପତ୍ତି ରହିଛି। ସେହିପରି ତୃତୀୟ ଧନୀ ପ୍ରାର୍ଥୀ ଭାବେ ଡାକ୍ତର ଦତ୍ତେଶ୍ୱର ହୋତା ମୋଟ ୧୨.୮୫କୋଟି ଟଙ୍କାର ସ୍ଥାବର-ଅସ୍ଥାବର ସମ୍ପତ୍ତିର ମାଲିକ ହୋଇଥିବାବେଳେ ଚତୁର୍ଥ ଧନୀ ପ୍ରାର୍ଥୀ ହେଉଛନ୍ତି ସୁଜିତ୍ କୁମାର। ତାଙ୍କ ପାଖରେ ପ୍ରାୟ ୬.୬୯କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମଧ୍ୟ ରହିଛି। ଆଉ ଧନୀ ପ୍ରାର୍ଥୀ ତାଲିକାରେ ପଞ୍ଚମ ତଥା ଶେଷରେ ମନମୋହନ ସାମଲ ରହିଛନ୍ତି।

**❑ ସନ୍ତୃପ୍ତ ସବୁଠୁ ଧନୀ, ଦ୍ୱିତୀୟରେ ଦିଲ୍ଲୀପ୍**

ତାଙ୍କର ମୋଟ ସମ୍ପତ୍ତିର ପରିମାଣ ପ୍ରାୟ ୪.୭୫ କୋଟି ଟଙ୍କା ବୋଲି ଜଣାପଡ଼ିଛି। ସୁଜିତ୍ କୁମାର,ସନ୍ତୃପ୍ତ ମିଶ୍ର ଓ ଦତ୍ତେଶ୍ୱର ହୋତାଙ୍କ ନାଁରେ କୌଣସି ଅପରାଧିକ ମାମଲା ନଥିବାବେଳେ ମନମୋହନ ସାମଲଙ୍କ ନାଁରେ ୪ଟି କେସ୍ ବିଚାରାଧୀନ ରହିଛି। ସେହିପରି ଦିଲ୍ଲୀପ ରାୟଙ୍କ କୋଇଲା ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ ମଧ୍ୟ ତାଙ୍କ ଜେଲ୍ ଦଣ୍ଡାଦେଶ ଉପରେ ହାଇକୋର୍ଟଙ୍କ ରହିତାଦେଶ ରହିଛି।



ଏହି ୫ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ସୁଜିତ୍ କୁମାର ଆମେରିକାର ହାଭାର୍ଡ ବିଶ୍ୱବିଦ୍ୟାଳୟରୁ ପବ୍ଲିକ୍ ଆଡମିନିଷ୍ଟ୍ରେସନରେ ମାଷ୍ଟରଡିଗ୍ରୀ ହାସଲ କରିଥିବାବେଳେ ସନ୍ତୃପ୍ତ ବ୍ରିଟେନର ଆଷ୍ଟନ ବିଶ୍ୱବିଦ୍ୟାଳୟର ଡିଗ୍ରୀଧାରୀ ଅଛନ୍ତି। ସୁଜିତ୍, ଦିଲ୍ଲୀପ ରାୟ ଓ ମନମୋହନ ସାମଲଙ୍କ ପାଖରେ ଆଇନ ଡିଗ୍ରୀ ରହିଛି। ସବୁ ଆଶାୟୀଙ୍କୁ ପଛରେ ପକାଇ ବିଜେଡିର ରାଜ୍ୟସଭା ପ୍ରାର୍ଥୀ ହୋଇଛନ୍ତି ସନ୍ତୃପ୍ତ। ସେ ଦାଖଲ କରିଥିବା ସତ୍ୟପାଠ ଅନୁସାରେ, ମୋଟ ୫୯୫.୧୪କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ତାଙ୍କ ପାଖରେ ଅଛି। ସେଥିରେ ପତ୍ନୀ ଅଳକାଙ୍କ ନାଁରେ ୨୦.୪୮କୋଟି ଟଙ୍କାର ଅସ୍ଥାବର ଓ ୮.୬୮କୋଟି ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି। ୬୦ବର୍ଷୀୟ ସନ୍ତୃପ୍ତଙ୍କର ନିଜସ୍ୱ ଅସ୍ଥାବର ସମ୍ପତ୍ତି ୫୧୨.୯୦କୋଟି ଟଙ୍କା ଓ ସ୍ଥାବର ସମ୍ପତ୍ତିର ପରିମାଣ ୫୩.୦୬କୋଟି ଟଙ୍କା। ସେହିଭଳି ରାଜ୍ୟସଭା ନିର୍ବାଚନରେ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ହେଉଛନ୍ତି ବିଜେପି ନେତା ଦିଲ୍ଲୀପ ରାୟ। ତାଙ୍କର ମୋଟ ସମ୍ପତ୍ତି ପ୍ରାୟ ୪୩୭କୋଟି ଟଙ୍କା ଓ ତାଙ୍କ ପତ୍ନୀ ପୂଜା ରାୟଙ୍କ ପାଖରେ ପ୍ରାୟ ୨୦କୋଟି ଟଙ୍କାର ସମ୍ପତ୍ତି ରହିଛି। ସତ୍ୟପାଠ ଅନୁସାରେ ୭୪ବର୍ଷୀୟ ଶ୍ରୀ ରାୟଙ୍କ ପାଖରେ ପ୍ରାୟ ୩୯୧.୬୨କୋଟି ଟଙ୍କାର ଅସ୍ଥାବର ଓ ପ୍ରାୟ ୪୫.୫୦ କୋଟି ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି। ଶ୍ରୀ ରାୟଙ୍କର ଭୁବନେଶ୍ୱର, ରାଉରକେଲା, ନୂଆଦିଲ୍ଲୀ ଓ ପଶ୍ଚିମବଙ୍ଗର ଜଳପାଇଗୁଡ଼ି ଭଳି ସ୍ଥାନରେ ତାଙ୍କର ଏକାଧିକ ଆବାସିକ ଗୃହ ଓ ଆପାର୍ଟମେଂଟ ରହିଛି, ଯାହାର ବଜାର ମୂଲ୍ୟ ପ୍ରାୟ ୪୫ କୋଟି ୫୦ ଲକ୍ଷ ଟଙ୍କା ହେବ ବୋଲି ସେ ଦର୍ଶାଇଛନ୍ତି। ତାଙ୍କ ପତ୍ନୀଙ୍କ ନାମରେ ମଧ୍ୟ ପଶ୍ଚିମବଙ୍ଗର ଦାର୍ଜିଲିଂ ଏବଂ ଉତ୍ତର ୨୪ ପ୍ରଗଣାରେ ପ୍ରାୟ ୮ କୋଟି ଟଙ୍କାର ସମ୍ପତ୍ତି ରହିଛି। ଏହାବ୍ୟତୀତ ତାଙ୍କ ପତ୍ନୀ ପୂଜାଙ୍କ ପାଖରେ ପ୍ରାୟ ୧୧.୧୭ କୋଟି ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ତାଙ୍କ ବିରୁଦ୍ଧରେ ସମ୍ବଲପୁର ଭିଜିଲାନ୍ସ ଓ କଟକ ଭିଜିଲାନ୍ସରେ ଦୁଇଟି ମାମଲା ଥିବାବେଳେ କୋଇଲା ବ୍ଲକ ଆବଣ୍ଟନ ଦୁର୍ନୀତିରେ ୨୦୨୦ ମସିହାରେ ସିବିଆଇ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲା। ୩ବର୍ଷ ଜେଲ ଦଣ୍ଡାଦେଶ ହୋଇଥିଲା କିନ୍ତୁ ଦିଲ୍ଲୀ ହାଇକୋର୍ଟ ଏହି ଦଣ୍ଡ ଉପରେ ରହିତାଦେଶ ଜାରି କରିଛନ୍ତି।

## ଆସୁଛି ବଡ଼ବର୍ଷା ! ଆଜିଠୁ ୩ ଦିନ ପର୍ଯ୍ୟନ୍ତ ବର୍ଷିବ

**ଭୁବନେଶ୍ୱର,(ପିପିଏସ୍):**

ରାଜ୍ୟରେ ଆସୁଛି ଏକ ବଡ଼ ବର୍ଷା। ଶନିବାରଠାରୁ ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବର୍ଷାର ସମ୍ଭାବନା ନେଇ ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ ବିଭାଗ। ବିଶେଷ କରି ଉତ୍ତର ଉପକୂଳବର୍ତ୍ତୀ ଜିଲ୍ଲା ଗୁଡ଼ିକର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଏଥିଲାଗି ୧୨ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୮ ତାରିଖ ଲାଗି ୨୪ଟି ଜିଲ୍ଲାକୁ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏଥିମଧ୍ୟରୁ ୪ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣ ଜାରି ହୋଇଛି। ଏହି ଜିଲ୍ଲାଗୁଡିକରେ ବିଜୁଳି ଘଡ଼ଘଡି ସହ ପ୍ରବଳ ବର୍ଷା ହେବା ସହ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିପାରେ। ସେହିଭଳି ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକରେ ବିଜୁଳି ଘଡଘଡି ବର୍ଷା ସହ ୩୦ରୁ ୪୦ କିମି ବେଗରେ ପବନ ବହିବ। ସେହିପରି ପ୍ରବଳ ଗୁଳୁଗୁଳି ନେଇ ବି ସତର୍କ କରାଇଛି ପାଣିପାଗ ବିଭାଗ।



# ଟି ଟାଇମ୍

## ଆଜିର ରାଶିଫଳ

**ମେଷ** — ଆପଣଙ୍କ ଆଖପାଖର ସକାରାତ୍ମକ ଶକ୍ତି ବଜାୟ ରହିବ। ଲୋକ ଆପଣଙ୍କ ବ୍ୟବହାରରେ ଖୁସି ରହିବେ। ବଡ଼ ବ୍ୟବସାୟ ଗୋଷ୍ଠୀ ସହିତ ଭାଗୀଦାରି କରିବା ପାଇଁ ବିଚାର କରିବେ।

**ବୃଷ** — ବ୍ୟବସାୟରେ ପ୍ରତିଦିନ ଅପେକ୍ଷା ଅଧିକ ଲାଭ ହେବ। ଟଙ୍କାପଇସା ଦିଆନିଆରେ ସାବଧାନତା ଅବଲମ୍ବନ କରନ୍ତୁ। ଚାକିରିଜୀବୀ କାମ ସଂପୂର୍ଣ୍ଣ କରିବା ପାଇଁ ଅଧିକ ପରିଶ୍ରମ କରିବାକୁ ପଡ଼ିବ।

**ମିଥୁନ** — ଯାହା ବି କାମ କରିବେ ପୂରା ମନପ୍ରାଣ ଢ଼ାଳି କରିବେ। ଏଥିରେ ନୂଆ ଅନୁଭବ ପାଇବେ। ମାନସିକ ଅଶାନ୍ତି ନିବାରଣ ହେବ। ସାମାଜିକ ପରିସର ଓ ସମ୍ମାନରେ ବୃଦ୍ଧି ହେବ। ନିଜର ଭାଷା ଉପରେ ନିୟନ୍ତ୍ରଣ ରଖନ୍ତୁ।

**କର୍କଟ** — ଅଫିସରେ ସହକର୍ମୀଙ୍କ ସହଯୋଗ ପାଇବେ। ଆପଣଙ୍କ କାମରେ ରାଜନୀତିକ ସମ୍ବନ୍ଧରୁ ଲାଭ ପାଇବେ। ପରିବାର ଲୋକଙ୍କ ସହିତ ଭଲରେ ସମୟ ଅତିବାହିତ କରିବେ। ବିଦ୍ୟାର୍ଥୀ ସଫଳତା ପାଇବା ଯୋଗ ଅଛି।

**ସିଂହ** — ଘରର ବଡ଼ଙ୍କ ଠାରୁ କିଛି ପ୍ରେରଣା ପାଇବେ। ବନ୍ଧୁ ଆପଣଙ୍କୁ ବ୍ୟବସାୟ ବଢ଼ାଇବା ପାଇଁ ପରାମର୍ଶ ଦେବେ। ସମାଜରେ ପ୍ରତିଷ୍ଠା ବଢ଼ିବ। ଗାଡ଼ି ଚଳାଇବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ।

**କନ୍ୟା** — କାମ ଓ ପାରିବାରିକ ସମ୍ବନ୍ଧ ମଧ୍ୟରେ ସାମଞ୍ଜସ୍ୟ ବଜାୟ ରଖିବେ। କାମ ସଂପୂର୍ଣ୍ଣ କରିବା ପାଇଁ ନୂଆ କେ ?ଶଳ ଉପରେ ବିଚାର କରିବେ। ବିଦ୍ୟାର୍ଥୀ ଖୁବ୍ ମନ ଲଗାଇ ପଢ଼ିବେ।

**ତୁଳା** — ବେପାରରେ ନୂଆ ଯୋଜନା ଲାଗୁ କରିବା ପାଇଁ ବ୍ୟସ୍ତ ରହିବେ। ଚାକିରିଜୀବୀ ନର୍ଦ୍ଧାରିତ ସମୟରେ କାମ ସଂପୂର୍ଣ୍ଣ ନକଲେ ଉପରିସ୍ଥ କର୍ମଚାରୀଙ୍କ ଠାରୁ କଡ଼ା କଥା ଶୁଣିବେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।

**ବିଛା** — ବିଛା: ଅଯଥା କଥା ଠାରୁ ଦୂରରେ ରହି ନିଜ କାମରେ ମନୋଯୋଗ ଦିଅନ୍ତୁ। କୌଣସି ଧାର୍ମିକ ସ୍ଥାନରେ ବସି ନିଜର ଭଲ ଓ ଖରାପ ଗୁଣ ବିଷୟରେ ବିଚାର କରିବେ। ଦାମ୍ପତ୍ୟ ଖୁସି ବଜାୟ ରହିବ।

**ଧନୁ** — ଆପଣ ଭକ୍ତିମୟ ରହିବେ। ଗୋ ସେବା କରିବା ପାଇଁ ମନରେ ସ୍ଥିର କରିବେ। ରାଜନୀତିକ ନେତାଙ୍କ ସହ ସଂପର୍କ ହେବ। ପୂରା ଆତ୍ମବିଶ୍ୱାସ ସହିତ ସବୁ କାମର ଗତି ଦେବେ। ବେପାରରେ ଲାଭ ହେବ।

**ମକର** — ଅଟୋମୋବାଇଲ ବେପାରରେ ଲାଭ ପାଇବେ। ପ୍ରଶାସନିକ କ୍ଷେତ୍ରରେ ଥିବା ଲୋକଙ୍କ ଦ୍ୱାରା ଲାଭ ପାଇବେ। କେ ?ଣସି ନୂଆ କାମ କରିବା ପାଇଁ ଉତ୍ସାହିତ ରହିବେ।

**କୁମ୍ଭ** — ନୂଆ ସଂପର୍କ ଆରମ୍ଭ କରିବା ଲାଗି ମଉକା ପାଇବେ। କେ ?ଣସି ଲୋକଙ୍କୁ ସାହାଯ୍ୟ କରିବେ। ଅଫିସରେ ଆପଣଙ୍କ କାମ ପ୍ରଶଂସା ହେବ। ସନ୍ତାନର କ୍ୟାରିୟରକୁ ନେଇ ଚିନ୍ତିତ ରହିବେ।

**ମୀନ** — କଥା କମ୍ ଶୁଣିବାରେ ଅଧିକ ଧ୍ୟାନ ଦିଅନ୍ତୁ। କିଛି ନୂଆ ଲୋକ ଆପଣଙ୍କ କଥାରେ ପ୍ରଭାବିତ ହେବେ। ଖର୍ଚ୍ଚ ବଢ଼ିପାରେ। କବିଙ୍କର କାବ୍ୟର ପ୍ରଶଂସା ହେବ। ଦାମ୍ପତ୍ୟ ଜୀବନ ପ୍ରୀତିମୟ ହେବ।

## ସ୍ୱପ୍ନରେ ଦେଖୁଛନ୍ତି କି ଏସବୁ

ସ୍ୱପ୍ନଶାସ୍ତ୍ର ଅନୁଯାୟୀ, ଏମିତି ବି କିଛି ଜିନିଷ ଅଥବା ଘଟଣା ରହିଛି; ଯାହାକୁ ସ୍ୱପ୍ନରେ ଦେଖିଲେ ଶୁଭ ପରିଣାମର ସୂଚନା ମିଳିଥାଏ...

- ସ୍ୱପ୍ନଶାସ୍ତ୍ର ଅନୁଯାୟୀ, ଭଗବାନଙ୍କୁ ସ୍ୱପ୍ନରେ ଦେଖିଲେ, ମନୋସ୍କାମନା ପୂରଣ ହେବାର ସୂଚନା ମିଳେ।
- ସ୍ୱପ୍ନରେ ମନ୍ଦିର ଦେଖିବା ଅବା ମନ୍ଦିରର ପୂଜାରୀଙ୍କଠାରୁ ନଡ଼ିଆ, ମିଠା ଆଦି ପ୍ରସାଦ ସ୍ୱରୂପ ଗ୍ରହଣ କରୁଥିବାର ଦୃଶ୍ୟ ଦେଖିବା ବି ଶୁଭଙ୍କର। ଏହା କୌଣସି ଶୁଭଖବର ପ୍ରାପ୍ତି ଅବା ଉନ୍ନତିର ସୂଚନା ଦେଇଥାଏ।



- ସ୍ୱପ୍ନରେ ଝରଣା ଅଥବା ନଦୀ କୂଳରେ ବସି ପାଣି ପିଉଥିବାର ଦୃଶ୍ୟ ଦେଖିବା ଅତ୍ୟନ୍ତ ଶୁଭ ହୋଇଥାଏ। ଏଭଳି ସ୍ୱପ୍ନ ଦେଖୁଥିବା ବ୍ୟକ୍ତି ଭାଗ୍ୟଶାଳୀ ହୋଇଥାନ୍ତି। ତାଙ୍କ ଜୀବନରେ କିଛି ଗୋଟେ ଭଲ ପରିବର୍ତ୍ତନ ହେବାର ଏହା ସଙ୍କେତ ଦେଇଥାଏ।
- ସ୍ୱପ୍ନରେ ଗୋଲାପ ଫୁଲ ଦେଖିଲେ, ଅଟକି ରହିଥିବା କାମ ଶୀଘ୍ର ପୂରଣ ହେବାର ସଙ୍କେତ ମିଳିଥାଏ।
- ଶୁଆକୁ ସ୍ୱପ୍ନରେ ଦେଖିଲେ, କ୍ୟାରିୟରରେ ଉନ୍ନତ ହେବାର ସୂଚନା ମିଳିଥାଏ। ସେହିପରି କାଉ ଦେଖିଲେ ଶନି ଦଶାରୁ ମୁକ୍ତି ମିଳିବାର ବାଟ ଖୋଲେ ବୋଲି ବିଶ୍ୱାସ କରାଯାଏ।
- ସ୍ୱପ୍ନରେ ବଂଶୀ ଦେଖିବା ଧନପ୍ରାପ୍ତିର ସଙ୍କେତ ଦେଇଥାଏ।
- ସ୍ୱପ୍ନରେ ଶବ ଦେଖିବା ଭାଗ୍ୟ ପରିବର୍ତ୍ତନର ସଙ୍କେତ ଦେଉଥିବାବେଳେ ନିଜ ମୃତ୍ୟୁର ସ୍ୱପ୍ନ ଦେଖିବା ଧନ ପ୍ରାପ୍ତିର ସୂଚନା ପ୍ରଦାନ କରିଥାଏ।

## ପତ୍ରରୁ କେମିତି ଦେଖାଯିବେ ସୁନ୍ଦରୀ



**ମହିଳାମାନେ ସୁନ୍ଦର ଦେଖାଯିବାକୁ ସବୁବେଳେ ଚାହାନ୍ତି। ଏଥିପାଇଁ ସେମାନେ ମାର୍କେଟରୁ କେତେ ପ୍ରକାର କେମିକାଲ ପ୍ରଡକ୍ଟ ଆଣିଥାନ୍ତି ଏବଂ ତାକୁ ବ୍ୟବହାର କରିଥାନ୍ତି। ଫଳରେ ତ୍ୱଚା ସୁନ୍ଦର ଏବଂ ଚମକଦାର ଦେଖାଯିବ। ବେଳେ ବେଳେ ଏମିତି ହୋଇଥାଏ ଏହି ପ୍ରଡକ୍ଟର କୌଣସି ବି ଖାସ୍ ପ୍ରଭାବ ଦେଖିବାକୁ ମିଳି ନ ଥାଏ। ଓଲଟା ଏଥିରେ ଥିବା କେମିକାଲ ତ୍ୱଚାର କ୍ଷତି କରିଥାଏ। ଆଜି ଆପଣଙ୍କୁ ପ୍ରାକୃତିକ ଉପାୟରେ କିପରି ତ୍ୱଚାର ଯତ୍ନ ନେବାକୁ ଚାହୁଁଛନ୍ତି ତେବେ ନିମ୍ନଲିଖିତ ଟିପ୍ସ ଆପଣେଇ ପାରନ୍ତି...**

**ନିମ୍ବପତ୍ର:** ତ୍ୱଚାରେ ଚମକ ଆଣିବା ପାଇଁ ନିମ୍ବପତ୍ର ଏକ ପ୍ରାକୃତିକ ଉପଚାରର ଏକ ଅନ୍ୟତମ ମାଧ୍ୟମ। ଏହା ତ୍ୱଚାଜନିତ କେତେକ ସମସ୍ୟା ଦୂରକରିଥାଏ। ଯଦି ଆପଣ ଏହାକୁ ନିଜ ସ୍କିନ୍ କେୟାରରେ ସାମିଲ କରିନିଅନ୍ତି ତେବେ ମୁହଁରେ ଚିହ୍ନ ,ଦାଗ,ବ୍ରଣ ଭଳି ସମସ୍ୟା ମୂଳରୁ ସଫା ହୋଇଯିବ।

**ତୁଳସୀପତ୍ର:** ତୁଳସୀପତ୍ର କୌଣସି ସ୍କିନ୍ ସମସ୍ୟା ହେବାକୁ ଦିଏ ନାହିଁ। ଆପଣ ଏହାକୁ ସ୍କିନ୍ କେୟାର ଲାଗି ବ୍ୟବହାର କରିପାରିବେ। ତୁଳସୀର ପତ୍ରରେ ଔଷଧୀୟ ଗୁଣ ଥିବା କାରଣରୁ ଏହା ବରଦାନଠୁ ବି କମ୍ ନୁହେଁ।

**ଗୋଲାପ ପତ୍ର:** ଗୋଲାପ ପତ୍ର ତ୍ୱଚା ଲାଗି ବହୁତ ଲାଭକାରୀ । ଏହାର ବ୍ୟବହାର ତ୍ୱଚାକୁ ସଫ୍ଟ ଏବଂ ଚମକଦାର କରିଥାଏ। ଏହା ବ୍ୟତୀତ ମୁହଁର ହଜିଯାଇଥିବା ରଙ୍ଗ ଫେରିପାଇବେ। ଯଦି ଆପଣ ଅଧିକ ଦିନରୁ ତ୍ୱଚାଜନିତ ସମସ୍ୟାକୁ ନେଇ ଯଦି ଚିନ୍ତିତ ତେବେ ଗୋଲାପ ପତ୍ର ସ୍କିନ୍ କେୟାରରେ ସାମିଲ କରିପାରିବେ।

**ପୁଦିନା ପତ୍ର:** ପୁଦିନା ପତ୍ର ଔଷଧୀୟ ଗୁଣରେ ଭରପୂର। ଏହା ମନ୍ସୁନ୍ ସମୟରେ ତ୍ୱଚା ଲାଗି ବହୁତ ଲାଭକାରୀ ହୋଇଥାଏ। ଯଦି ତ୍ୱଚାରେ ଫୁସି ଏବଂ ବ୍ରଣ ସମସ୍ୟା ଥାଏ ତେବେ ଏହା ସବୁ ସମସ୍ୟାରୁ ରକ୍ଷା କରିଥାଏ।

## ଶାଶୁ-ବୋହୂ ସମ୍ପର୍କରେ ଦୂରତା କାହିଁକି ?

ବଢ଼ୁଛି ଶାଶୁ-ବୋହୂ କଳି। ପାରିବାରିକ ଦ୍ୱନ୍ଦ୍ୱ ପଛରେ ଅହଂକାର, ପିଢ଼ିର ଫରକ ଓ ଗୋପନୀୟତା ଅଭାବ ମୁଖ୍ୟ କାରଣ। କଣ କଲେ ପରିବାରରେ ରହିବ ଶାଶୁ-ବୋହୂଙ୍କ ଭଲ ସମ୍ପର୍କ। ଆସନ୍ତୁ ସେ ବିଷୟରେ କିଛି ସରଳ ଉପାୟ ଜାଣିବା।

**ଅହଂକାର:** ଏଠାରେ ଦେଖାଯାଇପାରେ, ଅନେକ ସମୟରେ କ୍ୟାରିୟରରେ ସଫଳତା କିମ୍ବା ପ୍ରଶାସନିକ ପଦବୀ 'ସୁପିରିୟରିଟୀ କମ୍ପ୍ଲେକ୍ସ' ସୃଷ୍ଟି କରେ। ସେମାନେ ଭାବନ୍ତି ଯେ ସେମାନେ ଘରର ନିୟମଠାରୁ ଊର୍ଦ୍ଧ୍ୱରେ।

ପିଢ଼ିର ବ୍ୟବଧାନ: ବୟସ୍କଙ୍କ ଜୀବନଶୈଳୀ ଏବଂ ଯୁବ ପିଢ଼ିର ଆଧୁନିକ ଚିନ୍ତାଧାରା ମଧ୍ୟରେ ଦ୍ୱନ୍ଦ୍ୱ ପ୍ରାୟତଃ ବିବାଦର କାରଣ ହୁଏ।



**ଗୋପନୀୟତାର ଅଭାବ:** କର୍ମଜୀବୀ ମହିଳାମାନଙ୍କୁ ପ୍ରାୟତଃ ଘରେ ନିଜସ୍ୱ ସ୍ଥାନ ଆବଶ୍ୟକ ହୋଇଥାଏ, ଯେତେବେଳେ ପାରମ୍ପରିକ ପରିବାରଗୁଡ଼ିକ ପ୍ରାୟତଃ ଏଥିରେ ଅତ୍ୟଧିକ ହସ୍ତକ୍ଷେପ କରିଥାନ୍ତି, ଯାହା ଫଳରେ ଉତ୍ତେଜନା ସୃଷ୍ଟି ହୁଏ।

**ଯୋଗାଯୋଗର ଅଭାବ:** ଆଜିକାଲି ଲୋକମାନେ କେବଳ ଯୁକ୍ତି କରନ୍ତି କିନ୍ତୁ କଥା ହୁଅନ୍ତି ନାହିଁ। ସେମାନେ ନିଜ ବିଚାରକୁ ବାଣ୍ଟି ନ ପାରିବାରୁ ଛୋଟ ଛୋଟ ସମସ୍ୟାଗୁଡ଼ିକ ବଡ଼ ସମସ୍ୟାରେ ପରିଣତ ହୋଇଯାଏ।

**କିପରି ସୃଷ୍ଟି ହେବ ଭଲ ସମ୍ପର୍କ:** ପରସ୍ପରକୁ ସମ୍ମାନ ଦେବା: ବୋହୂ ବୁଝିବା ଉଚିତ ଯେ ଶାଶୁ ହେଉଛନ୍ତି ଘରର ମୂଳଦୁଆ, ଏବଂ ଶାଶୁ ସ୍ୱୀକାର କରିବା ଉଚିତ ଯେ ବୋହୂ ଏବେ ସେହି ଘରର ଏକ ଅବିଚ୍ଛେଦ୍ୟ ଅଂଶ।

**କମ ଆଶା:** ଅସନ୍ତୁଷ୍ଟି ପ୍ରାୟତଃ 'ଅତ୍ୟଧିକ ଆଶା କରିବା' ଦ୍ୱାରା ହୋଇଥାଏ। ପରସ୍ପରକୁ ସେମାନେ ସେହିପରି ଗ୍ରହଣ କରନ୍ତୁ, ସେମାନେ ଯେପରି ଅଛନ୍ତି।

ଧୈର୍ଯ୍ୟ ଏବଂ ସଂଯମତା: କ୍ରୋଧ କୌଣସି ସମସ୍ୟାର ସମାଧାନ ନୁହେଁ। ଯଦି ବିବାଦ ବୃଦ୍ଧି ପାଏ, ତେବେ ନୀରବ ରହିବା ବୁଦ୍ଧିମାନର କାମ। ଘର ବାହାରେ ପଦପଦବୀର ମର୍ଯ୍ୟାଦା ଦେଖାଇବା ଠିକ୍; ଘରେ ଭିତରେ, କେବଳ ସମ୍ପର୍କକୁ ଗୁରୁତ୍ୱ ଦେବା ଉଚିତ।

**ଏକାଠି ସମୟ ବିତାଇବା:** ଏକ ବ୍ୟସ୍ତବହୁଳ ଜୀବନ ପରେ ମଧ୍ୟ, ୧୫-୨୦ ମିନିଟ୍ ଏକାଠି ଚା' ପିଇବା କିମ୍ବା କଥା ହେବା ଦ୍ୱାରା ତିକ୍ତତା ହ୍ରାସ ପାଇପାରେ।

ଯଦି ଏହି ଜିନିଷଗୁଡ଼ିକୁ ପାଳନ କରାଯାଏ, ତେବେ ଘରେ ଶାନ୍ତି ରହିବ ଏବଂ ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ ସ୍ଥାନ ହେବ।

## ଟ୍ରେନ ପ୍ଲାଟଫର୍ମରେ କାହିଁକି ଥାଏ ହଳଦିଆ ରେଖା ?



**ଟ୍ରେନରେ ଯାତ୍ରା କରିବା ସମୟରେ, ଆମେ ସମସ୍ତେ ହୁଏତ ରେଳ ପ୍ଲାଟଫର୍ମର ଓସାରରେ ହଳଦିଆ ପଟି କିମ୍ବା ଲମ୍ବା ହଳଦିଆ ରେଖା ଦେଖିଛୁ। ପ୍ରାୟତଃ କିଛି ଲୋକେ ଭାବନ୍ତି ଯେ ଏଗୁଡ଼ିକ କେବଳ ପ୍ଲାଟଫର୍ମ ସାଜସଜ୍ଜା ପାଇଁ କିନ୍ତୁ ବାସ୍ତବରେ, ଏହି ହଳଦିଆ ପଟିଗୁଡ଼ିକର ଯାତ୍ରୀ ମାନଙ୍କର ସୁରକ୍ଷା ଏବଂ ସମ୍ବେଦନଶୀଳତା ସହିତ ଜଡିତ। ତେଣୁ, ଆସନ୍ତୁ ଜାଣିବା କାହିଁକି ଥାଏ ଏହି ହଳଦିଆ ପଟି ...**

ଦୃଷ୍ଟିହୀନଙ୍କ ପାଇଁ ମାର୍ଗଦର୍ଶିକା: ଏହି ହଳଦିଆ ପଟିଗୁଡ଼ିକ ପ୍ରାୟତଃ କମ୍ ଦୃଷ୍ଟିଶକ୍ତି ଥିବା ଲୋକଙ୍କ ପାଇଁ ଡିଜାଇନ୍ କରାଯାଇଛି। ସେମାନେ ବୁଝିପାରନ୍ତି ଯେ ସେମାନେ ପ୍ଲାଟଫର୍ମର ଧାରର ଅତି ନିକଟରେ ଅଛନ୍ତି। ଏହା ସେମାନଙ୍କୁ ସୁରକ୍ଷିତ ରହିବାରେ ସାହାଯ୍ୟ କରେ ।

ସ୍ୱଷ୍ଟ ଦୃଶ୍ୟମାନତା: ହଳଦିଆ ରଙ୍ଗକୁ ମଣିଷ ଆଖିକୁ ସବୁଠାରୁ ଦୃଶ୍ୟମାନତା ବୋଲି ବିବେଚନା କରାଯାଏ। କୁହୁଡ଼ି, କିମ୍ବା କମ୍ ଆଲୋକରେ ମଧ୍, ହଳଦିଆ ଦୂରରୁ ଝଲସୁଥାଏ। ପ୍ଲାଟଫର୍ମର ଧୂସର କିମ୍ବା କଳା କଂକ୍ରିଟ୍ ଉପରେ ହଳଦିଆ ରେଖା ଯାତ୍ରୀମାନଙ୍କୁ ଏକ ବିପଦପୂର୍ଣ୍ଣ ଅଞ୍ଚଳ ନିକଟକୁ ଯିବାର ବିପଦ ବିଷୟରେ ସତର୍କ କରାଏ।

ସୁରକ୍ଷା ସୀମା: ପ୍ଲାଟଫର୍ମରେ ଥିବା ହଳଦିଆ ରେଖାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା। ଏହି ରେଖା ଏକ "ସତର୍କୀକରଣ ସୀମା" ଭାବରେ କାର୍ଯ୍ୟ କରେ।

ପ୍ଲାଟଫର୍ମରେ ଥିବା ସେହି ହଳଦିଆ ରେଖା ପ୍ରକୃତରେ ଜୀବନ ଏବଂ ମୃତ୍ୟୁର ରେଖା। ପରବର୍ତ୍ତୀ ସମୟରେ ଯେତେବେଳେ ଆପଣ ଟ୍ରେନ୍ ପାଇଁ ଅପେକ୍ଷା କରିବେ, ମନେରଖନ୍ତୁ ଯେ ଏହି ରେଖା ଆପଣଙ୍କ ସୁରକ୍ଷା ପାଇଁ। ସର୍ବଦା ହଳଦିଆ ରେଖା ପଛରେ ଛିଡା ହୁଅନ୍ତୁ ଏବଂ ଅନ୍ୟମାନଙ୍କୁ ଏହା ବିଷୟରେ ଜଣାନ୍ତୁ।

## କଞ୍ଚା ଲଙ୍କା ମଟନ୍



**ଆବଶ୍ୟକ ସାମଗ୍ରୀ :** ଖାସି ମାଂସ, ପିଆଜ ବଟା,ଅଦା ରସୁଣ ବଟା, କଞ୍ଚା ଲଙ୍କା, ଗରମ ମସଲା, କଟା ଧନିଆ ପତ୍ର, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ସୋରିଷ ତେଲ ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଞ୍ଚା ଲଙ୍କାରୁ ମଞ୍ଜି ବାହାର କରି ଛେଚି ରଖନ୍ତୁ। ତା'ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଗଲା ପରେ ସେଥିରେ ପିଆଜ ଓ ଅଦା ରସୁଣ ବଟା ପକାଇ ଗୋଳାଇ ଦିଅନ୍ତୁ। ପରେ ସେଥିରେ ଲଙ୍କା ଗୁଣ୍ଡ, ଆବଶ୍ୟକ ଅନୁଯାୟୀ ଲୁଣ ଓ ହଳଦୀ ଗୁଣ୍ଡ ପକାଇ ମସଲାକୁ ଅଳ୍ପ ସମୟ ପାଇଁ କଷନ୍ତୁ। ମସଲା କଷି ହେବା ପରେ ସେଥିରେ ଛେଚା କଞ୍ଚା ଲଙ୍କାକୁ ପକାଇ ପୁଣି କଷନ୍ତୁ। ମସଲା କଷି ହେବାପରେ ମଟନକୁ ପକାଇ ଦିଅନ୍ତୁ । ଏହାପରେ ମାଂସକୁ ଭଲ ଭାବେ କଷନ୍ତୁ। ମାଂସ କଷି ହେବା ପରେ ଆବଶ୍ୟକ ଅନୁଯାୟୀ ପାଣି ଦେଇ ଘୋଡ଼ଣୀ ଘୋଡ଼ାଇ ଦିଅନ୍ତୁ। ଏହାପରେ ମାଂସ ସିଝିବା ପାଇଁ ୩୦ ରୁ ୪୫ ମିନିଟ୍ ପର୍ଯ୍ୟନ୍ତ ଛାଡି ଦିଅନ୍ତୁ। ଏହାପରେ ଘୋଡଣୀ ବାହାର କରି କଟା ଧନିଆ ପତ୍ର ଓ ଗରମ ମସଲା ପକାଇ ଗ୍ୟାସକୁ ବନ୍ଦ କରି ଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ' କଞ୍ଚା ଲଙ୍କା ମଟନ୍।

## ହୋଲିରେ ପୁଣି ରାଜ୍ କଲେ ପବନ ସିଂହ !



ଭୋଜପୁରୀ ସିନେମାର ପାୱାରଷ୍ଟାର ପବନ ସିଂହ ତାଙ୍କ ଶାଳୀ ସହିତ ହୋଲି ଖେଳିବା ପାଇଁ ତାଙ୍କ ଶ୍ୱଶୁର ଘରେ ପହଞ୍ଚିଗଲେ। ତାଙ୍କୁ କୁଣ୍ଢେଇ ପକାଇ ନିଜ କୋଳରେ ଉଠାଇ ରଙ୍ଗ କଲେ। ଏହା ଶାଳୀ ମଧ୍ୟ ତାଙ୍କ ଭିଣୋଇଙ୍କୁ କହିଛନ୍ତି, 'ଲେହେଙ୍ଗୱା ଲାଲ ହୋ ଜାଇ'। ଭୋଜପୁରୀ ସିନେମାର ସୁପରଷ୍ଟାର ପବନ ସିଂହ ସବୁଥର ପରି ଏ ବର୍ଷ ମଧ୍ୟ ହୋଲିରେ ରାଜ୍ କରିଛନ୍ତି। ତାଙ୍କର ଗୀତ 'ଲହଙ୍ଗୱା ଲାଲ ହୋ ଜାଇ' ୟୁଟ୍ୟୁବରେ ଧମାଲ କରୁଛି। ଏହି ହୋଲି-ସ୍ପେଶାଲ୍ ଗୀତରେ ପବନ ସିଂହଙ୍କ ସହ ଖୁସି ତିୱାରୀ ଅଛନ୍ତି ଏବଂ ସେମାନଙ୍କର ଜବରଦସ୍ତ କେମେଷ୍ଟ୍ରିକୁ ଦର୍ଶକ ଖୁବ୍ ଉପଭୋଗ କରୁଛନ୍ତି। 'ଶାଳୀ-ଭୋଣୋଇ' ଉପରେ ଆଧାରିତ ଏହି ଗୀତର କଣ୍ଟେଣ୍ଟ ପ୍ରଶଂସକମାନଙ୍କୁ ଖୁବ୍ ଛୁଉଁଛି ଆଉ ସେମାନେ ଖୁବ ପ୍ରଶଂସା ମଧ୍ୟ କରୁଛନ୍ତି। ଗୀତର ଶବ୍ଦଗୁଡ଼ିକ ଏମପି ଯାଦବ ଲେଖିଥିବା ବେଳେ ପବନ ସିଂହ, ଶିଳ୍ପୀ ରାଜଙ୍କ ସହିତ ମିଶି ଏହାକୁ ଗାଇଛନ୍ତି।ୱାର୍ଲ୍ଡୱାଇଡ୍ ରେକର୍ଡସ୍ ଭୋଜପୁରୀର ୟୁଟ୍ୟୁବ୍ ଚ୍ୟାନେଲରେ ରିଲିଜ୍ ହୋଇଥିବା ଏହି ଗୀତଟି ଖବର ଲେଖା ହେବା ବେଳେ ୧୩ କୋଟି ୩୦ ଲକ୍ଷରୁ ଅଧିକ ଥର ଦେଖାଯାଇଛି ଏବଂ ମାର୍ଚ୍ଚ ୨୦୨୫ରେ ଟ୍ରେଣ୍ଡିଂ ଚାର୍ଟରେ ଥିଲା। ପବନ ସିଂହଙ୍କ ଦେଶୀ ଷ୍ଟାଇଲ୍ ଏବଂ ଖୁସି ତିୱାରୀଙ୍କ ସୁନ୍ଦର ଅଭିନୟ ଏହି ଗୀତକୁ ୨୦୨୫ର ସର୍ବାଧିକ ବଜାଯାଇଥିବା ହୋଲି ଗୀତ ମଧ୍ୟରୁ ଗୋଟିଏ କରିଛି, ଏବଂ ଏହି ହୋଲିରେ ମଧ୍ୟ ଏହାକୁ ବହୁଳ ଭାବରେ ପସନ୍ଦ କରାଯାଉଛି।

## କମଳା ଚୋପାରୁ ବାସିବ ଘର୍

କମଳା ଚୋପାକୁ ଶୁଖାଇବା ଲାଗି ପେପର ବ୍ୟାଗ୍ କିମ୍ବା ଏୟାର ଟାଇଟ କଣ୍ଟେନରରେ ରଖି ଶୁଖାନ୍ତୁ।

ଶୁଖିଯିବା ପରେ ଏଥିରୁ ଏକ ପ୍ରକାର ବାସ୍ନା ବାହାରିଥାଏ। ଏହାକୁ ରୁମ୍ ଫ୍ରେଶନର ଭାବରେ ବ୍ୟବହାର କରିପାରିବେ।

ଚୋପା ଶୁଖିଯିବା ପରେ ସେଗୁଡିକୁ ଗ୍ରାଇଣ୍ଡରରେ ଭଲ ଭାବରେ ପେଶି ଦିଅନ୍ତୁ। ଏହା ପାଉଡର ହୋଇଯିବା ପରେ ଏହି ଗୁଣ୍ଡକୁ ସ୍ପ୍ରେ ବୋତଲରେ ପୁରାଇ ସେଥିରେ କିଛି ନର୍ମାଲ ପାଣି ମିଶାନ୍ତୁ। ବୋତଲଟିକୁ ଭଲ ଭାବରେ ହଲାଇ ଦେଲେ ପାଉଡର ପାଣିରେ ସମ୍ପୂର୍ଣ୍ଣ ମିଶିଯିବ। ସେହି ପାଣିମିଶ୍ରିତ ଗୁଣ୍ଡରେ ଲାଭେଣ୍ଡର, ଲେମନ କିମ୍ବା ଅନ୍ୟ ଆବଶ୍ୟକ ତେଲ ମିଶାଇ ପାରିବେ। ଏହାଦ୍ୱାରା ଫ୍ରେଶନରର ବାସ୍ନା ଆହୁରି ବଢ଼ିଯାଏ। ଘରେ ସ୍ପ୍ରେ କରି ତାହା କିପରି କାମ କରୁଛି ତାହା ନିଜେ ଜାଣିପାରିବେ।









## ମୁଣ୍ଡଳୀ ସିଆଇଏସ୍ଏଫ କ୍ୟାମ୍ପରେ ୫୭ତମ ପ୍ରତିଷ୍ଠା ଦିବସ ଉତ୍ସବ

# ମାର୍ଚ୍ଚ ୩୧ ସୁଦ୍ଧା ନକ୍ସଲ ମୁକ୍ତ ଭାରତ

## 'ଦେଶର ସମସ୍ତ ବନ୍ଦରର ସୁରକ୍ଷା ଦାୟିତ୍ୱ ସିଆଇଏସ୍ଏଫ୍‌କୁ ହସ୍ତାନ୍ତର କରାଯିବ'



**ଭୁବନେଶ୍ୱର/କଟକ:** ଚଳିତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ଦେଶରୁ ନକ୍ସଲବାଦ ଶେଷ ହେବ। ନକ୍ସଲବାଦ ଉତ୍ପାଟନ ଠାରୁ ଆରମ୍ଭକରି ଦେଶର ଔଦ୍ୟୋଗୀକ ସୁରକ୍ଷା ଏବଂ ଅଭିବୃଦ୍ଧିରେ ସିଆଇଏସ୍ଏଫ୍‌ର ଅବଦାନ ଅତୁଳନୀୟ। ତେଣୁ ଦେଶର ସମସ୍ତ ବନ୍ଦର ସୁରକ୍ଷା ପାଇଁ ସିଆଇଏସ୍ଏଫ୍‌କୁ ଦାୟିତ୍ୱ ଦିଆଯିବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି। ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ସିଆଇଏସ୍ଏଫ୍‌ର ଅବଦାନ ଅତୁଳନୀୟ, ଏହି ଅର୍ଦ୍ଧ ସାମରିକ ବାହିନୀକୁ ଆହୁରି ମଜବୁତ କରିବା ଲାଗି କେନ୍ଦ୍ର ସରକାର ସମସ୍ତ ପ୍ରକାରର ବ୍ୟବସ୍ଥା କରିବେ ବୋଲି ଆଜି ମୁଣ୍ଡଳୀ ଠାରେ ଆୟୋଜିତ ସିଆଇଏସ୍ଏଫ୍‌ର ୫୭ତମ ପ୍ରତିଷ୍ଠା ଦିବସ ଅବସରରେ କହିଛନ୍ତି ଶାହ। ଦେଶର ଔଦ୍ୟୋଗିକ ବିକାଶ ହେଲେ ଆର୍ଥିକ ସ୍ତରରେ ଦେଶ ମଜବୁତ୍ ହେବ। ସେହି ଔଦ୍ୟୋଗିକ ସଂସ୍ଥାପନକୁ ଦୃଢ଼ତାର ସହ ସୁରକ୍ଷା ପ୍ରଦାନ କରୁଛି ସିଆଇଏସ୍ଏଫ। ସିଆଇଏସ୍ଏଫ ଯବାନଙ୍କ ଚେହେରାରେ ଆଜି ଖୁସି ଦେଖାଯାଉଛି। ସେହିପରି ସିଆଇଏସ୍ଏଫ ବିନା ଦେଶର କୌଣସି ବି ଉଦ୍ୟୋଗର ବିକାଶ ହୋଇପାରିବ ନାହିଁ। ଏବେ ଦେଶର ସବୁ ବନ୍ଦରର ସୁରକ୍ଷା ସିଆଇଏସ୍ଏଫକୁ ପ୍ରଦାନ କରିଛନ୍ତି କେନ୍ଦ୍ର ସରକାର।

ଓଡ଼ିଶାର ଏହି ପବିତ୍ର ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଭୂମିକୁ ଆସି ମୁଁ ଗର୍ବିତ। କଟକ ହେଉଛି ନେତାଜୀଙ୍କ ଜନ୍ମସ୍ଥାନ। ଏହା ଗୋଟିଏ ସୈନ୍ୟସ୍ଥଳୀ ଅଞ୍ଚଳ। ସହିଦ ବାଜୀ ରାଉତଙ୍କ ସହ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀଙ୍କୁ ପ୍ରଣାମ କରୁଛି। ସବୁ କ୍ଷେତ୍ରରେ ସିଆଇଏସ୍ଏଫ ଉତ୍କୃଷ୍ଟ ପ୍ରଦର୍ଶନ କରୁଛି। ୨୦୪୭ ସୁଦ୍ଧା ଦେଶ ଗୋଟିଏ ଦୃଢ଼ ଆର୍ଥିକ ମଜବୁତ୍ ରାଷ୍ଟ୍ର ଭାବେ ଗଠନ ହେବ ବୋଲି ଗୃହମନ୍ତ୍ରୀ କହିଛନ୍ତି। ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ସିଆଇଏସ୍ଏଫର ଅବଦାନ ଅତୁଳନୀୟ। ଏହି ଅର୍ଦ୍ଧ ସାମରିକ ବାହିନୀକୁ ଆହୁରି ମଜବୁତ କରିବା ଲାଗି କେନ୍ଦ୍ର ସରକାର ସମସ୍ତ ପ୍ରକାରର ବ୍ୟବସ୍ଥା କରିବେ ବୋଲି ଆଜି ମୁଣ୍ଡଳୀ ଠାରେ ଆୟୋଜିତ ପ୍ରତିଷ୍ଠା ଦିବସ ଅବସରରେ କହିଛନ୍ତି ଶାହ। ତା ସହିତ ନକ୍ସଲବାଦକୁ କଡ଼ା ତଥା ଶେଷ ଚେତାବନୀ ଦେଇଛନ୍ତି ଅମିତ ଶାହ। ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଦେଶ ନକ୍ସଲ ମୁକ୍ତ ହେବ ବୋଲି ଆଜି ପୁଣିଥରେ ଦୋହରାଇଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ। ଦେଶର ୩୬୧ଟି ଶିଳ୍ପ କ୍ଷେତ୍ରର ସୁରକ୍ଷା ଦାୟିତ୍ୱ ସମ୍ପାଦନ କରୁଛି ସିଆଇଏସ୍ଏଫ। ତା ସହିତ ୩୧ଟି ବିମାନ ବନ୍ଦର ସମେତ ଦେଶ ସଂସଦର ସୁରକ୍ଷା ଦାୟିତ୍ୱରେ ରହିଛନ୍ତି ସିଆଇଏସ୍ଏଫର ବୀର ଯବାନମାନେ। ଏହା ବ୍ୟତିତ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା, ଯଥା ଆତଙ୍କବାଦର ମୁକାବିଲା, ନକ୍ସଲ ଅପରେସନ ଏବଂ ସବୁ ପ୍ରକାରର ଅପାତକାଳୀନ ସ୍ଥିତିର ମୁକାବିଲା ପାଇଁ ସିଆଇଏସ୍ଏଫ ପ୍ରସ୍ତୁତ ହୋଇ ରହିଛି।

ଏହି ଅବସରରେ ସିଆଇଏସ୍ଏଫର ସମସ୍ତ ଦୁଃଶାହାସିକ କାର୍ଯ୍ୟର ଆଜି ଗୋଟିଏ ଗୋଟିଏ ଝଲକ ଦେଖିବାକୁ ମିଳିଥିଲା ମୁଣ୍ଡଳୀ ସ୍ଥିତ ଟ୍ରେନିଂ କ୍ୟାମ୍ପରେ। ଭିଭିଆଇପି ସୁରକ୍ଷା ଏବଂ ଆତଙ୍କବାଦ ମୁକାବିଲା, ହାଇଜାକ ହୋଇଥିବା ଯାତ୍ରୀବାହୀ ବିମାନର ସଫଳ ଉଦ୍ଧାର ସହିତ ଆହୁରି ଅନେକ ଦୁଃଶାହସିକ କାର୍ଯ୍ୟର ଡେମୋ ଆଜି ସିଆଇଏସ୍ଏଫ କ୍ୟାମ୍ପ ପରିସରରେ ଦେଖିବାକୁ ମିଳିଛି। ସେହିପରି ଆତଙ୍କବାଦୀଙ୍କ କବଳରୁ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ଭଳି, ଅନେକ ଦୁଃଶାସିକ ପ୍ରଦର୍ଶନ କରିଥିଲେ ଯବାନ ମାନେ। ଓଡ଼ିଶାରେ ଏପରି କାର୍ଯ୍ୟକ୍ରମ ପ୍ରଥମ ଥର ହୋଇଥିବା ବେଳେ ଆତଙ୍କବାଦ ଭଳି କଡ଼ା ପରିସ୍ଥିତିର ମୁକାବିଲା ପାଇଁ ସିଆଇଏସ୍ଏଫ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ବରିଷ୍ଠ ଅଧିକାରୀମାନେ କହିଛନ୍ତି। ସେହିପରି ୧୨ ହଜାର ୫୦୦ ମହିଳା ସିଆଇଏସ୍ଏଫରେ ଯୋଗ ଦେଇ ସାରିଛନ୍ତି। ତେଣୁ ହରିୟାଣାରେ କେବଳ ମହିଳା ଯବାନମାନଙ୍କ ଲାଗି ଏକ ବାଟାଲିୟନ ଖୋଲିବ ବୋଲି କହିଛନ୍ତି ଶାହ।

## ସମବାୟ ଅଧିକାରୀଙ୍କ ଖାମଖିଆଲ ନୀତି

# ଗଞ୍ଜାମର ପ୍ରାୟ ୫ଲକ୍ଷ ପଞ୍ଜିକୃତ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେବେ

ବ୍ରହ୍ମପୁର (ପିପିଏସ୍): ଚଳିତ ବର୍ଷ ଗଞ୍ଜାମ ଜିଲ୍ଲାରେ ୧ଲକ୍ଷ ୫୬ ହଜାର ଚାଷୀ ପଞ୍ଜିକରଣ କରିଥିବା ବେଳେ ୧ଲକ୍ଷ ୪୭ହଜାର ଚାଷୀଙ୍କ ଧାନ କିଣାଯାଇଛି। ୧ଲକ୍ଷ ୪୭ହଜାର ଚାଷୀଙ୍କ ଠାରୁ ମାତ୍ର ୫୪ଲକ୍ଷ କ୍ୱିଣ୍ଟାଲ ଧାନ କିଣାଯାଇଥିବା ବେଳେ ଗତ ବର୍ଷ ୧ଲକ୍ଷ ୨୯ହଜାର ଚାଷୀଙ୍କ ଠାରୁ ୫୮ଲକ୍ଷ କ୍ୱିଣ୍ଟାଲ ଧାନ କିଣାଯାଇଥିଲା। ଗତ ବର୍ଷ ଚାଷୀମାନେ ସେହି ଜମିର ପଞ୍ଜିକରଣ କରି ଯେତିକି ପରିମାଣ ଧାନ ବିକିବାକୁ ଟୋକେନ୍ ଆସିଥିଲା। ଚଳିତ ବର୍ଷ ସେହି ଜମିକୁ ପଞ୍ଜିକରଣ କରି ସୁଦ୍ଧା ଅଧିକାଂଶ ଚାଷୀଙ୍କ ୧୦ରୁ ୨୦କ୍ୱିଣ୍ଟାଲ ପର୍ଯ୍ୟନ୍ତ କମ୍ ପରିମାଣ ଆସିଥିବାରୁ ଚାଷୀମାନେ ବାଧ ହୋଇ ବେପାରୀଙ୍କୁ ଅଧା ଦରରେ ବିକି କ୍ଷତି ସହୁଛନ୍ତି। ଜିଲ୍ଲା ପ୍ରଶାସନ ଏବଂ ସମବାୟ ଅଧିକାରୀ ଏ ବିଷୟରେ କିଛି କରିପାରିବୁ ନାହିଁ ବୋଲି କହି ହାତ ଟେକି ଦେଉଛନ୍ତି। ଚଳିତ ବର୍ଷ ପ୍ରାୟ ୫ହଜାର ଚାଷୀ ପଞ୍ଜୀକରଣ କରିସୁଦ୍ଧା ତାଙ୍କର ଟୋକେନ ଆସି ନଥିବାରୁ ସେମାନେ ଧାନ ବିକିବା ପାଇଁ ଅନେଇ ବସିଛନ୍ତି। ଯୋଗାଣ ଓ ସମବାୟ ଅଫିସ୍ ଧାଇଁ ଧାଇଁ ଖର୍ଚ୍ଚାନ୍ତ ହୋଇ ହଇରାଣ ହେଉଛନ୍ତି। ଗରିବ ଚାଷୀଙ୍କ ଦୁଃଖ ବୁଝିବାକୁ କିଏ ନାହାଁନ୍ତି। ଚଳିତ ବର୍ଷ ଧାନ ଜୁନ୍ ମାସରେ ରୁଆ ହେଲା। ତା'ପରେ ଚାଷୀମାନେ ପଞ୍ଜିକରଣ କଲେ। ସେପ୍ଟେମ୍ବର ମାସରେ ରାଜସ୍ୱ ଅଧିକାରୀ ଏବଂ କୃଷି ଗ୍ରାମ ସେବକ ମିଶି ତଦନ୍ତ କରି ସେହି ଜମିରେ ଧାନ ରୁଆ ହୋଇଛି ବୋଲି ରିପୋର୍ଟ ଦେଇଛନ୍ତି। ସେହି ଚାଷୀଙ୍କ ପଞ୍ଜିକରଣ କଟିଲା କେମିତି, କିଏ କାଟିଲା ବୋଲି ଚାଷୀମାନେ ପ୍ରଶ୍ନ କରୁଛନ୍ତି। ସେଟ୍ ଲାଇଟ୍ ସର୍ଭେରେ କଟିଲା ବୋଲି ସମବାୟ ଅଧିକାରୀ କହୁଛନ୍ତି।

ମାତ୍ର ପ୍ରକୃତ ଧାନ ଚାଷ କରିଥିବା ଜମି ଗୁଡ଼ିକ ସମବାୟ ଅଧିକାରୀମାନେ ଜାଣିଶୁଣି କମ୍ ଟାର୍ଗେଟ୍ ଆସିବ ବୋଲି କଟେଇଛନ୍ତି ବୋଲି ସରପଞ୍ଚ ନିରଞ୍ଜନ ପ୍ରଧାନ ଏବଂ ଚାଷୀମାନେ ଅଭିଯୋଗ କରିଛନ୍ତି। ଆସନ୍ତା ସପ୍ତାହରେ ଧାନ କିଣା ସରିଯିବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ କହୁଛନ୍ତି। ଦୁଃଖର ବିଷୟ ଋଷିକୂଲ୍ୟା ରୟତ ମହାସଭା ତରଫରୁ ଜିଲ୍ଲା ପ୍ରଶାସନ ଏବଂ ସମବାୟ ଅଧିକାରୀଙ୍କୁ ଏହି ସମ୍ପର୍କରେ ଲିଖିତ ଭାବେ ବାରମ୍ବାର ଜଣାଇଲେ ସୁଦ୍ଧା ଟୋକେନ୍ ବାଦ୍ ପଡ଼ିଥିବା ଚାଷୀଙ୍କ କିପରି ଟୋକେନ୍ ଆସିବ, ସେଥିପାଇଁ ସମବାୟ ଅଧିକାରୀ ସରକାରଙ୍କୁ ଚିଠି ନ ଲେଖି ନୀରବ ରହିଛନ୍ତି। ଜିଲ୍ଲା କୃଷି ବିଭାଗ ତଥ୍ୟ ଅନୁଯାୟୀ ଏକର ପିଛା ୩୦କ୍ୱିଣ୍ଟାଲ ଧାନ ଅମଳ ହୋଇଛି, ସେଥିରୁ ମାତ୍ର ୪୦ଭାଗ ଧାନ କିଣାଯାଉଛି ପୁଣି ଜମି ତୁଳନାରେ କମ୍ ପରିମାଣ ଆସୁଛି। ଜଣେ ମଧ୍ୟ ଯୋଗ୍ୟ ଚାଷୀ ଧାନ ବିକାରୁ ବଞ୍ଚିତ ହେବେ ନାହିଁ ବୋଲି ନିଜେ ମୁଖ୍ୟମନ୍ତ୍ରୀ ବିଧାନ ସଭାରେ ଘୋଷଣା କରୁଛନ୍ତି। ମାତ୍ର କାର୍ଯ୍ୟକାରୀ କରାଯାଉ ନାହିଁ। ଏଣୁ ପ୍ରକୃତ ଚାଷୀଙ୍କ ଧାନ କିଣା ନଗଲେ ଚାଷୀ ସୁରକ୍ଷା ଅଭିଯାନର ଆବାହକ ରବି ରଥ ଓ ଋଷିକୂଲ୍ୟା ରୟତ ମହାସଭା ସମ୍ପାଦକ ସିମାଞ୍ଚଳ ନାହାକ ମହାସଭା ତରଫରୁ ଆନ୍ଦୋଳନ କରାଯିବ ବୋଲି ପ୍ରକାଶ କରିଛନ୍ତି।



ରାଜଧାନୀ ବିମାନ ବନ୍ଦରରେ କେନ୍ଦ୍ରମନ୍ତ୍ରୀ ଗୃହମନ୍ତ୍ରୀ ଅମୀତ୍ ଶାହଙ୍କୁ ସ୍ୱାଗତ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

# ହଳଦିଆପଦର-ଡୁଡୁମା କଲୋନୀ ବସ୍‌ଷ୍ଟାଣ୍ଡରୁ ଗଡ଼ିଲା ବସ୍



ବ୍ରହ୍ମପୁର, (ପିପିଲସ୍): ଗେଟ୍‌ବଜାର ଫ୍ଲାଏଓଭର ନିର୍ମାଣ ପାଇଁ ଶୁକ୍ରବାର ଠାରୁ ନୂଆ ବସ୍‌ଷ୍ଟାଣ୍ଡ ବନ୍ଦ ରହିଛି। ଆଜି ଠାରୁ ଡୁଡୁମା କଲୋନୀ ଅସ୍ଥାୟୀ ବସ୍ ?ଷ୍ଟାଣ୍ଡ ଓ ହଳଦିଆପଦର ବସ୍‌ଷ୍ଟାଣ୍ଡରୁ ବସ୍ ଯାତାୟାତ ଆରମ୍ଭ ହୋଇଛି। ଏନେଇ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପୂର୍ବରୁ ବ୍ୟାପକ ପ୍ରସ୍ତୁତି କରିଥିବା ବେଳେ ଗତକାଲି ରାତିରୁ ନିଷ୍ପତ୍ତି କାର୍ଯ୍ୟକାରୀ ନେଇ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ବିଳମ୍ବିତ ରାତି ଓ ଭୋରରୁ ବ୍ରହ୍ମପୁର ଏସ୍‌ପି ଡା. ସରବଣା ବିବେକ ଏମ୍ ଓ ବିଏମ୍‌ସି କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ସମସ୍ତ ବସ୍‌ଷ୍ଟାଣ୍ଡକୁ ଯାଇ ସ୍ଥିତି ପରଖିଥିଲେ। ବସ୍ ଚାଳକଙ୍କୁ ନିର୍ଦ୍ଧାରିତ ବସ୍‌ଷ୍ଟାଣ୍ଡକୁ ଯିବାକୁ ପରାମର୍ଶ ଦେଇଥିଲେ। ଏପରିକି ବସ ମାଲିକ ସଂଘ ସହ ଆଲୋଚନା କରି ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ କହିଥିଲେ।

ଶୁକ୍ରବାରଠୁ ଉଭୟ ବସଷ୍ଟାଣ୍ଡରୁ ଗାଡ଼ି ଯାତାୟାତ ଏକପ୍ରକାର ଚୂଡ଼ାନ୍ତ ହୋଇଥିଲା। ପୂର୍ବରୁ ଜିଲ୍ଲା ପ୍ରଶାସନ ସର୍ବସାଧାରଣ ବିଜ୍ଞପ୍ତି ପ୍ରକାଶ କରିଥିଲା। ଆସିକା ଓ ଦିଗପହଣ୍ଡି ରୁଟ୍ ଦେଇ ଆସୁଥିବା ସମସ୍ତ ବସ୍ ଡୁଡୁମା କଲୋନୀ ଅସ୍ଥାୟୀ ବସ୍‌ଷ୍ଟାଣ୍ଡରୁ ପରିଚାଳିତ ହେବ ବୋଲି ଧାର୍ଯ୍ୟ ହୋଇଥିଲା। ସେହିଭଳି ଆନ୍ଧ୍ର, ଛତ୍ରପୁର ଓ ପୁରୁଷୋତ୍ତମପୁର ରୁଟ୍ ଦେଇ ଆସୁଥିବା ସମସ୍ତ ବସ୍ ହଳଦିଆପଦର ବସ୍‌ଷ୍ଟାଣ୍ଡ ଠାରୁ ପରିଚାଳିତ ହେବା ପାଇଁ ପ୍ରଶାସନ ସ୍ଥିର କରିଥିଲା। କିନ୍ତୁ ଏଥିରେ ସାମାନ୍ୟ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ଡୁଡୁମା କଲୋନୀ ବସ୍‌ଷ୍ଟାଣ୍ଡରୁ ସହର ଭିତରକୁ ଆସିବା ପାଇଁ ଅତ୍ୟଧିକ ଅଟୋ ଭଡ଼ା ଦେବାକୁ ପଡୁଥିବାରୁ ଯାତ୍ରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅଟୋରେ ଯାତ୍ରୀଙ୍କ ଯିବାଆସିବା ପାଇଁ ପୂର୍ବରୁ ଏକ ବୈଠକରେ ଭଡ଼ା ଧାର୍ଯ୍ୟ ହୋଇଥିଲା। ହେଲେ ଅଧିକାଂଶ ସ୍ଥାନରେ ଏହା କାର୍ଯ୍ୟକାରୀ ହେଉନଥିବା ଯାତ୍ରୀ ଅଭିଯୋଗ କରିଛନ୍ତି।

ଛତ୍ରପୁର ଓ ପୁରୁଷୋତ୍ତମପୁର ରୁଟ୍‌ରେ ଯାତାୟାତ କରୁଥିବା ବସ୍ ହଳଦିଆପଦର ବସ୍‌ଷ୍ଟାଣ୍ଡକୁ ଯାଇନଥିବା ଦେଖିବାକୁ ମିଳିଥିଲା। ପୁରୁଣା ଟ୍ରେକର୍ ଷ୍ଟାଣ୍ଡରୁ ଗତବ୍ୟସ୍ଥଳକୁ ଯିବାଆସିବା କରୁଥିବା ଦେଖାଯାଇଛି। ତେବେ ଏଭଳି ଯାତାୟାତ ସମ୍ପର୍କରେ ପ୍ରଶାସନର ଅଭିମୁଖ୍ୟ କିମ୍ବା ନିଷ୍ପତ୍ତି ଜଣାପଡ଼ିନି। ଅନ୍ୟପଟେ ଡୁ ଡୁ ମା କଲୋନି ବସ୍‌ଷ୍ଟାଣ୍ଡ୍‌ରେ ଯାତ୍ରୀ ସାମାନ୍ୟ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସୂଚନାଯୋଗ୍ୟ, ଗେଟବଜାର୍ ଫ୍ଲାଏଓଭର୍ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଗତ ୨୦ ତାରିଖରେ ଆୟୋଜିତ ବୈଠକରେ ଉପରୋକ୍ତ ନିଷ୍ପତ୍ତି ହୋଇଥିଲା। ବିଡିଏ କର୍ତ୍ତୃପକ୍ଷ, ବସ୍ ମାଲିକ ସଂଘ, ଓଏ?ଟିସି କର୍ମଚାରୀ, କୁଟ୍ କର୍ତ୍ତୃପକ୍ଷ, ଆଞ୍ଚଳିକ ପରିବହନ ବିଭାଗ, ଟ୍ରଫିକ୍ ଅଧୁକାରୀ ଓ ପୁଲିସ ବିଭାଗକୁ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ସଂଘର ଅନୁରୋଧକ୍ରମେ ୬ ତାରିଖରୁ ବସ୍‌ଷ୍ଟାଣ୍ଡ ସ୍ଥାନାନ୍ତର ପାଇଁ ଧାର୍ଯ୍ୟ ହୋଇଥିଲା।

# ବଦଳିବ ବାଲି, ଗୋଡ଼ି, ଇଟାର ମୂଲ୍ୟ



ଭୁବନେଶ୍ୱର, (ପିପିଏସ୍) : ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ନିର୍ମାଣ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିର୍ମାଣ କ୍ଷେତ୍ରରେ ସାମଗ୍ରୀର ଉଚିତ ମୂଲ୍ୟ ନିର୍ଦ୍ଧାରଣ ଓ ସାମଗ୍ରୀର ଗୁଣବତ୍ତା ଉପରେ ଗୁରୁତ୍ୱ ଦିଆଯାଇଥିବା ସୂଚନା ରହିଛି।

ପୂର୍ବାହ୍ନରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଏବଂ ବିଭିନ୍ନ ରାଜ୍ୟରେ ଲାଗୁ ହୋଇଥିବା ନିର୍ମାଣ ସାମଗ୍ରୀର ମୂଲ୍ୟକୁ ତର୍ଜମା କରି ରାଜ୍ୟରେ କିଭଳି ନିର୍ମାଣ ସାମଗ୍ରୀର ସର୍ବଶ୍ରେଷ୍ଠ ମୂଲ୍ୟ ନିର୍ଦ୍ଧାରଣ କରିହେବ ସେନେଇ ଆଲୋଚନା ହୋଇଥିଲା। ପରିବହନ ଖର୍ଚ୍ଚକୁ ହିସାବକୁ ନେଇ ବାଲି, ଗୋଡ଼ି, ଇଟାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଇନ୍‌ଡୋର ଏବଂ ଆଉଟ୍ ?ଡୋର ସାମଗ୍ରୀ, ବୈଦ୍ୟୁତିକ ସାମଗ୍ରୀ, ପ୍ରି-ଫେବ୍ରିକେଟେଡ୍ ସାମଗ୍ରୀ, କୋଠାବାଡ଼ିରେ ବ୍ୟବହୃତ ସାମଗ୍ରୀର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ ନେଇ ଆଲୋଚନା ହୋଇଥିଲା। ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ନିର୍ମାଣ ସାମଗ୍ରୀର ଗୁରୁତ୍ୱ ଓ ଆବଶ୍ୟକତାକୁ ଉପଲବ୍ଧି କରି ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟା ଶୀଘ୍ର ସମାପ୍ତି ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ ଲକ୍ଷ୍ମୀକାନ୍ତ ପାଢ଼ୀ, ଇଆଇସି (ଡିଜାଇନ) ଇଂ ସମୀର ହୋତା, ଇଆଇସି (ସିଭିଲ୍) ଇଂ ସତ୍ୟବ୍ରତ ବେହେରା, ଇଆଇସି (ରୋଡ୍ ?ସ) ଇଂ ଧ୍ୟାନଚାନ୍ଦ ନାୟକ, ମୁଖ୍ୟଯନ୍ତ୍ରୀ ଇଂ ପ୍ରିୟବ୍ରତ ସାମନ୍ତରାୟ ଏବଂ ଇଂ ଶିବବ୍ରତ ତରିଆ, ଅର୍ଥ ପରାମର୍ଶଦାତା ରତୀକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲେଡ୍‌ରେ କଲେଜ ଛାତ୍ରୀଙ୍କ ବେକ କାଟିଲା ଦୁର୍ବୃତ୍ତ

# ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥାନାନ୍ତର



ଗୋପ (ପିପିଏସ): ଗୋପ ଥାନା ଅନ୍ତର୍ଗତ ନାଗପୁର ରାସ୍ତାରେ ଏକ ଅଭାବନୀୟ ଘଟଣା ଘଟିଥିବା ଗୋପ ଅଞ୍ଚଳରେ ଆଲୋଡନା ସୃଷ୍ଟି କରିଛି। ଏକ ଦୃବୃତ କଲେଜ ଛାତ୍ରୀଙ୍କ ଗଳା କାଟି ହତ୍ୟା କରିବାକୁ ଉଦ୍ୟମ କରିଥିବାର ଗୋପ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଗୋପ କଲେଜକୁ ଯୁକ୍ତ ଦୁଇ ପରୀକ୍ଷା ଦେବାକୁ ଯାଇଉଥିବା ବେଳେ ନାଗପୁର ମୁଗୁରିଆ ଠାରେ ଏକ ଛାତ୍ରୀଙ୍କ ବେକକୁ ଧାରୁଆ ଅସ୍ତ୍ର ରେ ଆକ୍ରମଣ କରିଥିଲା ଦୁର୍ବୃତ୍ତ। ଛାତ୍ରୀ ଜଣଙ୍କ ଗୁରୁତର ଅବସ୍ଥାରେ ଗୋପ ମେଡିକାରରେ ଭର୍ତ୍ତି ହୋଇଥିବା ବେଳେ ସ୍ୱାସ୍ଥ୍ୟବସ୍ତା ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତରିତ କାରଯାଇଛି। ଛାତ୍ରୀ ଜଣଙ୍କ ସକାଳ ୮ ଘଟିକାରେ ଯୁକ୍ତ ଦୁଇ ପରୀକ୍ଷା ଦେବାକୁ ଯାଉଥିବା ବେଳେ ନାଗପୁର ମୁଗୁରିଆ ଠାରେ ଏକ ଦୃବୃତ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଛାତ୍ରୀ ଜଣଙ୍କ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଁଚିବାରେ ଦୃବୃତ ଫେରାର ହୋଇଯାଇଥିଲା।

ସ୍ଥାନୀୟ ଲୋକେ ଛାତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗୁରୁତର ଛାତ୍ରୀଙ୍କ ବେକ ଓ ଶରୀରରେ ଆଘାତ ଲାଗିଥିବା ବେଳେ ଛାତ୍ରୀ ଜଣଙ୍କ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ଏହି ଘଟଣାକୁ ଆଧାର କରି ଗୋପ ପୋଲିସ କେସ ନଂ ୭୭/ ୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ପୁଲିସ, ଆରଆଇ ସବୁ ଜାଣି ନିରବଦ୍ରଷ୍ଟା: ବାଲି ପରେ ଲକ୍ଷାଧିକ ଟଙ୍କାର ମାଟି ଲୁଟ୍



ଅସ୍ତରଙ୍ଗ, (ପିପିଏସ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଂଚଳରେ ଆଖି ବୁଝା ଲଘୁ ଖଣିଜ ସମ୍ପଦ ଲୁଟ ହେଉଛି। ମାଟି ହେଉ କି ବାଲି କିଛି ବି ଛାଡୁନାହାନ୍ତି ମାଫିଆ ଗଲା ଚାରି ମାସ ଭିତରେ ମାଫିଆ ମାନେ ଲକ୍ଷାଧିକ ଟଙ୍କାର ମାଟି ଓ ବାଲି ଲୁଟି ସାରିଲେଣି। ସରକାରୀ ଜମି, ଗୋଚର, ନୟନ ଜୋରିକୁ ଏମିତି କି ଶ୍ମଶାନକୁ ଖୋଳିବାକୁ ମଧ୍ୟ ମାଟି ମାଫିଆ ପଛାଉ ନାହାନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଂଚଳରେ ବସବାସ କରୁଥିବା ତଥା ନିଜକୁ ଶାସକ ଦଳର କରିତି କର୍ମୀ କହି ଅବା ବିରୋଧୀ ଦଳର ପୁରୁଖା ରାଜନେତା କହି ଦିନରାତି ମାଟି ଚୋରା ଚାଲାଣ କରୁଛନ୍ତି। ଅଥଚ ସବୁ ଜାଣି ସ୍ଥାନୀୟ ପ୍ରଶାସନ, ପୁଲିସ ଓ ଖଣି ବିଭାଗ ଚୁପ ବସିବା ସାଧାରଣ ସନ୍ଦେହ ସୃଷ୍ଟି କରିଛି।ଅନ୍ୟ ପଟେ କିଛି ଜେସିବି ଓ ଟ୍ରାକ୍ଟର ମାଲିକ ଅସ୍ତରଙ୍ଗ ଥାନାରେ କାର୍ଯ୍ୟରତ କିଛି ଅସାଧୁ ପୁଲିସ କର୍ମଚାରୀ ଙ୍କୁ ଭିତିରି ବୁଝାମଣା କରି ଖୁଲମ ଖୁଲ୍ଲା ମାଟି ଚାଲାଣ କରୁଛନ୍ତି।ରାଜନେତା ଙ୍କ ଚେପାରେ ବିଭାଗୀୟ ପ୍ରଶାସନିକ ଅଧିକାରୀ ଓ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିବା ଅଭିଯୋଗ ହେଉଛି।

ଗତ କିଛି ଦିନ ହେବ ଅସ୍ତରଙ୍ଗ ତହସିଲ ଅଧୀନ ନଗର, ଆଳସାହି, ବରାଙ୍ଗ, ଆଳଙ୍ଗପୁର ନଈଗୁଆଁ, ତାଳଦା, ନୂଆଗଡ, ଅସ୍ତରଙ୍ଗ, ମୁଦୁଗଲ, ପାଟଳଦା, କେନ୍ଦ୍ରାପଟି, ଶିଶୁଅ ସମେତ ଅସ୍ତରଙ୍ଗ ସୂର୍ଯ୍ୟ ପଡିଆ ସମେତ ବିଭିନ୍ନ ସ୍ଥାନରେ ବେଧଡକ ମାଟି ଚୋରା ଚାଲାଣ ହେଉଛି ତାହା ପୁଣି ବିନା କାଗଜ ପତ୍ର ଥିବା ଟ୍ରାକ୍ଟରରେ। ମାଫିଆ ମାନେ ରାତିରାତି ଜେସିବି ଓ କିଛି ମୁନାଫା ଖୋର ଟ୍ରାକ୍ଟର ଚାଳକଙ୍କୁ ଧରି ରାତି ତମାମ ଶହ ଶହ ଟ୍ରିପ ମାଟି ଚାଲାଣ କରୁଛନ୍ତି। ମାଟି ଲୁଟେରାଙ୍କ ପକେଟକୁ ଦୈନିକ ଲକ୍ଷାଧିକ ଟଙ୍କା ଲାଭାଁସ ଯାଉଛି ବୋଲି ଚର୍ଚ୍ଚା ହେଉଛି। ବେସରକାରୀ ଆକଳନ ମୁତାବକ ଗଲା ଚାରି ମାସମଧ୍ୟରେ ପାଖାପାଖି ୫୦ଲକ୍ଷ ରୁ ଅଧିକ ଟଙ୍କାର ମାଟି ବିକ୍ରି ସରିଲାଣି। ସରକାରୀ ଜମି, ଗୋଚର, ପାଟନାଳୀ ଓ ନୟନଜୋରିକୁ ବି ଛାଡୁ ନାହାନ୍ତି।ଖରାଦିନ କାରଣରୁ ଏ ସବୁ ଶୁଖିଲା ପଡିଥିବାରୁ ମାଫିଆ ମାନେ ଏହାର ସୁଯୋଗରେ ମାଟି ନେଉଛନ୍ତି। ଏପରିକି ବେସରକାରୀ ଜମିରୁ ମାଟି ଉଠି ଯାଉଛି। ଯେଉଁ ଜମି ମାଲିକ ସ୍ଥାନୀୟ ଅଂଚଳରେ ରହୁ ନାହାନ୍ତି, ସେମାନଙ୍କ ଜମିକୁ ଟାର୍ଗେଟ କରାଯାଇ ରାତି ସମୟରେ ଗହୀର ମଝିରୁ ମାଟି ଉଠାଇ ନିଆଯାଉଛି। ସବୁଠୁ ବଡ଼ କଥା ହେଉଛି ପ୍ରଶାସନର ପ୍ରୋତ୍ସାହନରେ ଏ ସବୁ ଚାଲାଣ ହେଉଥିବା ଅଭିଯୋଗ ହେଉଥିବାରୁ ସ୍ଥାନୀୟ ଲୋକ ଏହାର ବିରୋଧ କିମ୍ବା ଅଭିଯୋଗ କରିବାକୁ ସାହସ କରି ପାରୁନାହାନ୍ତି।

ଅନ୍ୟ ପକ୍ଷରେ ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି )କଡା ନିର୍ଦ୍ଦେଶ ରହିଛି ଯେ ଆବଶ୍ୟକୀୟ ବୈଧନିକ ଅନୁମତି ବିନା ଏ ସବୁ ଅଂଚଳରୁ ମାଟି ବାଲି ଖୋଳା ଯାଇପାରିବନି କିମ୍ବା ଚାଲାଣ ହେବନି। ଗୋଟିଏ ପଟେ ସରକାର ଲୁଟ ଯୋଗୁଁ ଶହ ଶହ କୋଟି ଟଙ୍କାର ରାଜସ୍ୱ ହରାଉଥିବା ବେଳେ ଅନ୍ୟ ପଟେ ମାଫିଆ ମାନେ ସବୁ ନୀତି ନିୟମକୁ ଜଳାଞ୍ଜଳି ଦେଇ ବାଲି, ମାଟି ଲୁଟି ମାଲେମାଲ ହେଉଛନ୍ତି। ହେଲେ ଲୋକଙ୍କ ସରକାର ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ନ ନେବା ପରୋକ୍ଷରେ ମାଫିଆଙ୍କୁ ପ୍ରୋତ୍ସାହିତ କରୁନାହିଁ କି?

### ଜିଲ୍ଲା ପରିଷଦ ବୈଠକରେ ରାଜନୈତିକ ଉଷ୍ମତା: 'ହୁ ଆର୍ ୟୁ' ପ୍ରସଙ୍ଗକୁ ନେଇ ହୋ-ହଲ୍ଲା

# ଆରଡ଼ି ରାସ୍ତା ବିବାଦକୁ ନେଇ ଆରୋପ-ପ୍ରତ୍ୟାରୋପ, କିଛି ସମୟ ପାଇଁ ବୈଠକ ବନ୍ଦ



ବ୍ରହ୍ମପୁର(ପିପିଏସ୍): ଗଞ୍ଜାମ ଜିଲ୍ଲା ପରିଷଦ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଆୟୋଜିତ ଗଞ୍ଜାମ ଜିଲ୍ଲା ପରିଷଦର ୮ମ ବୈଠକ ଶୁକ୍ରବାର ରାଜନୈତିକ ଉଷ୍ମତାରେ ତାତି ଉଠିଥିଲା। ବୈଠକ ଚାଲିଥିବା ବେଳେ ବିଭିନ୍ନ ରାଜନୈତିକ ମତାମତ ଓ ଆରୋପ- ପ୍ରତ୍ୟାରୋପକୁ ନେଇ ସଦସ୍ୟମାନଙ୍କ ମଧ୍ୟରେ ହୋ-ହାଲ୍ଲା ହୋଇ କିଛି ସମୟ ପାଇଁ ବୈଠକ ବନ୍ଦ ହୋଇଥିଲା। ଗୋପାଳପୁର ନିର୍ବାଚନ ମଣ୍ଡଳୀର କନିଷ୍ଠି ତହସିଲ ନିକଟ ଏକ ଆରଡ଼ି ରାସ୍ତା ନିର୍ମାଣ ବିଳମ୍ବକୁ ନେଇ ୫୪ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ ଗୃହରେ ପ୍ରଶ୍ନ ଉଠାଇଥିଲେ। ସେ କହିଥିଲେ ଯେ ଏମ୍‌ପି ଓ ସ୍ଥାନୀୟ ବିଧାୟକ-ମନ୍ତ୍ରୀଙ୍କ ମଧ୍ୟରେ ବିବାଦ ଯୋଗୁ ସାଧାରଣ ଲୋକ ଦୀର୍ଘଦିନ ଧରି ଅସୁବିଧା ଭୋଗୁଛନ୍ତି। ଏହାକୁ ଉତ୍ତର ଦେଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ କହିଥିଲେ ଯେ ଏମ୍‌ପି ଓ ମନ୍ତ୍ରୀଙ୍କ ମଧ୍ୟରେ କୌଣସି ବିବାଦ ନାହିଁ ଏବଂ ପୂର୍ବ ସରକାରଙ୍କ କାର୍ଯ୍ୟ ପାଇଁ ଏପରି ସମସ୍ୟା ହୋଇଛି। ବିଧାୟକଙ୍କ ଏହି କଥାକୁ ନେଇ ବିଜେଡି ଜିଲ୍ଲା ପରିଷଦ ସଭ୍ୟାସଭ୍ୟମାନେ ପ୍ରତିବାଦ କରିଥିବା ବେଳେ ଗୃହରେ ହୋ-ହାଲ୍ଲା ସୃଷ୍ଟି ହୋଇଥିଲା। ବର୍ତ୍ତମାନର ଭାଜପା ସରକାରକୁ 'କଲର ବୋଲା ସରକାର' ବୋଲି କୁହାଯାଇଥିବାରୁ ପରିସ୍ଥିତି ଆହୁରି ତୀବ୍ର ହୋଇଥିଲା। ଏହାକୁ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଏସ୍.ରାଜେଶ୍ୱରୀ ଦୋରା ମଧ୍ୟ ବିରୋଧ କରିଥିଲେ। ଏହି ସମୟରେ ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧି ଶିବ ଦାଶ ଉପାଧ୍ୟକ୍ଷାଙ୍କୁ 'ହୁ ଆର୍ ୟୁ' ବୋଲି ପଚାରିବାରୁ ପରିସ୍ଥିତି ଅଧିକ ତୀବ୍ର ହୋଇଥିଲା। ବିଜେଡି ସଭ୍ୟାସଭ୍ୟମାନେ କ୍ଷମା ପ୍ରାର୍ଥନା ଦାବିରେ ମଞ୍ଚ ତଳେ ବସି ପ୍ରତିବାଦ କରିଥିଲେ। ପରେ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନଙ୍କ ନିର୍ଦ୍ଦେଶରେ ସେହି ପ୍ରତିନିଧିଙ୍କୁ ଗୃହରୁ ବାହାରକୁ ପଠାଯାଇଥିଲା। ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଓ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ ହୋଇ ବୈଠକ ପୁଣି ଆରମ୍ଭ ହୋଇଥିଲା। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ମନରେଗା, ଗ୍ରାମୀଣ ଗୃହ, ପାନୀୟ ଜଳ, ଜଳ ଓ ପରିମଳ ମିଶନ, ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ ଭବନ, ସ୍ୱାସ୍ଥ୍ୟ, ଯୋଗାଣ, ଶିକ୍ଷା ଓ କୃଷି ବିଭାଗ ସହିତ ବିଭିନ୍ନ ବିଭାଗର କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଦିଗପହଣ୍ଡି ବିଧାୟକ ଡଃ.ସିଦ୍ଧାନ୍ତ ମହାପାତ୍ର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଓ ଅନ୍ୟାନ୍ୟ ଜିଲ୍ଲା ପରିଷଦ ସଦସ୍ୟ ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ପାଟଳଦା ହାଇସ୍କୁଲର ୧୯୮୪ ମସିହା ବ୍ୟାଚ୍

# ଦିବ୍ୟାଙ୍ଗଙ୍କୁ ସହାୟତା କରି ନିଆରା ଢଙ୍ଗରେ ବନ୍ଧୁମିଳନ



ଅସ୍ତରଙ୍ଗ, (ପିପିଏସ୍): ବନ୍ଧୁତା ହୋଇପାରେ ଗୋଟିଏ ଶବ୍ଦ, କିନ୍ତୁ ତା ପରିଧି କେଉଁଠୁ ଯେ କେତେ ଦୂର ଆଖି ପାଏନି। କିଏ କେତେବେଳେ କାହା ସହ ବନ୍ଧୁ ସୂତ୍ରରେ ଯୋଡି ହୋଇଯିବ। ବିଧି ନିର୍ଦ୍ଦିଷ୍ଟ ନାଁ ଘଟଣାମାତ୍ର। ଯିଏ ଯାହା ବୁଝେ ସେହି ହିସାବରେ ତା ବନ୍ଧୁତା ଆଗେଇ ଚାଲେ। ସେଇଥି ପାଇଁ ବୋଧେ କିଛି ବନ୍ଧୁତାର ଆୟୁଷ ବେଶୀଦିନ ନଥିବା ବେଳେ ଆଉ କିଛି ବନ୍ଧୁତାର ଆୟୁଷ ଲମ୍ବିଯାଏ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପର୍ଯ୍ୟଟନସ୍ଥଳୀ ପୀରଜାହାନିଆ ପୀଠରେ ଶୁକ୍ରବାର ଦିନ ଆୟୋଜିତ ପାଟଳଦା ହାଇସ୍କୁଲ ର ୧୯୮୪ମସିହା ରୟାଲ ସ୍କୁଲ ଗ୍ରୁପ ବ୍ୟାଚ ର ବନ୍ଧୁ ମିଳନ।କାହାର ପିଲା ବେଳର ନାଟକ ମନେ ପଡ଼ିଯାଉଥାଏ, ତ ଆଉକିଏ ପିଲା ବେଳର ସାଙ୍ଗକୁ ଚିହ୍ନି କୁଣ୍ଡେଇ ପକାଉଥାଏ। ଆହାଃ କି ନିବିଡ଼ତା, ପିଲା ଦିନର ବନ୍ଧୁତା ଆଉ ଏ ଅନାବିଳ ପ୍ରେମ କେବଳ ଅନୁଭବୀ ହିଁ ଅନୁଭବ କରି ପାରିବ ଏମାନଙ୍କ ଭାବକୁ। ବୟସ ସିନା ୫୦ପାର ହେଲାଣି କିନ୍ତୁ ପିଲା ଦିନକୁ ଆଜି ଖୋଜି ହେଉଛନ୍ତି ଏମାନେ। ବରଡ଼ା ପତର ଘରେ ଗୋବର ଲିପିବା, ଆମ୍ବ ତୋଟାରୁ ଆମ୍ବ ଚୋରି କରି ଖାଇବା, ବଡ଼ଙ୍କ ପାଖରୁ ଗାଳି ଶୁଣିବା, ମନ୍ଦିର ଭୋଗ ଛଡାଇ ଖାଇବା ଏ ସବୁ ଦୁଷ୍ଟାମୀ ଯେମିତି କାଲି ଭଳି ହୋଇଯାଇଥିଲା। ହେଲେ ଆଜି କିଏ ବୟସ ର ଅପରାହ୍ନ କରିଦେଲା। କାଲି ପୁଣି ସମୟ ସୁଅରେ ଅସ୍ତିତ୍ୱ ଭାସିଯିବ ଭାବି ଭାବି ବିହ୍ୱଳ ହେଉଛନ୍ତି। ସମୟ ସ୍ରୋତରେ ପିଲା ଦିନ ଚାଲିଗଲା, କିଶୋର, ଯୁବାବସ୍ଥା ଯାଇ କ୍ରମଶଃ ବାର୍ଦ୍ଧକ୍ୟ ଘାରିଲା। ଏ ଅବସ୍ଥାରେ କୁଆଡେ ଗଲା ସେ ପିଲା ଦିନ ଗୁଡାକ ଭାରି ମନେ ପଡୁଛି।

ବିତି ଯାଇଥିବା ସ୍ମୃତିକୁ ସାଉଁଟିବାର ଇଚ୍ଛାନେଇ ଏକାଠି ହୋଇଥିଲେ ଶୁକ୍ରବାର ଦିନ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପାଟଳଦା ହାଇସ୍କୁଲ ର ୧୯୮୪ ମସିହା ବ୍ୟାଚ।ପ୍ରାରମ୍ଭ ରୁ ମଞ୍ଚ ପରିଚାଳନା କାର୍ଯ୍ୟ ପାଟଳଦା ପଂଚାୟତ ର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ବେହେରା କାର୍ଯ୍ୟ ତୁଲାଇଥିବା ବେଳେ ଝିଅ ସାଙ୍ଗ ମାନଙ୍କୁ ନେଇ ପ୍ରଦୀପ ପ୍ରଜ୍ୱଳନ ପରେ ପାଟଳଦା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାତା, ଗୁରୁ ଓ ଦେହାନ୍ତ ହୋଇଥିବା ସାଙ୍ଗମାନଙ୍କ ପାଇଁ ନିରବ ପ୍ରାଥନା ପରେ ସାଙ୍ଗମାନେ ଏକତ୍ରିତ ହୋଇ ଅସ୍ତରଙ୍ଗ ବ୍ଲକ ଅଂଚଳର ଅନେକ ଦିବ୍ୟାଙ୍ଗ ବ୍ୟକ୍ତି ବିଶେଷଙ୍କୁ ଆଗାମୀ ଗ୍ରୀଷ୍ମ ଦିନ ପାଇଁ ଛତା ଓ ଗାମୁଛା ବଣ୍ଟନ କରିଥିଲେ।ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ ନୁହେଁ ତ ସତେ ଯେମିତି ଶତାବ୍ଦି ର ଶ୍ରେଷ୍ଠ ମାନଙ୍କ ଭେଟ ଘାଟ। କିଏ ୩୦ରୁ ୪୦ବର୍ଷ ଧରି ପ୍ରଶାସନିକ ଦାୟିତ୍ୱ ତୁଲାଇଛନ୍ତି। ଆଉ କିଏ ଗାଁ ବିଦ୍ୟାଳୟର ଶହ ଶହ ଭବିଷ୍ୟତକୁ ଗଢିଛି। ଏମାନଙ୍କ ଭିତରୁ କିଏ ବାଟ କାଟି ଚାଲି ଗଲଣି, ଯିଏ ଅଛନ୍ତି ସେମାନଙ୍କ ଫୋଟ ଭିତରେ ସ୍ମୃତିକୁ ଦରାଣ୍ଡୁଛନ୍ତି। ଏକାଠି ବସି ପିଲାଦିନ ବାଲି ଘର ଆଉ ବିଭିନ୍ନ ଖେଳ ମନେ ପକାଉଛନ୍ତି।ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ରେ ପ୍ରଫୁଲ୍ଲ ବେହେରା, ପ୍ରୀତି ରାଉତରାୟ (ରୀନା ), ଦିପ୍ତୀରେଖା ରଥ, ମନୋରମା କର, ପ୍ରମୋଦ ନାୟକ, ହେମନ୍ତ ବେହେରା, ଭାଗିରଥି ପ୍ରଧାନ ସମେତ ଅନ୍ୟ ସାଙ୍ଗ ସାଥି ଅଂଶ ଗ୍ରହଣ କରିଥିଲେ। ଦୀର୍ଘ ବର୍ଷ ପରେ ଏମାନେ ଭେଟ ହୋଇଛନ୍ତି ସତ କିନ୍ତୁ ସାଉଁଟିଛନ୍ତି ଶହ ଶହ ସ୍ମୃତି।

### ଧାମନଗର ଏନ୍‌ଏସିର ତତ୍କାଳୀନ ଯନ୍ତ୍ରୀଙ୍କ ଦୂରଦୃଷ୍ଟିର ଅଭାବ

# ଦିଗହରା ଆଲୋକୀକରଣ ଯୋଜନା: କୋଟି କୋଟି ଟଙ୍କାର ଯନ୍ତ୍ରାଂଶ ନଷ୍ଟ

ଧାମନଗର (ପି ପି ଏସ) ଧାମନଗର ଏନଏସିକୁ ସରସ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ସହରୀ ବିକାଶ ଯୋଜନା ଅନ୍ତର୍ଗତ ରାସ୍ତା ପାର୍ଶ୍ୱରେ ସହରୀ ଆଲୋକିକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଧାମନଗର ବଡ଼ ବଜାରଠାରୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ବରଗଡିଆ ଛକ ପର୍ଯ୍ୟନ୍ତ ଦୁଇ ପାର୍ଶ୍ୱରେ ପିଚୁ ରାସ୍ତା କଡ଼ରୁ ମାତ୍ର ତିନି ଫୁଟ ଦୂରରେ ଶହ ଶହ ଖୁଣ୍ଟ ପୋତାଯାଇ ସେଥିରେ ଲାଇଟ ଲାଗିଥିଲା। ମାତ୍ର ରାସ୍ତା ପ୍ରଶସ୍ତି କରଣ ପାଇଁ ସେହି ଖୁଣ୍ଟ ଗୁଡ଼ିକୁ ଉପାଡ଼ି ଫିଙ୍ଗା ଯାଉଛି। କିଛି ମାସ ତଳେ ରାସ୍ତା ପାର୍ଶ୍ୱ ବୃକ୍ଷ କଟା ଯିବା ବେଳେ ଏହି ଆଲୋକ ଖୁଣ୍ଟ ଗୁଡ଼ିକରୁ ତାର ଖୋଲା ଯାଇଥିଲା। ତା' ପରେ ଅଧିକାଂଶ ଖୁଣ୍ଟରୁ ଲାଇଟ ଗୁଡ଼ିକ ଉଭାନ ହୋଇଗଲା।ଏବେ ଖୁଣ୍ଟ ଗୁଡ଼ିକୁ ଉଠା ଯାଉଛି। ୧୬ ନଂ ଜାତୀୟ ରାଜପଥ ଠାରୁ ଧାମନଗର ପୂର୍ତ୍ତ ରାସ୍ତା ପ୍ରଶସ୍ତି



କରଣ ହେବ ବୋଲି ଆଜକୁ ପାଞ୍ଚ ବର୍ଷ ହେବ ଚର୍ଚ୍ଚା ହେଉଥିବା ବେଳେ ତତ୍କାଳୀନ ବିଭାଗୀୟ ଯନ୍ତ୍ରୀ ଓ ନିର୍ବାହୀ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବରୁ କୋଟି କୋଟି ଟଙ୍କାର ଅଲୋକିକରଣ ସାମଗ୍ରୀ ନଷ୍ଟ ହେଲା। ପୁଣି ଥରେ ଏହି କାମ ପାଇଁ ଟେଣ୍ଡର ହେବ ଓ କୋଟି କୋଟି ଟଙ୍କା ବ୍ୟୟ ବରାଦ ହେବ। ସେଥି ପାଇଁ କଥାର ଅଛି 'କମ୍ପାନୀ କା ମାଲ ଦରୀୟ ମେ ଡାଲ'। ସେହିପରି ଧାମନଗର ଦକ୍ଷିଣବାଡ଼ ବଡ଼ ପୋଲଠାରୁ ଚିଲପଦି ପର୍ଯ୍ୟନ୍ତ ୩ ନଂ କେନାଲ ବନ୍ଧ ରାସ୍ତା କଡ଼ ଖୁଣ୍ଟରେ ଲାଗିଥିବା ଶତାଧିକ ଲାଇଟ ଗୁଡ଼ିକ ପ୍ରଭାବରୁ ଧାନ ଗଛ ନଷ୍ଟ ହେଉଥିବାରୁ ଚାଷୀମାନେ ସେଥିରେ କପଡ଼ା ଗୁଡ଼ାଇ ଢାଙ୍କି ଦେଇଛନ୍ତି। ସେମାନେ କୁହନ୍ତି କି କେନାଲ ଭିତର ପଟେ ଲାଇଟ ଖୁଣ୍ଟ ପୋତାଗଲେ ବିଲର ଧାନ ଗଛ ଉପରେ ତାର ଆଲୋକ ଜନିତ ପ୍ରଭାବ ପଡ଼ନ୍ତା ନାହିଁ। ମାତ୍ର ଏଠାରେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଖାମ ଖିଆଲି ମନୋବୃତ୍ତି ପାଇଁ ରାସ୍ତା ଆଲୋକି କରଣ ଦିଗହରା। ଯାହାଦ୍ୱାରା ଅର୍ଥ ଶ୍ରାଦ୍ଧ ଫଳ ଶୂନ। ଏଣୁ ଯେ କୌଣସି ପ୍ରକଳ୍ପ ପୂର୍ବରୁ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀଙ୍କ ପକ୍ଷରୁ ସେ ସମ୍ପର୍କରେ ଚିନ୍ତା କରାଯିବା ଉଚିତ। ସହରୀ ବିକାଶ ବାବଦରେ ଧାମନଗର ଏନଏସିର କୋଟି ଟଙ୍କା ଖର୍ଚ୍ଚ ହେଲେ ମଧ୍ୟ ବେଫିକର ଅଧିକାରୀ।ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

# ଡ୍ରେନେଜ୍ ମାଷ୍ଟର ପ୍ଲାନ୍ ସର୍ଭେ ଶେଷ, ଖୁବ୍‌ଶୀଘ୍ର ଡିପିଆର୍



ବ୍ରହ୍ମପୁର(ପିପିଏସ୍): ବ୍ରହ୍ମପୁର ସହରର ବର୍ଷା ଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ଚାଲିଥିବା ଡ୍ରେନେଜ୍ ମାଷ୍ଟର ପ୍ଲାନ୍ ସର୍ଭେ ଶେଷ ହୋଇଛି। ୧୫ ତାରିଖ ସୁଦ୍ଧା ଘରୋଇ ସଂସ୍ଥା ଇକୋ ମାଟ୍ରିକ୍ସ ଡ୍ରାଫ୍ଟ ମାଷ୍ଟର ପ୍ଲାନ୍‌ର ଡିପିଆର୍(ବିସ୍ତୃତ ପ୍ରକଳ୍ପ ରିପୋର୍ଟ) ଦାଖଲ କରିବ। ଡ୍ରାଫ୍ଟ ପ୍ଲାନ୍‌ର ତର୍ଜମା ପରେ ଏ ମାସ ଶେଷ ସୁଦ୍ଧା ଚୂଡ଼ାନ୍ତ ଡିପିଆର୍ ଦାଖଲ କରିବ ବୋଲି ଜଣାପଡ଼ିଛି । ଶୁକ୍ରବାର ବିଏମ୍‌ସି କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ହୋଇଥିଲା। ଫିଲ୍ଡ ସର୍ଭେ ଓ କ୍ୟୁ-ଫିଲ୍ଡ ସର୍ଭେର ତଥ୍ୟର ଅନୁଧ୍ୟାନ ଓ ତର୍ଜମା କରାଯାଇଛି ବୋଲି ସିଟି ଇଞ୍ଜିନିୟର୍ ମନୋଜ କୁମାର ପାତ୍ର କହିଛନ୍ତି । ସ୍ୱିରେଜ୍ ବୋର୍ଡର ପ୍ରସ୍ତାବ ପରେ ବିଏମ୍‌ସି ଡ୍ରେନେଜ୍ ମାଷ୍ଟର ପ୍ଲାନ୍ କରିବାକୁ ଟେଣ୍ଡର୍ ଆହ୍ୱାନ ସହ ସେପ୍ଟେମ୍ବର ୨୬ରେ ସ୍ୱତନ୍ତ୍ର କାଉନ୍‌ସିଲ୍‌ରେ ଇକୋ ମାଟ୍ରିକ୍ସ ସଂସ୍ଥାକୁ କାର୍ଯ୍ୟାରମ୍ଭ ଆଦେଶ ଦେଇଥିଲା। ବିଏମ୍‌ସିର ୪୨ୱାର୍ଡ ୩୫ବର୍ଗ କି.ମି ହୋଇଥିବା ବେଳେ ଏହାର କ୍ୟାନ୍‌ମେଣ୍ଟ ଏରିଆ ୨୩୭ବର୍ଗ କି.ମି ରହିଛି। ଡିଜିପିଏ (ଡିଫରେନ୍‌ସିଆଲ୍ ଗ୍ଲୋବାଲ ପୋଜିସନିଂ ସିଷ୍ଟମ୍) ସର୍ଭେ, କ୍ୟୁ-ଫିଲ୍ଡ ସର୍ଭେ ଓ ଡ୍ରୋନ୍ ସର୍ଭେ ଏହି ରିପୋର୍ଟ ସାମ୍ନାକୁ ଆସିଛି। ସର୍ଭେରୁ ଆହୁରି ଜଣାଯାଇଛି ଯେ, ବିଏମ୍‌ସି ଅନ୍ତର୍ଗତ ୫୯୦କି.ମି ଡ୍ରେନ୍ ରହିଛି ଯେଉଁଠାରେ ୩୮୨ କିମି ଡ୍ରେନ୍ କଭର୍ ଏବଂ ୨୦୮ କିମି ଡ୍ରେନ୍ ଖୋଲା ରହିଛି। ସମସ୍ତ ୱାର୍ଡର କଂକ୍ରିଟ୍, ପିଚୁ ଓ ପେଭର୍ ଆଦି ରାସ୍ତାର ଲମ୍ବ ୪୮୧ କିମି ଥିବା ବିଭିନ୍ନ ସର୍ଭେରୁ ଜଣାଯାଇଛି। ଆଜି ସମୀକ୍ଷା ବୈଠକରେ ଏ ସମସ୍ତ ବିଷୟ ଆଲୋଚନା ହୋଇଥିଲା। ଏଥିସହ ବର୍ଷାଜଳ ନିଷ୍କାସନ ଚ୍ୟାଲେଞ୍ଜ ଏବଂ ସମ୍ଭାବ୍ୟ ଜଳବନ୍ଦୀ ଅଞ୍ଚଳ ଚିହ୍ନଟ ଓ ମୁକାବିଲା ପାଇଁ ଡିପିଆର୍ ପ୍ରସ୍ତୁତ କରିବାକୁ ଇକୋମାଟ୍ରିକ୍ସ କର୍ତ୍ତୃପକ୍ଷଙ୍କୁ କୁହାଯାଇଥିଲା।

### କାହା ନିର୍ଦ୍ଦେଶରେ ଚାଲିଛି ବାଙ୍କୀରେ ଚୋରା ମୋରମ, ମାଟି, ବାଲି ଓ ପଥର ଚାଲାଣ

# ଚୋରା ମାଫିଆ ଲକ୍ଷପତି, କୋଟି କୋଟି ଟଙ୍କାର ରାଜସ୍ୱ ହାନି ?





ବାଙ୍କୀ, (ପିପିଏସ୍) : ବାଙ୍କୀ ଓ ଡମପଡା ତହସିଲ ଅଧିନରେ ଥିବା ବିଭିନ୍ନ ବାଲିଘାଟ, ମୋରମ ଖଣି ଖାଦାନ, ପାହାଡ଼ ଅଞ୍ଚଳରୁ ପଥର ଚାଲାଣ ସହିତ ବିଭିନ୍ନ ଅଞ୍ଚଳରୁ ପ୍ରତ୍ୟେକ ଦିନ ଶହ ଶହ ଟ୍ରିପ୍ ଖଣିଜ ପଦାର୍ଥ ଚୋରାଚାଲାଣ ହେଉଥିବା ଜଣା ପଡ଼ିଛି। ଅନ୍ୟପଟେ ଚୋରା କାରବାରରେ ସଂପୃକ୍ତ ମାଫିଆ ଓ କେତେକ ରାଜନୈତିକ ଦଳର କର୍ମୀମାନେ ଖଣିଜ ସମ୍ପଦ ଲୁଟି ନେଉଥିବା ନେଇ ଜନ ମାନସରେ ଆଲୋଚନାର କେନ୍ଦ୍ର ବିନ୍ଦୁ ପାଲଟିଥିବା ବେଳେ ଏଭଳି କ୍ଷେତ୍ରରେ ବାଙ୍କୀ ପ୍ରଶାସନର ନିରବତା ବାଙ୍କୀବାସୀଙ୍କୁ ଚକିତ କରିବାରେ ଲାଗିଛି। ଡମପଡା ତହସିଲ କାର୍ଯ୍ୟାଳୟ ଠାରୁ ମାତ୍ର ଏକ କିଲୋମିଟର ଦୂରତା କୁସପଙ୍ଗି ପଞ୍ଚାୟତ ସ୍ଥିତ ଅରାଚଣ୍ଡି ପୀଠ ତାଳବସ୍ତ ପଞ୍ଚାୟତରେ ଥିବା ବିଭିନ୍ନ ଅଞ୍ଚଳ ନିକଟରୁ ଶହ ଶହ ଟ୍ରିପ ମୋରମ ଚାଲାଣ ହେଉଥିବା ବେଳେ ବାଙ୍କୀ ତହସିଲ ଅନ୍ତର୍ଗତ ସୁନାଦେଇ ମୁଣ୍ଡିଆ ନିକଟ, ନରଗାଙ୍ଗ ଜଙ୍ଗଲ ଓ ମୁଣ୍ଡିଆ ଅଞ୍ଚଳ, କଳା ପଥର ପଞ୍ଚାୟତ ସମେତ ବିଭିନ୍ନ ଅଞ୍ଚଳରୁ ପ୍ରତ୍ୟେକ ଦିନ ଶହ ଶହ ଟ୍ରିପ ଚୋରା ମୋରମ ଚାଲାଣ ହେଉଥିବା ବେଳେ ଚୋରା କାରବାରରେ ସଂପୃକ୍ତ ମାଫିଆମାନେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଥିବା ଜଣାପଡିଛି। ଅନ୍ୟପଟେ ସରକାରୀ ନିଲାମ ଧାରି ଏବଂ ନିଲାମ ହୋଇନଥିବା ବିଭିନ୍ନ ବାଲିଘାଟରୁ ବିନା କାଗଜ ପତ୍ରରେ ଶହ ଶହ ଟ୍ରିପ ଚୋରା ବାଲି ଚାଲାଣ କରି ଚୋରା ବାଲି ମାଫିଆ ମାନେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଥିବା ଜଣାପଡିଛି।

ଅନ୍ୟପଟେ ପ୍ରତ୍ୟେକ ଦିନ ବାଙ୍କୀର ବିଭିନ୍ନ ଅଂଚଳରୁ ଚୋରା ମାଙ୍କଡ଼ା ପଥର, କଳା ମୁଗୁନି ପଥର, ମେଣ୍ଟାଲ, ଚିପ୍ସ ବୋଝେଇ ଗାଡ଼ି ଅବାଧରେ ପ୍ରବେଶ କରୁଥିବା ଜଣାପଡିଛି। ଏଭଳି ଘଟଣା ସମ୍ପର୍କରେ ବାଙ୍କୀ ଓ ଡମପଡ଼ା ତହସିଲଦାର୍ ଆମ ବିଭାଗର ଏହି ଦାୟୀତ୍ୱ ନୁହେଁ ଏହାର ତାଦାରଖ ଖଣିଜ ବିଭାଗ ଦାୟୀତ୍ୱରେ ରହିଛି ବୋଲି କହି ଘଟଣାକୁ ଏଡ଼ାଇ ଦେଇଥିବା ବେଳେ ଏଭଳି ଘଟଣା ସମ୍ପର୍କରେ କଟକ ଖଣିଜ ବିଭାଗ ଅଧିକାରୀଙ୍କୁ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ। ଏଭଳି ଘଟଣା ସମ୍ପର୍କରେ କଟକ ଜିଲ୍ଲାପାଳ କିମ୍ବା ସ୍ୱତନ୍ତ୍ର ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଆକର୍ଷଣ କରି ରୋକ ଲଗାଇବା ସହିତ ରାଜସ୍ୱହାନି ହେଉଥିବା ସମ୍ପଦ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରିବାକୁ ବୁଦ୍ଧିଜୀବୀ, ସାମାଜିକ କର୍ମୀଙ୍କ ସମେତ ଜନ ସାଧାରଣମାନେ ଦାବି କରିଛନ୍ତି।

### ଆସନ୍ତା ୮ରେ ବ୍ରହ୍ମପୁରରେ ବିଶାଳ ହିନ୍ଦୁ ସମ୍ମିଳନୀ

# ୪ ସ୍ଥାନରୁ ରାଲି, ୫୦ ହଜାର ଭକ୍ତଙ୍କ ସମାଗମ



ବ୍ରହ୍ମପୁର(ପିପିଏସ୍): ଗଞ୍ଜାମ ଜିଲ୍ଲା ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ଆସନ୍ତା ୮ତାରିଖ ରବିବାର ଦିନ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପଡ଼ିଆରେ ବିଶାଳ ହିନ୍ଦୁ ସମ୍ମିଳନୀର ଆୟୋଜନ କରାଯାଇଛି। ଏଥିରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରୁ ପ୍ରାୟ ୫୦ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଘଟିବା ଆଶା କରାଯାଉଛି। ବିଭିନ୍ନ ମଠ ମନ୍ଦିରର ପୂଜ୍ୟ ସାଧୁସନ୍ଥ, ମଠାଧୀଶମାନେ ଯୋଗଦେଇ ଏହି ଭବ୍ୟ କାର୍ଯ୍ୟକ୍ରମରେ ମାର୍ଗଦର୍ଶନ କରିବେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ସମେତ ବିଭିନ୍ନ ହିନ୍ଦୁ ଧାର୍ମିକ ଓ ଆଧ୍ୟାତ୍ମିକ ସଙ୍ଗଠନ ସହଯୋଗରେ ଏହି କାର୍ଯ୍ୟକ୍ରମକୁ ସଫଳ ରୂପେ ସମ୍ପନ୍ନ କରାଯିବ। ଶୁକ୍ରବାର ପୂର୍ବାହ୍ନରେ ଉତ୍କଳ ଆଶ୍ରମରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ରବିବାର ଭୋର ୬ଟାରୁ ଘୃତଯଜ୍ଞ ଆରମ୍ଭ ହେବ। ସକାଳ ୮ଟାରୁ ହନୁମାନ ଚାଳିଶା ଆରମ୍ଭ ହେବ। ପୂର୍ବାହ୍ନ ୯ଟାରେ ସହରର ୪ଦିଗରୁ ୪ଟି ପଟୁଆର ବାହାରି ବିଶାଳ ହିନ୍ଦୁ ସମ୍ମିଳନୀ ସ୍ଥଳରେ ପହଞ୍ଚିବେ। ଏଥିରେ ବାଇକ୍ ରାଲି, ସଂକୀର୍ତ୍ତନ ମଣ୍ଡଳୀ, ହିନ୍ଦୁ ଶ୍ରଦ୍ଧାଳୁ ସାମିଲ ହେବେ। ପୂର୍ବାହ୍ନ ୧୧ଟାରୁ ଜ୍ଞାନଯଜ୍ଞ ବା ପ୍ରବଚନ କାର୍ଯ୍ୟକ୍ରମ ହେବ। ଶେଷରେ ଅନ୍ନ ଯଜ୍ଞ ଆୟୋଜିତ ହେବ। ହିନ୍ଦୁ ଜାଗ୍ରତ ହେଲେ ବିଶ୍ୱ ସଜାଗ ହେବ। ଏବେବି ଆମ ରାଜ୍ୟ, ଦେଶ ସମେତ ବିଶ୍ୱର ବିଭିନ୍ନ ସ୍ଥାନରେ ହିନ୍ଦୁମାନଙ୍କ ମଧ୍ୟରେ ଏକତାର ଅଭାବ ପରିଲକ୍ଷିତ ହେଉଛି। ବିଭିନ୍ନ କ୍ଷେତ୍ରରେ ସନାତନୀ ସଂସ୍କୃତି, ପରମ୍ପରା ଓ ଐତିହ୍ୟ ଉପରେ କୁଠାରଘାତ ହେଉଛି। ଏଣୁ ଆମ ସଂସ୍କୃତି ଓ ଐତିହ୍ୟର ପୁନଃ ଜାଗ୍ରତ ହିଁ ଏହି ବିଶାଳ ହିନ୍ଦୁ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ବିଶ୍ୱ ହିନ୍ଦୁ ପରିଷଦ ଜିଲ୍ଲା ସଭାପତି ତଥା ସମ୍ମିଳନୀ ସଭାପତି ଅଜିତ କୁମାର ମହାପାତ୍ର, ସମ୍ମିଳନୀର କାର୍ଯ୍ୟକ୍ରମ ପ୍ରମୁଖ ତଥା ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ସମ୍ମିଳନୀର ପ୍ରମୁଖ କର୍ମକର୍ତ୍ତା ତଥା ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପରିଚାଳନା ସମିତି ସଭାପତି ଡଃ.ଜୀବାନନ୍ଦ ତ୍ରିପାଠୀ ଓ ସମ୍ପାଦକ ନାରାୟଣ ପଣ୍ଡା ମଞ୍ଚାସୀନ ଥିଲେ। ପ୍ରହଲ୍ଲାଦ ପାଣିଗ୍ରାହୀ ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ରହ୍ମପୁର ସାଂସଦ ପ୍ରତିନିଧି ତଥା ବିଜେପି ନେତା ବାଳକୃଷ୍ଣ ସାମନ୍ତରାୟ ଉପସ୍ଥିତ ଥିଲେ।

# ଜନଔଷଧୀ କେନ୍ଦ୍ରପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା ପଦଯାତ୍ରା



କେନ୍ଦ୍ରାପଡା, (ପିପିଏସ୍): କେନ୍ଦ୍ରାପଡା ଜିଲ୍ଲା ଭାରତୀୟ ଜନଔଷଧୀ କେନ୍ଦ୍ର ପକ୍ଷରୁ ଜନଔଷଧୀ ସପ୍ତାହ ପାଳନ ଅବସରରେ କେନ୍ଦ୍ରାପଡା ନୂଆବସଷ୍ଟାଣ୍ଡ ଠାରୁ ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାକୁ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ପୌରାଧକ୍ଷା ସରିତା ସାହୁ, ପୂର୍ବତନ ଜିଲ୍ଲାପାରିଷଦ ଅଧକ୍ଷା ଗିତା ସେଠୀ ଯୋଗଦେଇ ଜିଲ୍ଲାରେ ଜନଔଷଧି ଦ୍ୱାରା କିପରି ଲୋକମାନେ ଲାଭବାନ ହେଉଛନ୍ତି ତାହା ବର୍ଣ୍ଣନା କରିଥିଲେ। ସେହିପରି ପୁରୁଣା ବସଷ୍ଟାଣ୍ଡ ଠାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଏଡିଏମଓ ମନୋରଞ୍ଜନ ରାଉତ ଯୋଗଦେଇ ପଦଯାତ୍ରାକୁ ଉଦ୍‌ଯାପନ କରିଥିଲେ। ଏହି ସଚେତନାତା କାର୍ଯ୍ୟକ୍ରରେ ସମ୍ମାନୀତ ଅତିଥିଭାବେ ଜିଲ୍ଲା ସ୍ୱାସ୍ଥ୍ୟ ନିରିକ୍ଷକ(ଡିଆଇ) ସୁକାନ୍ତ କୁମାର ସାହୁ, ଗିତା ସେଠୀ ଯୋଗଦେଇ ଜନଔଷଧୀ କେନ୍ଦ୍ର ଦ୍ୱାରା ସାଧାରଣ ଲୋକମାନେ କିପରି ସୁଲଭ ମୁଲ୍ୟରେ ଔଷଧ ପାଉଛନ୍ତି କହିଥିଲେ। କାରଣ ଲୋକମାନଙ୍କ ପାଖକୁ ସିଧା କମ୍ପାନୀ ପାଖରୁ ଜନଔଷଧୀ କେନ୍ଦ୍ରକୁ ଆସୁଛି । ଏହି ସମସ୍ତ କାର୍ଯ୍ୟକ୍ରମରେ ଜନ ଔଷଧୀ ରାଜ୍ୟ ଇନଚାର୍ଜ ଦେବେନ୍ଦ୍ର କୁମାର ନାୟକ, କେନ୍ଦ୍ରାପଡ଼ା ଜିଲ୍ଲା ସାଧାରଣ ସମ୍ପାଦକ ଅଶୋକ ପଣ୍ଡା, ଜିଲ୍ଲା ଉପସଭାପତି ରଂଜନ କୁମାର ମିଶ୍ର, କୋଷାଧକ୍ଷ ସତ୍ୟରଂଜନ ସାହୁ, ଜିଲ୍ଲା ସଭାପତି ପଦ୍ମନାଭ ତ୍ରିପାଠୀ, ଅଜିତ କୁମାର ପଣ୍ଡା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ




ଚାରିଛକ, (ପିପିଏସ): ପ୍ରବାଦ ପୁରୁଷ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମ ଜୟନ୍ତୀ ନିମାପଡ଼ାଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ନିମାପଡା ନିର୍ବାଚନ ମଣ୍ଡଳୀ ବିଜେଡିର ସଂଗଠକ ସୁବ୍ରତ ଛାଟୋଇଙ୍କ ନେତୃତ୍ୱରେ ନିମାପଡା ନୂଆ ବସଷ୍ଟାଣ୍ଡ ନିକଟରୁ ବିଜେଡ଼ି କର୍ମୀ ମାନେ ଏକ ବାଇକ ଶୋଭାଯାତ୍ରା ରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ନିମାପଡା ବଜାର ପରିକ୍ରମା କରିଥିଲେ। ଦୋଳବେଦୀ ଛକ ନିକଟରେ ଥିବା ମୋହନ ଦାଶ, ବ୍ଲକ ଛକ ନିକଟରେ ଥିବା ମହାତ୍ମା ଗାନ୍ଧୀ, ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ ପରେ ଟାଉନ ହଲ ପରିସରରେ ପହଞ୍ଚିଥିଲେ। ସେଠାରେ ବିଜୁ ବାବୁଙ୍କ ଜୟନ୍ତୀ ଅବସରରେ ଏକ ସ୍ତୁତିସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ନିମାପଡ଼ା ନିର୍ବାଚନ ମଣ୍ଡଳୀରର ସଂଗଠକ ସୁବ୍ରତ ଛାଟୋଇ, ପୁରୀ ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ କସ୍ତୁରୀ ବାଳା ସ୍ୱାଇଁ, ନିମାପଡା ବ୍ଲକ ବିଜେଡି ସଭାପତି ଭାଗ୍ୟଧର ଖଟୋଇ, ନଗର ସଭାପତି ଧନୁର୍ଦ୍ଧର ଦାସ, ଗୋପ ବ୍ଲକ୍ ସଭାପତି ମହେଶ୍ୱର ସ୍ୱାଇଁ, ୨୦ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର ମଲ୍ଲିକ, ୨୧ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ନାୟକ, ୧୮ ନଂ ଜୋନ ଜିଲା ପରିଷଦ ସଭ୍ୟା କୁଞ୍ଜଲତା ସାମଲ, ନିମାପଡ଼ା ଏନଏସି ଅଧ୍ୟକ୍ଷା ସସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ରହି ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।ସମସ୍ତ ଦଳୀୟ କର୍ମୀ ଏକଜୁଟ ହୋଇ ରହି କାର୍ଯ୍ୟ କରିବାକୁ ନେତାମାନେ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ।

# ଜିଲ୍ଲାସ୍ତରୀୟ ପିଏମ ଶ୍ରୀ ଉତ୍ସବ-୨୦୨୬ ଉଦ୍‌ଘାଟିତ

 କେନ୍ଦ୍ରାପଡ଼ା, (ପିପିଏସ୍): ଆଜି ପିଏମଶ୍ରୀ କେନ୍ଦ୍ରାପଡ଼ା ଉଚ୍ଚ ବିଦ୍ୟାଳୟ ପଡିଆରେ ଜିଲ୍ଲାଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ପିଏମ ଶ୍ରୀ ଉତ୍ସବ-୨୦୨୬କୁ ଜିଲ୍ଲାପାଳ ରଘୁରାମ ଆର ଆୟର ଶୁଭ ଉଦଘାଟନ କରିଛନ୍ତି। ଜିଲ୍ଲାଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ପବିତ୍ର ମୋହନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ଯୋଗ ଦେଇଥିଲା ବେଳେ ମୁଖ୍ୟ ବକ୍ତାଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟରୀଆ, ସମ୍ମାନୀୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ପଞ୍ଚସଖା ସେତୁ ଭୁବନେଶ୍ୱରର ଅଶୋକ କୁମାର ସିଂହ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପ୍ତି ନାୟକ, ସ୍ୱାଗତିକା ସ୍ୱାଇଁ ଓ ଶୁଭସ୍ମିତା ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ଶିକ୍ଷା ଅଧିକାରୀ ଜିଲ୍ଲାରେ ପ୍ରଥମ ଥର ଭାବେ ଆୟୋଜିତ ଜିଲ୍ଲାସ୍ତରୀୟ ପିଏମ ଶ୍ରୀ ଉତ୍ସବର ଉଦ୍ଦେଶ୍ୟ ଓ ଏହାର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାରେ ମୋଟ ୨୨ ଗୋଟି ପିଏମ ଶ୍ରୀ ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଅନୁମୋଦିତ ହୋଇଥିବା ୧୧ ଟି ପିଏମ ଶ୍ରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉକ୍ତ ଜିଲ୍ଲାସ୍ତରୀୟ ଉତ୍ସବରେ ଭାଗ ନେଇଛନ୍ତି ବୋଲି ସେ ନିଜର ଅଭିଭାଷଣରେ କହିଥିଲେ। ଆକାଂକ୍ଷୀ ଛାତ୍ର ପରିଷଦ-ଟ୍ୟାଲେଣ୍ଟ ଗ୍ୟାଲେରୀର ସାହିତ୍ୟ ସୃଜନୀ, କୌଶଳୀ, କ୍ରୀଡାଙ୍ଗନ ଓ ଜିଜ୍ଞାସା ବିଭାଗରେ ଛାତ୍ରଛାତ୍ରୀମାନେ ନିଜନିଜ ଷ୍ଟଲମାନଙ୍କର ସୃଜନଶିଳତା, ଦକ୍ଷତା ବିକାଶ, ଖେଳମାଧ୍ୟମରେ ମାନବିକ ମୂଲ୍ୟବୋଧର ବିକାଶ, ବୈଜ୍ଞାନିକ ଚିନ୍ତାଧାରା, ଗବେଷଣାତ୍ମକ ମନୋବୃତ୍ତି, ବିକଶିତ ଓଡିଶା-



୨୦୩୬ର ପରିକଳ୍ପନା, ଆଦର୍ଶ ଗ୍ରାମ, ସୌର ଶକ୍ତିର ଉପଯୋଗ ଆଦି ବିଷୟରେ ପ୍ରକଳ୍ପଗୁଡିକୁ ପ୍ରଦର୍ଶନ କରି ଅତିଥିମାନଙ୍କ ମନ ମୋହିଥିଲେ। ଦୋକାନ ଯାତ୍ରା ମାଧ୍ୟମରେ ପିଲାମାନେ ଅର୍ଥନୈତିକ ସ୍ୱାବଲମ୍ବୀ ହେବାର କୌଶଳ ପ୍ରଦର୍ଶନ କରି ସମାଜକୁ ବାର୍ତ୍ତା ରଖିଥିଲେ ଯେ ଅର୍ଥନୈତିକ ମାନଦଣ୍ଡକୁ ସୁଦୃଢ କଲେ ବିକଶିତ ରାଜ୍ୟ ଗଠନ କରାଯାଇପାରିବ। ଏତଦ ବ୍ୟତୀତ ସମସ୍ତ ୨୨ ଗୋଟି ପିଏମ ଶ୍ରୀ ବିଦ୍ୟାଳୟ ପକ୍ଷରୁ ମଡେଲ ପାର୍ଲିଆମେଣ୍ଟ ପ୍ରଦର୍ଶନ କରାଯାଇଥିଲା। ପ୍ରକଳ୍ପଗୁଡିକରୁ ଶ୍ରେଷ୍ଠ ବିବେଚିତ ସ୍କୁଲମାନେ ରାଜ୍ୟସ୍ତରୀୟ ପିଏମ ଶ୍ରୀ ସମ୍ମିଳନୀରେ ଭାଗ ନେଇପାରିବେ। ଛାତ୍ରଛାତ୍ରୀମାନେ ନିଜନିଜର ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରିବା ସହ ପ୍ରଦାନ କରାଯାଉଥିବା ଗୁଣାତ୍ମକ ଶିକ୍ଷାକୁ ଆଧାର କରି ନିଜ ବିଦ୍ୟାଳୟର ସୁନାମ ରଖିବାକୁ ଜିଲ୍ଲାପାଳ ତାଙ୍କ ଅଭିଭାଷଣରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଉକ୍ତ ଉତ୍ସବରେ ବିଭିନ୍ନ ବ୍ଲକ ଶିକ୍ଷା ଅଧିକାରୀ, ପିଏମ ଶ୍ରୀ ବିଦ୍ୟାଳୟର ଶିକ୍ଷକ/ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକମାନେ ଯୋଗ ଦେଇଥିଲେ। ଆସନ୍ତା କାଲି ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବ।

# ନିଆରା ଢଙ୍ଗରେ ରଙ୍ଗ ଉତ୍ସବ ପାଳିଲେ ସାମ୍ବାଦିକ ଓ ସମାଜସେବୀ



ବାଙ୍କୀ, (ପିପିଏସ୍) : ବାଙ୍କୀ ଉପଖଣ୍ଡ ଡମପଡା ବ୍ଲକ ଦୁଲଣା ପୁର ଗ୍ରାମରେ ନିଆରା ଢଙ୍ଗରେ ରଙ୍ଗ ଉତ୍ସବ ପାଳନ କଲେ ସାମ୍ବାଦିକ ଓ ସମାଜ ସେବୀ। ଗ୍ରାମର ଲକ୍ଷ୍ମୀ ନାରାୟଣ ମନ୍ଦିର ପ୍ରାଙ୍ଗଣରେ ସାମାଜିକ କର୍ମୀ ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରାଧାପକ ମନୋଜ କୁମାର ମହାପାତ୍ର, ବିଶିଷ୍ଟ ଅତିଥି ଭାବେ ପାଲା ଗାୟକ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦିଲୀପ କୁମାର ମହାପାତ୍ର, ଶିକ୍ଷାବିତ୍ ବିପିନ ବିହାରୀ ମହାପାତ୍ର, ସାମ୍ବାଦିକ ତଥା ରାଜ୍ୟ ସାମ୍ବାଦିକ ସଂଘ (ଏସ୍‌ୟୁଜେ) କଟକ ଜିଲ୍ଲା ସଂଗଠନ ସଂପାଦକ ଶୁଭେନ୍ଦୁ ମହାପାତ୍ର ସାମ୍ବାଦିକ ଅନନ୍ତ କୁମାର ପଟ୍ଟନାୟକ, ପ୍ରତାପ ନାୟକ, ସୁଶାନ୍ତ କୁମାର ନାୟକ, ଅନନ୍ତ ରଣା, ୱାର୍ଡ ମେମ୍ବର ସବିତା ସାହୁ, ଶୁଶାନ୍ତ କୁମାର ନାୟକ, ପୂର୍ଣ୍ଣେନ୍ଦୁ କୁମାର ନାୟକ, ମାନସ ରଞ୍ଜନ ସାହୁ, ସମାଜସେବୀ ଅକ୍ଷୟ କୁମାର ସାମଲ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପୂର୍ବର ଅବିର ହୋଲି ଖେଳିବା ଏବଂ ଆଜିକାଲିକା କଲର ଯୁକ୍ତ କୃତିମ ରଙ୍ଗଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ। ବାଙ୍କୀ ଅଞ୍ଚଳର ସାମ୍ବାଦିକ, ସମାଜସେବୀ ବୃଦ୍ଧିଜୀବି, ଗ୍ରାମର ବରିଷ୍ଠ ଓ ମା'ମାନଙ୍କ ସହିତ ଅବିର ରଙ୍ଗରେ ରଙ୍ଗ ଉତ୍ସବ ପାଳନ କରାଯାଇଥିଲା ଉଭୟ ଉଭୟଙ୍କୁ ମିଠା ଖୁଆଇ ଆଲିଙ୍ଗନ କରି ହୋଲିର ଶୁଭେଚ୍ଛା ଜଣାଇଥିଲେ। ନୃତ୍ୟଶିଳ୍ପୀ ପ୍ରିତମୟୀ ମହାରଣାଙ୍କ ନୃତ୍ୟ ପରିବେଷଣ ବେଶ୍ ଆଦୃତ ହୋଇଥିଲା। ରକ୍ତଦାତା ସର୍ବେଶ୍ୱର ସାହୁ, ଯୁବ ଉଦ୍ୟୋଗୀ ଦିଲ୍ଲିପ କୁମାର ସାହୁ ସମସ୍ତଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସମାଜସେବୀ ସେବୀ ମୁକେଶ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବାଙ୍କୀ ଅଞ୍ଚଳର ସାମ୍ବାଦିକ, ସମାଜସେବୀ ବୃଦ୍ଧିଜୀବି, ଗ୍ରାମର ବରିଷ୍ଠ ଓ ମା'ମାନଙ୍କ ସହିତ ଅଭିର ରଙ୍ଗରେ ରଙ୍ଗ ଉତ୍ସବ ପାଳନ କରାଯାଇଥିଲା ଉଭୟ ଉଭୟଙ୍କୁ ମିଠା ଖୁଆଇ ଆଲିଙ୍ଗନ କରି ହୋଲିର ଶୁଭେଚ୍ଛା ଜଣାଇଥିଲେ ।ରକ୍ତଦାତା ସର୍ବେଶ୍ୱର ସାହୁ, ଯୁବ ଉଦ୍ୟୋଗୀ ଦିଲ୍ଲିପ କୁମାର ସାହୁଙ୍କ ସମେତ ସାମ୍ବାଦିକ ଓ ସମାଜସେବୀମାନଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର, ଉପଢୌକନ ପ୍ରଦାନ କରି ସମସ୍ତଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# ଆନ୍ତର୍ଜାତୀୟ ମହିଳା ଦିବସର ପ୍ରଥମ ଦିନରେ 'ଶକ୍ତି ସ୍ୱରୂପିଣୀ' କାର୍ଯ୍ୟକ୍ରମ



ବ୍ରହ୍ମପୁର(ପିପିଏସ୍): ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପ୍ରଥମ ଦିନର କାର୍ଯ୍ୟକ୍ରମ ଛତ୍ରପୁର ଇଣ୍ଡୋର୍ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସୁନିଲ କୁମାର କେର୍କେଟା, ଜିଲ୍ଲା କ୍ରୀଡା ଅଧିକାରୀ ତାପସ କୁମାର ସାମଲ, ଯୋଗ ପ୍ରଶିକ୍ଷକ ସୁନୀତା ପାତ୍ର ଓ ସଙ୍ଗୀତା ସେଠୀ ସହ ମହିଳା, ବାଳିକା, ସ୍ପୋର୍ଟସ ହଷ୍ଟେଲର ଏବଂ ଖେଲୋ ଇଣ୍ଡିଆ ସେଣ୍ଟର ବ୍ରହ୍ମପୁରର କୋଚ୍‌ମାନେ ଯୋଗ ଦେଇଥିଲେ । ଆଜିର ପ୍ରଥମ ଦିବସ "ଶକ୍ତି ସ୍ୱରୂପିଣୀ'' କାର୍ଯ୍ୟକ୍ରମ ଅବସରରେ ଶାରୀରିକ ଫିଟନେସ୍, ପୋଷଣ ଏବଂ ମାନସିକ ସୁସ୍ଥତା ସକାଶେ ସାମୂହିକ ଯୋଗ ଅଧିବେଶନ, ଜୁମ୍ବା, ଏରୋବିକ୍ସ, ପାରମ୍ପରିକ ନୃତ୍ୟ, ଦେଶୀୟ ଖେଳ ଇତ୍ୟାଦି ସମ୍ପର୍କରେ ମହିଳାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।

# ଆନ୍ତଃରାଜ୍ୟ ଚେନ୍ ଛିନ୍‌ତାଇ ର୍‍ୟାକେଟ୍ ଠାବ : ୬ ଗିରଫ

ସମ୍ବଲପୁର: ମା' ସମଲେଶ୍ୱରୀଙ୍କ ମନ୍ଦିର ନିକଟ ସମଲେଶ୍ୱରୀ ଘାଟରେ ଘଟିଥିବା ଚେନ୍ ଛିନତାଇ ଘଟଣାରେ ସମ୍ପୃକ୍ତ ଥିବା ଏକ ଆନ୍ତଃରାଜ୍ୟ ମହିଳା ଲୁଟେରା ଗ୍ୟାଙ୍ଗକୁ ସମ୍ବଲପୁର ପୋଲିସ ଧରିବାରେ ସଫଳ ହୋଇଛି । ଏହି ଘଟଣାରେ ୬ ଜଣ ମହିଳାଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ପାଖରୁ ସୁନା, ନଗଦ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି । ପୋଲିସ ସୂଚନା ଅନୁଯାୟୀ, ଗତ ୨୨ ଜାନୁଆରୀ ସନ୍ଧ୍ୟା ପ୍ରାୟ ୬.୩୦ ବେଳେ ସମଲେଶ୍ୱରୀ ଘାଟ ନିକଟରେ ଚାଲୁଥିବା ଏକ ଧାର୍ମିକ କାର୍ଯ୍ୟକ୍ରମ ସମୟରେ ଭିଡ଼ର ସୁଯୋଗ ନେଇ ଅଭିଯୁକ୍ତମାନେ ଚାରି ଜଣ ମହିଳା ଭକ୍ତଙ୍କ ଠାରୁ ୫ଟି ସୁନା ଚେନ୍ ଛିନତାଇ କରିଥିଲେ । ଏନେଇ କ୍ଷେତରାଜପୁର ଥାନାରେ ମାମଲା ରୁଜୁ ହେବା ସହ ପୋଲିସ ଏହାର ତଦନ୍ତକୁ ମାତ୍ରାଧିକ ଗୁରୁତ୍ୱ ଦେଇଥିଲା । ଏହି ଲୁଟ୍ ଘଟଣା ପରେ ସମ୍ବଲପୁର ଏସପିଙ୍କ ନିର୍ଦ୍ଦେଶରେ ଗଠିତ ସ୍ୱତନ୍ତ୍ର ପୋଲିସ ଟିମ୍ ସିସିଟିଭି ଫୁଟେଜ ଓ ବିଭିନ୍ନ ଫଟୋ ବିଶ୍ଳେଷଣ କରି ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିଲା । ପରେ ଓଡ଼ିଶା ଓ ପଶ୍ଚିମବଙ୍ଗ ସହିତ ବିଭିନ୍ନ ସ୍ଥାନରେ ତଦନ୍ତ ଚଳାଇ ଗତ ମାର୍ଚ୍ଚ ୪ ତାରିଖରେ ଭୁବନେଶ୍ୱରରୁ ସେମାନଙ୍କୁ ଧରିଥିଲା । ଗିରଫ ମହିଳାମାନଙ୍କ ମଧ୍ୟରେ ଜି. ଭାନୁମତୀ ଅଲିଆସ ଗାୟତ୍ରୀ ନାୟକ ଅଲିଆସ କବିତା, ଦୀପା ଦାସ, କଲ୍ୟାଣୀ ଦାସ, ପ୍ରିୟା ଦାସ, ଏସ୍. ଥାରା ଓ ପୂଜା ସିଂହ । ସେମାନେ ନିଜ ପରିଚୟ ଲୁଚାଇବା ପାଇଁ ଜାଲି ନାମ ଓ ଠିକଣା ବ୍ୟବହାର କରି ଭୋଟର ଆଇଡି କାର୍ଡ ପ୍ରସ୍ତୁତ କରିଥିବା ମଧ୍ୟ ପୋଲିସର ତଦନ୍ତରେ ଜଣାପଡ଼ିଛି । ପୋଲିସ ସେମାନଙ୍କ ପାଖରୁ ୫୧.୭୫ ଗ୍ରାମ ଗଳିତ ସୁନା ପ୍ଲେଟ୍, ୬୨,୪୦୦ ଟଙ୍କା ନଗଦ, ୩ଟି ମୋବାଇଲ ଫୋନ, ଗୋଟିଏ ଚେନ୍ କଟର, ଜାଲି ଭୋଟର ଆଇଡି କାର୍ଡ, ବିଭିନ୍ନ ପଥର, ଫ୍ୟାନ୍ସି କାନ ଗହଣା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି । ପୋଲିସ କହିଛି ଯେ, ଏହି ଗ୍ୟାଙ୍ଗ ପଛଲା ପ୍ରାୟ ୧୨ ବର୍ଷ ଧରି ଓଡ଼ିଶା ସହିତ ପଶ୍ଚିମବଙ୍ଗ ଓ ଝାରଖଣ୍ଡର ବିଭିନ୍ନ ଜିଲ୍ଲାରେ ଚେନ୍ ଛିନତାଇ କରୁଥିଲେ । ବଡ଼ ବଡ଼ ଧାର୍ମିକ ଉତ୍ସବ ଓ ମେଳାମାନଙ୍କୁ ଲକ୍ଷ୍ୟ କରି ସେମାନେ ଏହି ଅପରାଧ କରୁଥିବା କଥା ତଦନ୍ତରେ ସାମ୍ନାକୁ ଆସିଛି । ଏହି ଘଟଣାରେ କ୍ଷେତରାଜପୁର ଥାନାରେ ରୁଜୁ ହୋଇଥିବା ମାମଲାରେ ସମସ୍ତଙ୍କୁ ଗିରଫ କରାଯିବା ସହ ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।

**ସୁନାପ୍ଲେଟ୍, ନଗଦ ୬୨ ହଜାର ଟଙ୍କା, ମୋବାଇଲ ଫୋନ୍, ଚେନ୍ କଟର ଓ ଜାଲି ଭୋଟର ଆଇଡିକାର୍ଡ ଜବତ**

# ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ



ରାୟଗଡା(ପିପିଏସ୍) : ରାୟଗଡ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହରେ ସତର୍କ ରହିବା ଓ ଅଂଶୁଘାତ ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ମାର୍ଚ୍ଚ, ଏପ୍ରିଲ ଓ ମେ ମାସରେ ଗ୍ରୀଷ୍ମ ପ୍ରବାହ ଅଂଶୁଘାତ ନିୟନ୍ତ୍ରଣ ପାଇଁ କିପରି ପ୍ରସ୍ତୁତି ହେବା ଆବଶ୍ୟକ ସେ ବିଷୟରେ ଜିଲ୍ଲାର ବିଭିନ୍ନ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଚଳିତ ବର୍ଷର ପ୍ରଥମାର୍ଦ୍ଧରୁ ହିଁ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜିଲ୍ଲାରେ ଆରମ୍ଭ ହୋଇଥିବା ବେଳେ ଆଗକୁ ଏହା ଆହୁରି ତୀବ୍ର ରୂପ ନେବାର ଆଶଙ୍କା ରହିଛି । ତେଣୁ ବିଭିନ୍ନ ସମୟରେ ଅଂଶୁଘାତ ହୋଇ ଜୀବନ ପ୍ରତି ବିପଦ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ତେଣୁ ସ୍ୱାସ୍ଥ୍ୟ ବିଭାଗକୁ ଉପଯୁକ୍ତ ପରିମାଣ ଓଆର୍‌ଏସ୍ ପ୍ୟାକେଟ ଓ ଔଷଧ ମହଜୁଦ ରଖିବା ସହିତ ସଜାଗ ରହିବାକୁ କୁହାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ଏକ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ କରାଯିବା ସହ ଅଂଶୁଘାତ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ କୁହାଯାଇଥିଲା । ସେହିପରି ବିଭିନ୍ନ ଗ୍ରାମାଞ୍ଚଳ, ପୌର ପରିଷଦ, ବ୍ଲକ, ଏନ୍‌ଏସି ପକ୍ଷରୁ ଜଳଛତ୍ର ଖୋଲାଯିବାକୁ ସ୍ୱତନ୍ତ୍ର ଜିଲ୍ଲା ପରିଷଦ ବୈଠକରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ସିଡିଓ ତଥା ଇଓ ଜିଲ୍ଲାପରିଷଦ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ ବୈଠକରେ ପୁଣିଥରେ ବିଡିଓ ମାନଙ୍କୁ ସୂଚନା ଦେଇଥିଲେ । ଜିଲ୍ଲାର ସମସ୍ତ ଗ୍ରାମରେ ଜଳକ୍ଲିଷ୍ଟ ସ୍ଥାନ ଗୁଡିକରେ ପାନୀୟ ଜଳ ବ୍ୟବସ୍ଥା କରାଯିବାସହ, ଅଚଳ ନଳକୂପ, ସୌର ଚାଳିତ ନଳକୂପ ଗୁଡିକ କାର୍ଯ୍ୟକ୍ଷମ କରିବା ନିମନ୍ତେ ଜିଲ୍ଲା ଗ୍ରାମୀୟ ଜଳଯୋଗାଣ ସଂସ୍ଥା ନିର୍ବାହୀ ଯନ୍ତ୍ରୀଙ୍କୁ କୁହାଯାଇଛି । ଖରାପ ନଳକୂଅ ତୁରନ୍ତ ମରାମତି କରିବାକୁ କୁହାଯାଇଛି । ସେହିପରି ମଧ୍ୟାହ୍ନ ସମୟରେ ବାହାରେ ବୁଲିବା ବେଳେ ପାଣି ବୋତଲ, ଛତା, ଟୋପି ତଥା ଓଦା କପଡା ଇତ୍ୟାଦି ମୁଣ୍ଡରେ ପକାଇ ଯାତାୟାତ କରିବା ଏବଂ ଏନେଇ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ବ୍ୟାପକ ସଚେତନ କରାଇବାକୁ ମଧ୍ୟ ବିଭିନ୍ନ ବ୍ୟବସ୍ଥା ପାଇଁ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ସେଚ୍ଛାସେବୀ ଅନୁଷ୍ଠାନ, ପଂଚାୟତ ଜନପ୍ରତିନିଧି ମାନଙ୍କୁ ନେଇ ଜନସଚେତନତା କରିବା ପାଇଁ କୁହାଯାଇଛି । ଗ୍ରୀଷ୍ମ ଦିନରେ ବିଶେଷ କରି ପାନୀୟଜଳ ସମସ୍ୟା ଯେପରି ନ ଉପୁଜେ, ବିଦ୍ୟୁତ ବିଭ୍ରାଟ ନ ହେବ, ପଶୁମାନଙ୍କ ଯତ୍ନ ନେବା, ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗାଇଡ୍ ଲାଇନ୍ ଅନୁଯାୟୀ ସକାଳ ସମୟରେ ଖୋଲିବା, ଜୀବନ ରକ୍ଷକ ଔଷଧ ମହଜୁଦ ରଖିବା ଶ୍ରମିକମାନଙ୍କ କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ସମୟ ସାରଣୀ ପରିବର୍ତ୍ତନ କରିବା, ଜଙ୍ଗଲ ସୁରକ୍ଷା ଇତ୍ୟାଦି ଦୃଷ୍ଟି ଦେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି । ଯାତ୍ରୀବାହୀ ବସ ଯାତାୟତ କରିବା ସମୟ ଓ ଶ୍ରମିକ ମାନଙ୍କ ସମୟରେ ପରିବର୍ତ୍ତନ କରିବାକୁ କୁହାଯାଇଛି କ୍ଷ ବନ୍ୟଜନ୍ତୁଙ୍କ ନିମନ୍ତେ ପିଇବା ପାଣି ବ୍ୟବସ୍ଥା କରିବାକୁ ବନ ବିଭାଗ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଅଂଶୁଘାତରେ କାହାର ମୃତ୍ୟୁ ହୁଏ ତେବେ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ମଧ୍ୟ ତହସିଲଦାର/ବିଡ଼ିଓ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାର ଜିଲ୍ଲାସ୍ତରରେ, ବ୍ଲକ, ଜିଲ୍ଲାସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ୨୪/୭ ନିୟନ୍ତ୍ରଣ କକ୍ଷ ଖୋଲାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିହାର ରଞ୍ଜନ କହଁର, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ରାୟଗଡ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ଗୁଣପୁର, ଦୁଧାଲ ଅଭିଷେକ ଦିଲ୍ଲିପ, ଉପଜିଲ୍ଲାପାଳ ରାୟଗଡ, ରମେଶ କୁମାର ଜେନା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ମମତା ଚୌଧୁରୀ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଆଦି ଯୋଗଦାନ କରିଥିଲେ ।

# କଲଭର୍ଟ ତଳକୁ ଖସିଲା ବାଇକ୍ : ୨ ଗୁରୁତର



ନନ୍ଦପୁର : କୋରାପୁଟ ଜିଲା ନନ୍ଦପୁର ବ୍ଲକ ସଦର ମହକୁମା ସ୍ଥିତ ବୁଧବାର ସାପ୍ତାହିକ ହାଟର ମୋଡରେ ପୂର୍ତ୍ତବିଭାଗ ତରଫରୁ ନିର୍ମାଣଧିନ ଡ୍ରେନ ଓ କଲଭର୍ଟ ତଳକୁ ଏକ ବାଇକ୍ (ଓଡି୧୦ ୟୁ ୧୨୭୫) ଖସି ପଡିଛି । ଏହି ଦୁର୍ଘଟଣାରେ ବୈପାରିଗୁଡ଼ା ବ୍ଲକ ମାଳୀଗୁଡ଼ା ଗ୍ରାମର ଦୁଇଜଣ ବଳରାମ ମାଳି (୨୦) ଓ ତିଳକ ମାଳି (୨୨) ଗୁରୁତର ହୋଇଛନ୍ତି । ସୂଚନା ପାଇ ନିଜେ ନନ୍ଦପୁର ଥାନାଧିକାରୀ ତ୍ରିନାଥ ତୋଟାପାଡିଆ ଘଟଣାସ୍ଥଳରେ ପହଞ୍ଚି ୨ ଜଣଙ୍କୁ ଉଦ୍ଧାର କରି ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି । ଉପସ୍ଥିତ ଡାକ୍ତର ଦୁହିଁଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ସ୍ଥାନାନ୍ତର କରିଛନ୍ତି । ଦୁର୍ଘଟଣାରେ ବଳରାମ ମାଳିଙ୍କ ବାମ ଗୋଡ ଭାଙ୍ଗି ଯାଇଛି । ତିଳକ ମାଳିଙ୍କ ଅଣ୍ଟାରେ ମାଡ ହେବା ସହ ଡ୍ରେନ ନିର୍ମାଣ ପାଇଁ ବିଛା ଯାଇଥିବା ଲୁହା ରଡ଼ର ଆଘାତ ହୋଇଛି । ପ୍ରାଥମିକ ତଦନ୍ତରୁ ଦୁହେଁ ମାଳିଗୁଡା ଗ୍ରାମରୁ ବନମାଳୀପୁଟ ଗ୍ରାମକୁ ଏକ ବିବାହ ଭୋଜିରେ ସାମିଲ ହେବାକୁ ଆସିଥିଲେ । ଭୋଜି ଖାଇ ସାତସମୀଳି ଗ୍ରାମରେ ଥିବା ଅନ୍ୟ ସମ୍ପର୍କୀୟଙ୍କ ଘରକୁ ଯାଉଥିଲେ ବୋଲି ସୂଚନା ମିଳିଛି । ନନ୍ଦପୁର ପୋଲିସ ପରିବାର ଲୋକଙ୍କୁ ସୂଚନା ଦେଇ ଘଟଣାର ତଦନ୍ତ କରୁଛି । ପରିବାର ତରଫରୁ ଦୁର୍ଘଟଣା ଗ୍ରସ୍ତ ଦୁଇଜଣଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ନେଇଥିବା ଥାନାଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଜିଲ୍ଲାପାଳଙ୍କ ବ୍ରଜରାଜନଗର ଗସ୍ତ
## ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ଝାରସୁଗୁଡା: ସହରର ସର୍ବାଙ୍ଗୀନ ବିକାଶ ଓ ସୌନ୍ଦର୍ଯ୍ୟକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ ଲକ୍ଷ୍ୟରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ବ୍ରଜରାଜନଗର ଗସ୍ତ କରିଛନ୍ତି । ଏହି ଗସ୍ତ ସମୟରେ ଜିଲ୍ଲାପାଳ ବିଭିନ୍ନ ପ୍ରସ୍ତାବିତ ଓ ନିର୍ମାଣଧିନ ଉନ୍ନୟନମୂଳକ କାର୍ଯ୍ୟର କ୍ଷେତ୍ର ପରିଦର୍ଶନ କରିବା ସହ ଏହାର ସମୀକ୍ଷା କରିଛନ୍ତି । ବିଶେଷ କରି କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଇଣ୍ଡୋର ଷ୍ଟାଡିୟମ୍ ଏବଂ ସାଂସ୍କୃତିକ ବିକାଶ ପାଇଁ ନିର୍ମାଣଧୀନ ଡ୍ରାମା ପେଣ୍ଡାଲର କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଗୋଲ ଛକ ପଡିଆର ଉନ୍ନତିକରଣ ଓ ସ୍ଥାନୀୟ ମାର୍କେଟ କମ୍ପ୍ଲେକ୍ସର ନିର୍ମାଣ ସମ୍ପର୍କରେ ସଂପୃକ୍ତ ବିଭାଗ ସହ ଆଲୋଚନା କରିଛନ୍ତି ।ସହରର ପରିବେଶ ଓ ପର୍ଯ୍ୟଟନର ବିକାଶ ପାଇଁ ଇବ୍ ନଦୀ କୂଳରେ ଥିବା ପିକନିକ୍ ସ୍ପଟ୍ର ପୁନରୁଦ୍ଧାର ଏବଂ ନଦୀ ତଟର ସୌନ୍ଦର୍ଯ୍ୟକରଣ ଉପରେ ବିଶେଷ ଧ୍ୟାନ ଦିଆଯାଇଛି । ଏଥିସହ ଇକୋ ପାର୍କ ଏବଂ ସ୍ଥାନୀୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ଆଧୁନିକ ଶ୍ମଶାନ ନିର୍ମାଣ ପାଇଁ ମଧ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି । ସାମାଜିକ ସୁରକ୍ଷା କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ସ୍ୱରୂପ, ଗୋଟିଏ ଅତ୍ୟାଧୁନିକ ବୃଦ୍ଧାଶ୍ରମ ପ୍ରତିଷ୍ଠା କରିବା ପାଇଁ ଜିଲ୍ଲାପାଳ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସହରର ଗମନାଗମନ ଓ ସ୍ୱଚ୍ଛତା ବ୍ୟବସ୍ଥାକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ଜିଲ୍ଲାପାଳ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଜାତୀୟ ରାଜପଥ କଡ଼ରେ ଥିବା ସମସ୍ତ ବେଆଇନ ଅବରୋଧ ଉଚ୍ଛେଦ କରିବା ସହ ରାସ୍ତାକୁ ସଫାସୁତୁରା ରଖିବା ଓ ଏହାର ସୌନ୍ଦର୍ଯ୍ୟକରଣ କରିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଖାଦ୍ୟ ଅନ୍ୱେଷଣରେ ଆସି କୂଅରେ ପଡ଼ିଲା ଦନ୍ତାହାତୀ

କେନ୍ଦୁଝର: ଖାଦ୍ୟ ଅନ୍ୱେଷଣରେ ଆସି କୂଅରେ ପଡିଗଲା ଦନ୍ତାହାତୀ । ୬ ଘଂଟାର କଷ୍ଟସାଧ୍ୟ ଅପରେସନ୍ ପରେ କୂଅରୁ ହାତୀ ଉଦ୍ଧାର ହୋଇଛି । ପ୍ରକାଶ ଯେ, କେନ୍ଦୁଝର ସଦର ରେଞ୍ଜ ବନାଯୋଡ଼ି ଗାଁର ଏକ କୂଅରେ ଖାଦ୍ୟ ପାଇଁ ଆସି ପଡ଼ିଯାଇଥିଲା ହାତୀ । ବିଳମ୍ବିତ ରାତିରେ ୩ଟି ଦନ୍ତାହାତୀ ବନାଯୋଡ଼ି ଗାଁ ଆଡେ ଆସିଥିବା ବେଳେ ଗାଁର ହୃଷି ନାଏକଙ୍କ କୂଅର ଗୋଟିଏ ଦନ୍ତାହାତୀ ଖସି ପଡ଼ିଥିଲା । ହାତୀ ପଡ଼ିଯିବା ପରେ ଗର୍ଜନ କରିବାରୁ ହୃଷି ବନ କର୍ମଚାରୀଙ୍କୁ ଖବର ଦେଇଥିଲେ । ବନ କର୍ମଚାରୀ ଖବର ପାଇ ହାତୀଙ୍କୁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଏକ ଜେସିବି ମେସିନ୍ ସାହାଯ୍ୟରେ କୁଅକୁ ତାଡ଼ି ଏକ ରାସ୍ତା ତିଆରି କରିଥିଲେ । କୂଅଟି ଗଭୀର ଥିବାରୁ ୧୦ ଫୁଟ ଗାତ କରି ପ୍ରଥମେ ସେଠାରେ ଏକ ରାସ୍ତା ତିଆରି କରି ଦମକଳ ବାହିନୀ ସହାୟତାରେ ୮୦ ମିଟର ଦୂରରୁ ପାଣି ଆଣି କୂଅରେ ଭର୍ତି କରାଯାଇଥିଲା । ପାଣି ଭର୍ତି ହେବା ପରେ ହାତୀଟି କୂଅରୁ ବାହାରି ଜଙ୍ଗଲ ମୁହାଁ ହୋଇଥିଲା । ଯିବା ବାଟରେ ଉତ୍ୟକ୍ତ ହାତୀ ଗୋଟିଏ ବାଇକ୍ ଭାଙ୍ଗି ଦେଇଥିଲା । ଏହି ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ସହ ଅନ୍ୟ ଜଣେ ପଡ଼ି ଆହତ ହୋଇଛନ୍ତି । ସେମାନଙ୍କୁ ବନ ବିଭାଗ ଦ୍ୱାରା ଡ଼ାକ୍ତରଖାନାରେ ଭର୍ତି କରାଯାଇଛି । ଉଦ୍ଧାର ହାତୀ ଏବେ ଉତ୍ୟକ୍ତ ଥିବାରୁ, ତା'ର ଗତିବିଧି ଉପରେ ବନ ବିଭାଗ ନଜର ରଖିଛି । ଏହି ଆକ୍ରମଣ ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତେଜନା ପ୍ରକାଶ ପାଇଥିଲା । ଗ୍ରାମବାସୀ ମାନେ କ୍ଷତିପୂରଣ ଦାବୀ କରିଥିଲେ । କୂଅର ମାଲିକ ଏବଂ ଅନ୍ୟମାନଙ୍କୁ କ୍ଷତିପୂରଣ ଦିଆଯିବ ବୋଲି କହିଛନ୍ତି ଜିଲ୍ଲା ବନଖଣ୍ଡ ଅଧିକାରୀ ଏଚ ଡି ଧନରାଜ ।

# ଡିଏଭି ପରିସରରେ ହୋଲି ଉତ୍ସବ

ଝାରସୁଗୁଡ଼ା: ଝାରସୁଗୁଡ଼ା ଡିଏଭି ପରିସରରେ ହୋଲି ଉତ୍ସବ ଉତ୍ସାହ ଓ ଉଲ୍ଲାସର ସହିତ ପାଳିତ ହୋଇଯାଇଛି । ରଙ୍ଗର ଏହି ପବିତ୍ର ପର୍ବରେ ଛାତ୍ରଛାତ୍ରୀମାନେ ଖୁସିର ରଙ୍ଗରେ ଭିଜି ଶାନ୍ତି, ମୈତ୍ରୀ ଓ ବିଶ୍ୱଭାତୃତ୍ୱର ସୁନ୍ଦର ବାର୍ତ୍ତା ପ୍ରଚାର କରିଥିଲେ । ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ନେତୃତ୍ୱରେ ଆୟୋଜିତ ଏହି ଉତ୍ସବରେ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ସାମିଲ ହୋଇଥିଲେ । ସମସ୍ତେ ପ୍ରାକୃତିକ ରଙ୍ଗ ବ୍ୟବହାର କରି ସୁରକ୍ଷିତ ଓ ପରିବେଶଧର୍ମୀ ହୋଲି ପାଳନ କରିବାକୁ ସଂକଳ୍ପ କରିଥିଲେ । ଅଧ୍ୟକ୍ଷ ଶ୍ରୀ ଦେବତା ତାଙ୍କ ଅଭିଭାଷଣରେ ହୋଲି କେବଳ ରଙ୍ଗର ପର୍ବ ନୁହେଁ, ବରଂ ପରସ୍ପର ମଧ୍ୟରେ ଶାନ୍ତି, ଭାଇଚାରା, ଆତ୍ମୀୟତା ଓ ସହଯୋଗର ରଙ୍ଗ ଭରିବାର ଉତ୍ତମ ଅବସର ବୋଲି ଭାବପ୍ରକଟ କରିଥିଲେ । ରାସାୟନିକ ରଙ୍ଗର ବ୍ୟବହାର ନ କରିବା, ପ୍ରକୃତି ଅନୁକୂଳ ଅବିର ବ୍ୟବହାର ଓ ପାଣିର ଅପଚୟ ବର୍ଜନ କରି ହୋଲି ପାଳନ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ଉତ୍ସବରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ, ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ପରିବେଶ ସୁରକ୍ଷା ଓ ସାମ୍ପ୍ରଦାୟିକ ସମ୍ମେଳନର ବାର୍ତ୍ତା ଦେଇଥିଲେ । ଶେଷରେ ସମସ୍ତେ ଏକାପରକୁ ଅଭିନନ୍ଦନ ଜଣାଇ ଖୁସିମୟ ଓ ଶାନ୍ତିପୂର୍ଣ୍ଣ ହୋଲି ପାଳନର ସଂକଳ୍ପ ନେଇଥିଲେ । ଡିଏଭି ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ତରଫରୁ ସମସ୍ତଙ୍କୁ ଭାଇଚାରାପୂର୍ଣ୍ଣ, ଶାନ୍ତିମୟ ଓ ସୁରକ୍ଷିତ ହୋଲି ପାଳନ ଲାଗି ସମସ୍ତଙ୍କୁ ଆହ୍ୱାନ କରିଛନ୍ତି ।

# ଶିକ୍ଷକଙ୍କ ବଦଳିକୁ ବିରୋଧ, ସ୍କୁଲରେ ତାଲା

ନୂଆପଡ଼ା: ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକର କନକପୁର ପ୍ରାଥମିକ ବିଦ୍ୟାଳୟରେ ତାଲା ପକାଇ ଧାରଣା ଦେଲେ ଛାତ୍ରଛାତ୍ରୀ ଏବଂ ଅଭିଭାବକ । ସ୍କୁଲରେ ଶିକ୍ଷକ ଥିବା ଅଭିରାମ ମାଝୀଙ୍କୁ ଗତ ୨୫ ତାରିଖରେ ଅନ୍ୟ ସ୍କୁଲକୁ ବଦଳି କରାଯାଇଛି । ଏହାକୁ ବିରୋଧ କରି ଗ୍ରାମବାସୀ ପାଠପଢା ବନ୍ଦ କରିବା ସହ ଧାରଣା ଦେଇଥିଲେ । ଶିକ୍ଷକ ଅଭିରାମ ମାଝୀ ଜଣେ ଛାତ୍ର ବତ୍ସଳ ଓ କର୍ତବ୍ୟ ପରାୟଣ ଶିକ୍ଷକ ଥିଲେ ଏଣୁ ତାଙ୍କୁ ପୁଣିଥରେ ଅବସ୍ଥାପିତ କରିବାକୁ ସେମାନେ ଦାବି କରିଛନ୍ତି । ବୋଡ଼େନ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ରେଶ୍ୱର ମେହେର ଆସି ଲୋକ ମାନଙ୍କ ସହ ଆଲୋଚନା କରୁଛନ୍ତି । ଗ୍ରାମବାସୀ ଲିଖିତ ଭାବରେ ଜଣାଇଲେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବେ ବୋଲି ସେ କହିଛନ୍ତି । କନକପୁର ପ୍ରାଥମିକ ବିଦ୍ୟାଳୟରେ ୬୫ ଜଣ ଛାତ୍ର ଛାତ୍ରୀ ଥିବାବେଳେ ଦୁଇ ଜଣ ଶିକ୍ଷକ ଅଛନ୍ତି । ଶିକ୍ଷକ ଦୁଇ ଜଣ ବୟସ୍କ ବ୍ୟକ୍ତି ହୋଇଥିବାରୁ ଶିକ୍ଷକ ଅଭିରାମ ମାଝୀ ଅଥବା ଜଣେ ଯୁବ ଶିକ୍ଷକ ଦେବାକୁ ଗ୍ରାମବାସୀ ଦାବି ରଖିବା ସହ ଦାବି ପୂରଣ ନହେଲେ ତାଲା ବନ୍ଦ ଅବ୍ୟାହତ ରଖିବାର ଚେତାବନୀ ଦେଇଛନ୍ତି । ଆଜିର ଧାରଣାରେ ଲିଙ୍ଗରାଜ ଧରୁଆ, ଈଶ୍ୱର ହାତୀ, ଧନମତି ମାଝୀ, ରିତିକ ବକୁଲଙ୍କ ସହ ସାମିଲ ଥିଲେ ।

# ବୋରିଗୁମ୍ମା ପଞ୍ଚାୟତ ସମିତି ବୈଠକ

ଜୟପୁର: କୋରାପୁଟ ଜିଲ୍ଲା ବୋରିଗୁମ୍ମା ପଂଚାୟତ ସମିତି କାର୍ଯ୍ୟାଳୟରେ ଆୟୋଜିତ ପଂଚାୟତ ସମିତି ସଭାରେ ଜୟପୁର ବିଧାନସଭା ମଣ୍ଡଳୀର ମାନ୍ୟବର ବିଧାୟକ ତାରାପ୍ରସାଦ ବାହିନୀପତି ଅଧ୍ୟକ୍ଷତା କରିଥିଲେ । ଏହି ସଭାରେ ବୋରିଗୁମ୍ମା ବ୍ଲକର ସମଗ୍ର ଉନ୍ନତି, ଲୋକକଲ୍ୟାଣମୂଳକ ଯୋଜନାର ସଠିକ୍ କାର୍ଯ୍ୟାନ୍ୱୟନ ଓ ଗ୍ରାମାଂଚଳର ମୌଳିକ ସମସ୍ୟାଗୁଡ଼ିକ ନିରାକରଣ ସମ୍ପର୍କରେ ଗୁରୁତ୍ୱ ସହିତ ଆଲୋଚନା ହୋଇଥିଲା । ମାନ୍ୟବର ବିଧାୟକ ଶ୍ରୀ ବାହିନୀପତି ଲୋକଙ୍କ ଆବଶ୍ୟକତାକୁ ପ୍ରଥମ ପ୍ରାଥମିକତା ଦେଇ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଦ୍ରୁତ ଓ ସ୍ୱଚ୍ଛ ଭାବରେ କାମ କରି ଲୋକଙ୍କ ସମସ୍ୟାର ସମାଧାନ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ । ସଭାରେ ପଂଚାୟତ ସମିତିର ଜନପ୍ରତିନିଧିମାନେ, ସମସ୍ତ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ନେତୃତ୍ୱମାନେ ଉପସ୍ଥିତ ରହି ବିଭିନ୍ନ ଉନ୍ନୟନମୂଳକ ପ୍ରସ୍ତାବ ଓ ଲୋକସମସ୍ୟା ଉପରେ ମତାମତ ରଖିଥିଲେ । ବିଧାୟକ ଶ୍ରୀ ବାହିନୀପତି କହିଥିଲେ ଯେ, "ଜନସେବା ହିଁ ଆମର ପ୍ରଥମ ଲକ୍ଷ୍ୟ, ଲୋକଙ୍କ ଭରସା ଓ ଆଶାକୁ ସାର୍ଥକ କରିବା ପାଇଁ ବିକାଶମୂଳକ କାର୍ଯ୍ୟକୁ ଆହୁରି ଗତିଶୀଳ କରାଯିବ ।" ଏହି ସଭା ବୋରିଗୁମ୍ମା ବ୍ଲକର ଉନ୍ନତିକୁ ଆହୁରି ତ୍ୱରାନ୍ୱିତ କରିବା ସହ ଲୋକଙ୍କ ଆଶା ଓ ଆକାଂକ୍ଷା ପୂରଣରେ ଏକ ନୂଆ ଦିଗ ଦେଖାଇବ ବୋଲି ସଭାରେ ଆଶା ପ୍ରକାଶ ପାଇଥିଲା ।

# ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପାଳିତ

କେନ୍ଦୁଝର: ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଅବସରରେ ଜିଲ୍ଲା ବିଜେଡ଼ି ତରଫରୁ ଭକ୍ତିପୂତ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଛି । ଏହି ଅବସରରେ 'ସମୃଦ୍ଧ ଓଡିଶା ଗଠନରେ ବିଜୁବାବୁଙ୍କ ଅବଦାନ 'ସମ୍ପର୍କରେ ଆଲୋଚନା କରାଯାଇଥିଲା ।ନବ ଉତ୍କଳର ପ୍ରଗତି ସାରଥୀ ସାଜିଥିବା ଏହି ମହାନ ଜନନାୟକଙ୍କ ଜନ୍ମ ତିଥିରେ ଦଳୀୟ କର୍ମୀ ଓ କର୍ମକର୍ତା ଉପସ୍ଥିତ ରହି ଏହି ଶୀର୍ଷକରେ ଆଲୋକପାତ କରିଥିଲେ । ସକାଳ ୯ଟା ସମୟରେ ବିଜେଡ଼ି ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତୀଙ୍କ ନେତୃତ୍ୱରେ କେନ୍ଦୁଝର ସହରସ୍ଥ ଥାନା ଛକଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତିରେ ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ପୂର୍ବତନ ପୌରାଧ୍ୟକ୍ଷା ମୀନା ମାଝୀ, ଜିଲ୍ଲା ବରିଷ୍ଠ ଉପସଭାପତି ପ୍ରମୋଦ ପଟ୍ଟନାୟକ, ଜିଲ୍ଲା କୋଷାଧ୍ୟକ୍ଷ ରକ୍ଷାକର ସାହୁ, ସଦର ବ୍ଲକ ସଭାପତି ଚକ୍ରଧର ପରିଡ଼ା, ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତଥା ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ କମଳିନୀ ପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ରଥ ମୁଣ୍ଡା, ନଗର ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଦେବୁ ପଟ୍ଟନାୟକ, ଜଗଦୀଶ ଆପଟ, ଝୁମ୍ପୁରା ବ୍ଲକ ଅଧ୍ୟକ୍ଷା ମାଳତି ନାଏକ, ଝୁମ୍ପୁରା ବ୍ଲକ ସଭପତି ଡ଼ମ୍ବୁରୁଧର ଦାସ, କେନ୍ଦୁଝରଗଡ଼ ପୌରପାଳିକାର କାଉନସିଲର ଶରତ ଚନ୍ଦ୍ର ସାହୁ, କେକୀ କାକଳି କୁମୁରା, ଆଦିବାସୀ ଯୁବ ନେତା ସତ୍ୟବ୍ରତ ନାଏକ, ବରିଷ୍ଠ କର୍ମୀ ବିପିନ ଆପଟ, ନରେନ୍ଦ୍ର ନାଏକ, ଭୋଳା ନାଥ ନାଏକ, ରମେଶ ନାଏକ, ରବୀନ୍ଦ୍ର ପାତ୍ର, ହୃଦାନନ୍ଦ ପ୍ରଧାନ, ଗଦାଧର ପଟ୍ଟନାୟକ, କମ୍ବୁଲୁ ସାହୁ, ପ୍ରଫୁଲ ପ୍ରଧାନ, ଯୁବ ନେତା ଟିକିନା ବ୍ରହ୍ମ, ମୁନା ପାଣି, ବାସୁଦେବ ଜେନା, ବୁବୁ ସାହୁ, ଅନାଦି ପ୍ରଧାନ, ପରମେଶ୍ୱର ବାରିକ, ଶ୍ରୀକାନ୍ତ ମହାନ୍ତ, ଅରୁଣ ମନ୍ତ୍ରୀ, ଅଞ୍ଜୁ ଘଡେଇ, ଲୁଲୁ ସାହୁ, ଅଭି ନାଏକ, ବାବି ପଟ୍ଟନାୟକ, ପପୁ ଯାଦବ, ସୁଶାନ୍ତ ପ୍ରଧାନ, ମହେନ୍ଦ୍ର ସାହୁ, ମନ୍ମଥ ଘଣା, ରଞ୍ଜନ ବେହେରା, ମନୋଜ ବେହେରା, ସରପଂଚ ତପନ ନାଏକ, ବସନ୍ତ ପ୍ରଧାନ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ । ବିଜୁବାବୁଙ୍କ ସ୍ମୃତିରେ ବହୁ ବରିଷ୍ଠ ନେତା ଶ୍ରଦ୍ଧାଞ୍ଜଳି ଅର୍ପଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ ।

# ସମ୍ବଲପୁର ପ୍ରେସ୍‌କ୍ଲବର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ

ସମ୍ବଲପୁର: ସମ୍ବଲପୁର ପ୍ରେସ କ୍ଲବର ନବ ନିର୍ବାଚିତ ସମସ୍ତ କର୍ମକର୍ତ୍ତା ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ସଭାପତି ତ୍ରିବିକ୍ରମ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କର୍ମକର୍ତାମାନେ ଆଗାମୀ ଦୁଇ ବର୍ଷ ପାଇଁ ସଦସ୍ୟ ଏବଂ କ୍ଲବର ଉନ୍ନତି ନିମନ୍ତେ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ । ଏଥିସହ କ୍ଲବ ପରିସରରେ ଆଜିର ବୈଠକ ସମ୍ବଲପୁର ପ୍ରେସ କ୍ଲବ ପରିଚାଳନା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ପରିଚାଳନା କମିଟିରେ ଖାଲି ରହିଥିବା ଦୁଇଟି ସଦସ୍ୟ ପଦବୀ ପାଇଁ ବାଦଶାହ ଜୁସମନ କୁମାର ରଣା ଏବଂ ଶ୍ରବଣ ପତିଙ୍କୁ ସଦସ୍ୟ ଭାବେ ଗ୍ରହଣ ପାଇଁ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା । ଜିଲ୍ଲାର ସମସ୍ତ ଖବରଦାତାଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ନିମନ୍ତେ ଆସନ୍ତା ମାର୍ଚ୍ଚ ୮ ତାରିଖରେ ସମ୍ବଲପୁର ପ୍ରେସ କ୍ଲବ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହେବା ସମ୍ପର୍କରେ ପରିଚାଳନା କମିଟି ପକ୍ଷରୁ ସ୍ଥିର କରାଯାଇଛି । ମାର୍ଚ୍ଚ ୮ତାରିଖରେ ଆନ୍ତର୍ଜାତୀୟ ମହିଳା ଦିବସ ଥିବାରୁ ଏହି ଅବସରରେ ସମ୍ବଲପୁରରେ କାର୍ଯ୍ୟ କରୁଥିବା ମହିଳା ଖବରଦାତା ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଥିଲା । ଏଥିସହ ସହରରେ କ୍ରମ ବର୍ଦ୍ଧିଷ୍ଣୁତାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମ୍ବଲପୁର ପ୍ରେସ କ୍ଲବ ପରିସରରେ ୨ ଶହ ସିଟ୍ ବିଶିଷ୍ଟ ଏକ ସମ୍ମିଳନୀ କକ୍ଷ ନିର୍ମାଣ କରାଯିବା ନେଇ ଆଲୋଚନା କରାଯାଇଥିଲା । ଏହାପରେ ନବ ନିର୍ବାଚିତ କର୍ମକର୍ତାମାନେ ସମ୍ବଲପୁର ଏସପିଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଆଜିର ଆହୁତ ବୈଠକରେ ସଭାପତି ତ୍ରିବିକ୍ରମ ପ୍ରଧାନଙ୍କ ସମେତ ଦୁଇ ଉପସଭାପତି ନରେଶ ଚନ୍ଦ୍ର ସେଠ, ବୀରାଜ କୁମାର ମିଶ୍ର, ସାଧାରଣ ସମ୍ପାଦକ ଭବାନୀଶଙ୍କର ଭୋଇ, ଦୁଇ ଯୁଗ୍ମ ସମ୍ପାଦକ ଅମଲେନ୍ଦୁ ନାୟକ ଏବଂ ଅନିଲ ଶ୍ରୀରାମକା, କୋଷାଧ୍ୟକ୍ଷ ସୁବ୍ରତ କୁମାର ମିଶ୍ର, ସଦସ୍ୟ ଦେବେନ୍ଦ୍ର କୁମାର ମିଶ୍ର, ଜସବୀର ସିଂହ, ଶ୍ରବଣ କୁମାର ପତି ଏବଂ ବାଦସାହା ଜୁସମନ୍ ରଣା ପ୍ରମୁଖ ଉପସ୍ଥିତ ଥିଲେ ।

# ଖଡ଼ିଆଳରେ ଦୁଇଟି ପୁସ୍ତକ ଲୋକାର୍ପିତ

ନୂଆପଡ଼ା: ଅବସରପ୍ରାପ୍ତ ପ୍ରାଧ୍ୟାପକ ଲୋହିତାକ୍ଷ ଯୋଷୀ ଓ କଂଟାବାଞ୍ଜି ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ସଞ୍ଜିବନୀ ସୁଧା ରଥ ଉଭୟଙ୍କ ଦ୍ୱାରା ଲିଖିତ ପୁସ୍ତକ ' ଅନୁଶୀଳନ ଓ ବିଶ୍ଳେଷଣ ' ଏବଂ ଶ୍ରୀ ଯୋଷୀଙ୍କ ରଚିତ ଇଂରାଜୀ ପୁସ୍ତକ ' ଚେଞ୍ଜ ଆଣ୍ଡ୍ ଟ୍ରେଡିସନ୍ସ ଇନ୍ ନାଇଜେରିଏନ୍ ନୋଭେଲ୍ସ ଇନ୍ ଇଂଲିଶ୍ : ସିଲକ୍ଟେଡ୍ ଓ୍ୱାର୍କ୍ସ ଅଫ୍ ଚିନୁଆ ଆଚେବେ ଏଣ୍ଡ୍ ବେନ୍ ଓକ୍ରି' ଖଡ଼ିଆଳ ପାଠାଗାର ଗୃହରେ ଲୋକାର୍ପିତ ହୋଇଯାଇଛି । ସମାରୋହରେ ଅବସରପ୍ରାପ୍ତ ମୁଖ୍ୟ ଆୟକର କମିଶନର ଶ୍ରୀକାନ୍ତ ଚଟର୍ଜୀ, ପ୍ରାକ୍ତନ ଅଧ୍ୟକ୍ଷା ତଥା ସୁସାହିତ୍ୟିକା ଡକ୍ଟର ଅଞ୍ଜଳି ପାଢ଼ୀ ଓ ବିଶିଷ୍ଟ କବି ପଟ୍ଟାୟତ ନୀଳଲୋହିତ ସିଂହ ଦେବ ବରେଣ୍ୟ ଅତିଥି ଭାବରେ ଯୋଗଦେଇ ପୁସ୍ତକ ଦ୍ୱୟକୁ ଉନ୍ମୋଚନ କରିଥିଲେ । ବୋଡେନ ସ୍ଥିତ ବିଜୁପଟ୍ଟନାୟକ ମହାବିଦ୍ୟାଳୟର ପ୍ରାଧ୍ୟାପକ ସାମୁଏଲ ଦାନୀ, ସୁସାହିତ୍ୟିକ ଡକ୍ଟର ସୁଶାନ୍ତ କୁମାର ବିଶି ଓ ଗାଳ୍ପିକ ମିୟୋଗ ରଞ୍ଜନ ପାତ୍ର ପୁସ୍ତକ ଦୁଇଟି ଉପରେ ଆଲୋଚନା କରିଥିବା ବେଳେ ରାଜା ଆର୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଗୌରାଙ୍ଗ କୁମାର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବୁଦ୍ଧିଜୀବୀ ବିଶ୍ୱଜିତ ପାଢ଼ୀ, ଅଧ୍ୟାପିକା ଶିଳା ତ୍ରିବେଦୀ, ଅଧାପକ ରମାକାନ୍ତ ସିଂ ସାହାଣୀ, କବି ପବିତ୍ର ମୋହନ ପ୍ରଧାନ ପ୍ରମୁଖ ଲେଖକ ଦମ୍ପତିଙ୍କୁ ସେମାନଙ୍କ ସାରସ୍ୱତ ସାଧନାର ବିଭିନ୍ନ ଦିଗ ଉପରେ ପ୍ରଶ୍ନୋତର କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ବ୍ୟଙ୍ଗ କବି ପବିତ୍ର ମୋହନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ହରେନ୍ଦ୍ର କୁମାର ପଣ୍ଡା, ପ୍ରାଧ୍ୟାପକ ଡକ୍ଟର ତରୁଣ କୁମାର ପ୍ରଧାନ, ସବିତା ଚଟର୍ଜୀ, ସାହିତ୍ୟିକ ହରିପ୍ରସାଦ ମୁଣ୍ଡ, ଅଶ୍ୱିନୀ କୁମାର ପାଢ଼ୀ, ଆର୍ତ ବଲ୍ଲଭ ଯୋଷୀ, ନୀଳିମା ରାଣୀ ସାଗର, ଅରିନ୍ଦ୍ର କୁମାର ପ୍ରଧାନ, କିଶୋର ଅଗସ୍ତି ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି, ଶ୍ରୀ ଯୋଷୀଙ୍କର ଏହା ହେଉଛି ଅଷ୍ଟମ ଓ ଶ୍ରୀମତୀ ରଥଙ୍କର ତୃତୀୟ ପୁସ୍ତକ ।

# ରାଜ୍ୟସ୍ତରୀୟ ଜୁନିଅର ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

ମାଲକାନଗିରି: ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକର ଆୟୁଷ ମଣ୍ଡଳ ରାଜ୍ୟ ସ୍ତରୀୟ ଜୁନିଅର ବ୍ୟାଡମିଂଟନ ଲେବେଲ ୨ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଚଳିତ ବର୍ଷ ୟୋନେକ୍ସ ସନରାଇଜ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ ତରଫରୁ ଆୟୋଜିତ ରାଜ୍ୟ ସ୍ତରୀୟ ଜୁନିଅର ବ୍ୟାଡମିଣ୍ଟନ ପ୍ରତିଯୋଗିତା ଲେବେଲ ୨ ରେ ମାଲକାନଗିରି ଜିଲ୍ଲାର ପ୍ରତିଭାବାନ ଖେଳାଳି ଆୟୁଷ ମଣ୍ଡଳ ଭାଗ ନେବା ସହ ଦ୍ୱିତୀୟ ସ୍ଥାନ ଅଧିକାର କରି ନିଜର ଦକ୍ଷତା ପ୍ରଦର୍ଶନ କରିଛନ୍ତି । ସେ ଏହା ପୂର୍ବରୁ ବ୍ଲକ୍ ଏବଂ ଜିଲ୍ଲା ସ୍ତରରେ ଏକକ ଓ ଯୁଗଳ ବର୍ଗରେ ଚମ୍ପିଆନ ଆଖ୍ୟା ଅର୍ଜନ କରି ରାଜ୍ୟ ସ୍ତରୀୟ ଜୁନିଅର ବ୍ୟାଡମିଂଟନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାରେ ଅଂଚଳର ପ୍ରଥମ ଖେଳାଳି । କାଲିମେଳା ଭଳି ଅଂଚଳରୁ ଆୟୁଷ ମଣ୍ଡଳଙ୍କ ଭଳି ଖେଳାଳି ରାଜ୍ୟ ସ୍ତରୀୟ ଜୁନିଅର ବ୍ୟାଡମିଂଟନ ପ୍ରତିଯୋଗିତାରେ ରନର ଅପ୍ ହୋଇ ରାଜ୍ୟ ସ୍ତରରେ ଜିଲ୍ଲାର ନାମ ରୋଶନ କରିଛନ୍ତି । ପୁଅର ଏହି ଉପଲବ୍ଧି କଉଭୟ ପିତା ମାତାଙ୍କ ଦୀର୍ଘ ଦିନର ସଂଘର୍ଷର ଫଳ ଦେବା ସହ ଉଭୟ ପିତା ମାତା ଓ ଆୟୁଷଙ୍କ ପାଇଁ ଶୁଭେଚ୍ଛାର ସୁଅ ଛୁଟିଛି ।

# ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘର ବୈଠକ



ବଲାଙ୍ଗିର,(ପିପିଏସ୍) : ନିଖିଳ ଓଡିଶା ବିଦ୍ୟୁତ ମଜଦୁର ମହାସଂଘ ପକ୍ଷରୁ ଟାଟା ପାଓ୍ୱାର ଦ୍ୱାରା ଠିକାସଂସ୍ଥା ଦାରୁବ୍ରହ୍ମ ପ୍ରାଇଭେଟ ଲିମିଟେଡ ଦ୍ୱାରା କାର୍ଯ୍ୟରତ ଠିକା ଶ୍ରମିକମାନଙ୍କ ବିଭିନ୍ନ ନ୍ୟାର୍ଯ୍ୟ ଦାବି ନେଇ ଶ୍ରମ କମିଶନର ବଲାଙ୍ଗିରଙ୍କ କାର୍ଯ୍ୟାଳୟରେ ତୃତୀୟ ପର୍ଯ୍ୟାୟରେ ଆଲୋଚନା ହୋଇଥିଲା । ଠିକା ଶ୍ରମିକମାନଙ୍କୁ ସର୍ବନିମ୍ନ ମଜରୀ ପ୍ରଦାନ, କର୍ମଚ୍ରରୀମାନଙ୍କୁ ମାନସିକ ନିର୍ଯାତନା ଦେବା, ବେନିୟମ ଛଟେଇ ପରି ବିଭିନ୍ନ ସମସ୍ୟା ବଲାଙ୍ଗିର ଠାରେ ହେଉଥିବା ଶ୍ରମ ଅଧିକାରୀଙ୍କୁ ସମସ୍ତ ତଥ୍ୟ ପ୍ରଦାନ ପରେ ମଧ୍ୟ ଦିନ ଗଡେଇ ଚାଲିଛନ୍ତି, ଶ୍ରମ ଅଧିକାରୀ ସବୁ ଜାଣି ମଧ୍ୟ ଚୁପ ରହିବା ଅତ୍ୟନ୍ତ ଦୁଃଖର ବିଷୟ ହୋଇଛି । ଆଲୋଚନା ବିଫଳ ହୋଇବା ପରେ ଶ୍ରମ କୋର୍ଟକୁ କିମ୍ବା ଟ୍ରିବୁନାଲକୁ ପଠାଇବା ପରିବର୍ତ୍ତେ ଶ୍ରମ ଅଧିକାରୀ ସର୍ବନିମ୍ନ ମଜୁରି ପ୍ରଦାନ ଓ ଶ୍ରମିକମାନଙ୍କୁ ମାନସିକ ନିର୍ଯ୍ୟାତନା ପରି ବିଷୟକୁ ଗମ୍ଭିର ବିଷୟରେ ନ ନେଇ ଚୁପ୍ ଚାପ ରହୁଥିବା ବେଳେ ଶ୍ରମିକମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି, ଏସବୁ କଥା ଘଟିବା ପରେ ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ନ୍ୟାୟ ପାଇବା ଆଶା ନେଇ ହତାଶ ହୋଇ ଆସନ୍ତା ୧୦ତାରିଖରୁ ଶ୍ରମ କାର୍ଯ୍ୟାଳୟ ବଲାଙ୍ଗିର ସମ୍ମୁଖରେରେ ଅହୋରାତ୍ର ଧାରଣ କରିବା ପାଇଁ ନିଖିଳ ଓଡିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଏହି ଆଲୋଚନାରେ ଭାରତୀୟ ମଜଦୁର ସଂଘ ବଲାଙ୍ଗିର ଜିଲ୍ଲାର ସଂପାଦକ କାହ୍ନା ଶତପଥି, ସଂଗଠନ ସମ୍ପାଦକ ବିସ୍ମୟ ହୋତା ଉପସ୍ଥିତ ଥିଲେ ।

ଯଦି ଅତ୍ୟାଚାର କରୁଥିବା ବ୍ୟକ୍ତି ବା ଦଳକୁ ଯଥୋଚିତ ଶାସ୍ତି ନ ମିଳୁଛି ତେବେ ଅତ୍ୟାଚାରିତ ପ୍ରତିଶୋଧ ନେବା ପାଇଁ ବାଟ ଖୋଜିବ । ପୁଣି ଏମାନଙ୍କୁ ଦମନ କରିବାକୁ ପୋଲିସ୍ ଦୌଡ଼ିବେ । ଆଜି ଯାହାକୁ ଚପାଇ ଦିଆଯାଉଛି କାଲି ସେ ଓଲଟି ପ୍ରତିଶୋଧ ନେବ ।

-ଡକ୍ଟର ହରେକୃଷ୍ଣ ମହତାବ
(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୧୭)

ପ୍ରଜାତନ୍ତ୍ର
ତା ୦୭।୦୩।୨୦୨୬ ■ ଶନିବାର

## ସପ୍ତାହାନ୍ତ ବିଚାର

# କାଠଗଡ଼ାରେ ଛିଡ଼ା ତଦନ୍ତକାରୀ ସଂସ୍ଥା

ଦିଲ୍ଲୀର ବହୁଚର୍ଚ୍ଚିତ ମଦ ଘୋଟାଲାରେ ସିବିଆଇର ରାଉଜ ଏଭେନ୍ୟୁ କୋର୍ଟ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ଆମ ଆଦମୀ ପାର୍ଟିର ମୁଖ୍ୟ ଅରବିନ୍ଦ କେଜରିୱାଲ ଓ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡ଼ିଆଙ୍କ ସମେତ ସବୁ ୨୩ ଅଭିଯୁକ୍ତଙ୍କୁ ଖଲାସ କରିଦେବା ଘଟଣା ଯେଉଁଠି ଉପରୋକ୍ତ ଦୁଇଜଣ ନେତା ଓ ତାଙ୍କ ପାର୍ଟି ଲାଗି ବହୁତ ବଡ଼ ବିଜୟ, ସେଇଠି ତଦନ୍ତକାରୀ ଏଜେନ୍ସୀ ସିବିଆଇ ସହିତ ଭାରତୀୟ ଜନତା ପାର୍ଟି ଲାଗି ବେଶ ବଡ଼ ଝଟକା ମଧ୍ୟ ହୋଇଛି । ଅଦାଲତ ଏ ସଂପୂର୍ଣ୍ଣ ମାମଲାରେ କୌଣସି ଷଡ଼ଯନ୍ତ୍ର ଥିବା ପାଇଲେ ନାହିଁ ଓ ସିବିଆଇ କେବଳ ଅନୁମାନ ଆଧାରରେ ଷଡ଼ଯନ୍ତ୍ରର କାହାଣୀ ଗଢ଼ିଥିବା କହିଛନ୍ତି । ସ୍ପେଶାଲ ଜଜ ନିଜ ରାୟରେ କହିଛନ୍ତି ସିଏ ପ୍ରଥମଥର ଏପ୍ରକାର ଚାର୍ଜସିଟ ଦେଖୁଛନ୍ତି, ଯହିଁରେ ଏତେ ପରିମାଣର ତ୍ରୁଟି ରହିଛି । ଦାୟିତ୍ୱହୀନ ଅଫିସରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ମଧ୍ୟ ସେ କହିଛନ୍ତି । ଯେବେ କେଜରୀୱାଲ ସରକାର ନୂଆ ଅବକାରୀ ନୀତି ଲାଗୁ କଲେ ସେତେବେଳେ କଂଗ୍ରେସ-ଭାଜପା ମିଳିତ ଭାବେ ଏହାକୁ ଘୋଟାଲା ବୋଲି କହିଥିଲେ । ଏହା ପରେ ଉପରାଜ୍ୟପାଳଙ୍କ ଇଙ୍ଗିତରେ ମାମଲା ଦାଏର ହେଲା ଓ ତଦନ୍ତ ସିବିଆଇକୁ ଦିଆଗଲା । ଏହି ସମୟରେ ଅଭିଯୋଗ କରାଗଲା ଯେ ଅବକାରୀ ନୀତି ଜରିଆରେ କିଛି ଲୋକଙ୍କୁ ଅନୁଚିତ ଲାଭ ପହଞ୍ଚାଇବା ଲାଗି ଦିଲ୍ଲୀ ସରକାରକୁ ଦୁଇ ହଜାର କୋଟି ଟଙ୍କାରୁ ଅଧିକ କ୍ଷତି ସହିବାକୁ ପଡ଼ିଛି । ଏ ମାମଲାରେ ସିବିଆଇ ପରେ ଇଡି ମଧ୍ୟ ସଂପୃକ୍ତ ହେଲା, କିନ୍ତୁ ସିବିଆଇର କେଶ ଖାରଜ ହୋଇଯିବା ପରେ ଇଡିର ମାମଲା ମଧ୍ୟ ଖାରଜ ହୋଇଯିବାର ସମ୍ଭାବନା ରହିଛି । ଏହି ଦୁଇ ତଦନ୍ତକାରୀ ଏଜେନ୍ସୀ ଏହି ତଥାକଥିତ ଘୋଟାଲାକୁ ନେଇ ପର୍ଯ୍ୟାପ୍ତ ସାକ୍ଷ୍ୟପ୍ରମାଣ ଥିବା ଦାବି କରିଥିଲେ ଓ ପୁଣି ଗୋଟିଏ ପରେ ଗୋଟିଏ ଅନେକ ଲୋକଙ୍କୁ ଗିରଫ କଲେ । ପ୍ରମୁଖ ଲୋକଙ୍କ ମଧ୍ୟରେ ମନୀଷ ସିସୋଡ଼ିଆ ଗିରଫ ହେଲେ ଓ ପରେ ଅରବିନ୍ଦ କେଜରିୱାଲ ଉଭୟଙ୍କୁ ସୁପ୍ରିମକୋର୍ଟରୁ ଜାମିନ ମିଳିଲା ।

ଏବେ କେଜରିୱାଲ, ସିସୋଡ଼ିଆ ଓ ଅନ୍ୟମାନେ ଖଲାସ ହୋଇଯିବା ରାୟ ବିରୋଧରେ ସିବିଆଇ ଦିଲ୍ଲୀ ହାଇକୋର୍ଟ ଯାଇଛି, କିନ୍ତୁ ରାଉଜ ଏଭେନ୍ୟୁ କୋର୍ଟର ଜର୍ଜ ତାହା ବିରୋଧରେ ଏପରି ଟିପ୍ପଣୀମାନ ଦେଇଚନ୍ତି ଯହିଁରୁ ସନ୍ଦେହ ହେଉଛି ସିବିଆଇ ମନୋମୁଖୀ ଢଙ୍ଗରେ ତଦନ୍ତ କରିନାହିଁ ତ ? ଏ ପ୍ରଶ୍ନ ଇଡିକୁ ନେଇ ମଧ୍ୟ ଉଠୁଛି । ଧ୍ୟାନଦେବାଯୋଗ୍ୟ ଯେ କେଜାଣେ କେତେ ଏପ୍ରକାର ମାମଲା ଥିବ, ଯେଉଁଠି ସିବିଆଇ ଦୁର୍ନୀତି ନିବାରଣ ଆଇନ ଓ ଇଡି ପ୍ରିଭେନ୍ସନ ଅଫ ମନି ଲଣ୍ଡରିଙ୍ଗ ଆଇନ ଅନୁଯାୟୀ ମିଳିଥିବା ଶକ୍ତି ଜରିଆରେ ନେତା, ବ୍ୟବସାୟୀଙ୍କ ସମେତ ଅନ୍ୟ ଅନେକ ଲୋକଙ୍କୁ ଘୋଟାଲା ଆରୋପରେ ଗିରଫ କରିଛନ୍ତି ଓ ପରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ସାକ୍ଷ୍ୟପ୍ରମାଣ ଅଭାବରୁ ଖଲାସ ହୋଇଯାଇଛନ୍ତି, କିନ୍ତୁ ଯେତେବେଳେ ଏହା ହୁଏ, ସେତେବେଳକୁ ସଂପୃକ୍ତ ବ୍ୟକ୍ତିଙ୍କ ପ୍ରତିଷ୍ଠା ଉପରେ ଆଞ୍ଚ ଆସିଯାଇଥାଏ ଓ ତାହାର ଭରଣା ହୋଇପାରେ ନାହିଁ । ତେଣୁ ରାଉଜ ଏଭେନ୍ୟୁ କୋର୍ଟର ଜଜ କହିଛନ୍ତି ଯେତେବେଳେ କୌଣସି ବ୍ୟକ୍ତିର ବ୍ୟକ୍ତିଗତ ସ୍ୱାଧୀନତା ବାଧିତ ହୁଏ, ସିଏ ଖଲାସ ହେବା ପରେ ମଦ୍ଧ୍ୟ ସାର୍ଥକ ଭାବେ ସେ ନିଜ ପ୍ରତିଷ୍ଠାକୁ ସ୍ଥାପିତ କରିପାରେ ନାହିଁ ଓ ଅନ୍ୟାୟପୂର୍ଣ୍ଣ ଜେଲଯାତନା ଯୋଗୁଁ ହୋଇଥିବା କ୍ଷତିର ମାର୍ଜନା ହୋଇପାରେ ନାହିଁ । ବାସ୍ତବରେ ଏପରି ଲୋକଙ୍କୁ ଆର୍ଥିକ ସମେତ ସାମାଜିକ କ୍ଷତି ମଧ୍ୟ ସହିବାକୁ ପଡ଼ିଥାଏ । ନେତା ମଧ୍ୟ କ୍ଷତି ସହନ୍ତି, କିନ୍ତୁ ଖଲାସ ହେବା ପରେ ସେ ଲୋକଙ୍କ ସହାନୁଭୂତି ହାସଲ କରି ରାଜନୈତିକ ଲାଭ ଉଠାଇବାକୁ ଉଦ୍ୟମ କରିଥାଆନ୍ତି । ସେମାନେ ପ୍ରଚାର କରିବା ସହଜ ହୋଇଯାଏ ଯେ ସେ ରାଜନୈତିକ ପ୍ରତିଶୋଧର ଶିକାର ହୋଇଛନ୍ତି । କେଜରିୱାଲ ମଧ୍ୟ ସେଇଆ କରୁଛନ୍ତି, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ତାଙ୍କୁ ବରଂ ନୂଆ ରାଜନୈତିକ ଉର୍ଜା ମିଳିଛି ଓ ତାହା ସେ ଆଗାମୀ ଦିନରେ ପଞ୍ଜାବ, ଗୁଜରାଟ ତଥା ଦିଲ୍ଲୀର ରାଜନୀତିରେ ଦେଖାଇବେ । ଯେହେତୁ ଆମ ଆଦମୀ ପାର୍ଟି ପୂର୍ବ ନିର୍ବାଚନରେ କଂଗ୍ରେସ ଭୋଟ ନେଇଯିବାକୁ ସକ୍ଷମ ହୋଇଥିଲା, ତେଣୁ କଂଗ୍ରେସ ଏବେ ଚିନ୍ତିତ ହେବା ସ୍ୱାଭାବିକ ।

ଏବେ ଘୋଟାଲା ଆଦି ମାମଲାମାନଙ୍କରେ ସିବିଆଇ ସହିତ ଇଡି ଯାଞ୍ଚ ଆରମ୍ଭ ହେଉଛି । ଯେବେ ଇଡି କାହାକୁ ଗିରଫ କରୁଛି ସେବେ ତାକୁ ଜାମିନ ମିଳିବା କଷ୍ଟକର ହୋଇଯାଉଛି । ଅନେକ ସମୟରେ ଜାମିନ ମିଳୁନାହିଁ, କାରଣ ସିବିଆଇ ଓ ଇଡି ପକ୍ଷରୁ ଜୋର ଦିଆଯାଉଛି ଯେ ଜେଲରୁ ବାହାରକୁ ଆସିଲେ ଅଭିଯୁକ୍ତ ସାକ୍ଷୀମାନଙ୍କୁ ପ୍ରଭାବିତ କରିଦେବ । ରାଉଜ ଏଜେନ୍ସୀ କୋର୍ଟର ରାୟ ବିରୁଦ୍ଧରେ ହାଇକୋର୍ଟ ଯାଇଥିବା ସିବିଆଇକୁ କ'ଣ ମିଳିବ କହିବା କଷ୍ଟକର, କିନ୍ତୁ ଯେପର୍ଯ୍ୟନ୍ତ ହାଇକୋର୍ଟ କୌଣସି ଭିନ୍ନ ନିର୍ଣ୍ଣୟ ନେଇନାହିଁ ସେଯାଏ ଭାଜପା ଏବଂ ମୋଦୀ ସରକାରଙ୍କୁ କେଜରିୱାଲ ଓ ତାଙ୍କ ସାଥୀମାନଙ୍କ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିବ । ଏହା ସହିତ ସିବିଆଇ ଓ ଇଡି ମଧ୍ୟ ଲାଞ୍ଛିତ ହୋଇଛନ୍ତି । ଆଗକୁ ଯାହା ବି ହେଉ, ଏକ ଧାରଣା ସ୍ପଷ୍ଟ ହୋଇଯାଇଛି ଯେ ନେତାମାନଙ୍କ ମାମଲାରେ ରାଜନୈତିକ ଦ୍ୱେଷ ଯୋଗୁଁ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ଓ ତଦନ୍ତକାରୀ ଏଜେନ୍ସୀଗୁଡ଼ିକର ଦୁରୁପଯୋଗ ହେଉଛି । ଏହି କାରଣରୁ ଥରେ ସୁପ୍ରିମକୋର୍ଟ ମଧ୍ୟ ସିବିଆଇକୁ ପଞ୍ଜୁରୀର ଶୁଆ ବୋଲି କହିଥିଲେ । ଏକ ପକ୍ଷରେ ନେତା ଓ ଅଫିସରଙ୍କ ଦୁର୍ନୀତି ନେଇ ଯେଉଁ ମାମଲାର ତଦନ୍ତ ସିବିଆଇ କି ଇଡି ପକ୍ଷରୁ କରାଯାଉଛି, ତହିଁରେ ଅଧିକାଂଶ ଅଦାଲତରେ ଠେକି ପାରୁନାହିଁ ଓ ଅନ୍ୟ ପକ୍ଷରେ ଦେଖିବାକୁ ମିଳୁଛି ଯେ ସେମାନଙ୍କର ଦୁର୍ନୀତି ମାମଲା ଆଦୌ ହ୍ରାସ ପାଉନାହିଁ । ଯେବେ ସିବିଆଇ ବା ଇଡି କାହାକୁ ଗିରଫ କରୁଛି ଏବଂ ଯେଉଁ ଅଦାଲତ ତାଙ୍କୁ ଜେଲ ପଠାଉଛି, ରିମାଣ୍ଡରେ ଛାଡୁଛି କି ଜାମିନ ଦେବାକୁ ମନା କରୁଛି, ସିଏ ପୁଣି ତାକୁ କିପରି ଦୋଷମୁକ୍ତ କହି ଖଲାସ କରୁଛି ? ଜେଲ ପାଇବା କାମ ତ ଅଦାଲତ କରୁଛି, ଯାଞ୍ଚ ଏଜେନ୍ସୀ ନୁହେଁ ।

କିଛିଦିନ ତଳେ ଏନସିଇଆରଟି ପକ୍ଷରୁ ନବମ ଶ୍ରେଣୀର ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକରେ ନ୍ୟାୟପାଳିକାରେ ଦୁର୍ନୀତି ଉପରେ ଏକ ଅଧ୍ୟାୟକୁ ସାମିଲ କରାଯାଇଥିବାରୁ ସୁପ୍ରିମକୋର୍ଟ ଭର୍ତ୍ସନା କରିଥିଲେ । ଏନସିଇଆରଟିର ଏ ପୁସ୍ତକକୁ ସୁପ୍ରିମକୋର୍ଟ ପ୍ରତିବନ୍ଧିତ କରିଛନ୍ତି । ଅବଶ୍ୟ ନ୍ୟାୟପାଳିକାରେ ଦୁର୍ନୀତି ମାମଲା ଖୁବ୍ କମ୍ ସାମନାକୁ ଆସିଛି । ନେତା ଓ ଅଫିସରଙ୍କ କ୍ଷେତ୍ରରେ ଦୁର୍ନୀତି ମାତ୍ରା ଅଗଣିତ । ଏ ଅବସ୍ଥାରେ ଶାସନ-ପ୍ରଶାସନରେ ବ୍ୟାପ୍ତ ଦୁର୍ନୀତିକୁ ରୋକିବା ପାଇଁ ସରକାରଙ୍କ ସଂକଳ୍ପକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ । ଏହି ହେଉଛି ସଠିକ୍ ସମୟ ସରକାର ନିଜ ସଂକଳ୍ପ ପ୍ରତି ପ୍ରତିବଦ୍ଧତା ଉପରେ ଗମ୍ଭୀରତାର ସହ କାର୍ଯ୍ୟାନୁଷ୍ଠାନ କରିବା । ଏହା ସହିତ ଏପରି ବ୍ୟବସ୍ଥା ମଧ୍ୟ କରାଯିବା ଆବଶ୍ୟକ ଯାହାଫଳରେ ସିବିଆଇ ଓ ଇଡି ଭଳି ଏଜେନ୍ସୀ ବିନା ଠୋସ୍ ସାକ୍ଷ୍ୟପ୍ରମାଣରେ, ମନୋମୁଖୀ ଢଙ୍ଗରେ ଗିରଫ କରିପାରିବେ ନାହିଁ ଓ ଯଦି ତାଙ୍କ ଅଫିସର ମନୋମୁଖୀ ଢଙ୍ଗରେ କାର୍ଯ୍ୟ କରନ୍ତି ତେବେ ସେମାନଙ୍କୁ ଦଣ୍ଡିତ କରାଯିବାର ବ୍ୟବସ୍ଥା ହେବା ଦରକାର । ଏହା ହେଲେ, ଭ୍ରଷ୍ଟାଚାର ବିରୋଧରେ ଲଢ଼ିବା ନାମରେ ପ୍ରତିଶୋଧାତ୍ମକ କାର୍ଯ୍ୟାନୁଷ୍ଠାନ ସେମାନେ ନେଇପାରିବେ ନାହିଁ । ଏ ମାମଲାରେ ସରକାରଙ୍କ ସହ ନ୍ୟାୟପାଳିକାକୁ ମଧ୍ୟ ବିଚାର କରିବାକୁ ହେବ । ତାକୁ ମଧ୍ୟ ଦେଖିବାକୁ ହେବ ଯେପରି ନିର୍ଣ୍ଣୟ ଯଥାଶୀଘ୍ର ନିଆଯାଇପାରେ । ❐❐

# ଫୁଡ୍ ବ୍ଲଗ୍ ଉପରେ ନିୟନ୍ତ୍ରଣ ରହୁ

## ପ୍ରାପ୍ତପତ୍ର

କୁହାଯାଏ ଯେ 'ଯୋ ଦିଖ୍‌ତା ହେ, ୱହି ବିକତା ହେ' । ଏହାର ଅର୍ଥ ଯାହ ଦେଖାଯାଉଛି ତାର ଚାହିଦା ଅଧିକ। ତେବେ ନିଜେ ପସନ୍ଦ ମୁତାବକ ଦେଖିବା ଏବଂ ନିର୍ଦ୍ଦିଷ୍ଟ ଦୃଶ୍ୟକୁ ଦେଖିବାକୁ ବାଧ୍ୟ କରାଯିବା ଭିତରେ ଫରକ ବି ରହିଛି। ଯାହା ଏବେ ସୋସିଆଲ ମିଡିଆରେ ଟ୍ରେଣ୍ଡ ପାଲଟିଛି। ମାଳ ମାଳ କଣ୍ଟେଣ୍ଟ କ୍ରିଏଟର ବା ଇନଫ୍ଲୁଏନ୍ସର ଏବେ ନିଜ ସୋସିଆଲ ମିଡ଼ିଆ ଫଲୋର୍ସଙ୍କୁ ମାଧ୍ୟମ କରି ବିଭିନ୍ନ ବସ୍ତୁ, ସାମଗ୍ରୀ ଓ ବ୍ୟବସାୟିକ ପ୍ରତିଷ୍ଠାନର ପ୍ରଚାର ପ୍ରସାର କରୁଛନ୍ତି। ଏଥିରେ କାହାର କିଛି ଆପତ୍ତି ବି ରହୁନି। କିନ୍ତୁ ଖାଦ୍ୟ ସାମଗ୍ରୀକୁ ନେଇ ପ୍ରଚାର ପ୍ରସାର ଭିଡ଼ିଓ କରି ସୋସିଆଲ ମିଡ଼ିଆରେ ପୋଷ୍ଟ କରିବା ପୂର୍ବରୁ ସମ୍ପୃକ୍ତ ବ୍ୟବସାୟିକ ଅନୁଷ୍ଠାନ ବା ଦୋକାନର ପରିବେଶ ଦେଖୁଛନ୍ତି କି ? କେତେ ସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରାଯାଉଛି ? ବର୍ତ୍ତମାନ କଟକରେ ଝାଡ଼ାବାନ୍ତି ସ୍ଥିତି ନେଇ ଭୟ ଖେଳୁଥିବା ବେଳେ ଖାଦ୍ୟକୁ ନେଇ ହେଉଥିବା ସୋସିଆଲ ମିଡ଼ିଆ ପ୍ରଚାର ଉପରେ କାହିଁକି କାହାର ନିୟନ୍ତ୍ରଣ ନାହିଁ ସେ ନେଇ ପ୍ରଶ୍ନ ଉଠୁଛି।

ଇନଷ୍ଟାଗ୍ରାମ, ଫେସବୁକରେ ରିଲ୍ସ କରିବା କିମ୍ବା ୟୁଟ୍ୟୁବ ଚ୍ୟାନେଲରେ ଭିଡ଼ିଓ ପ୍ରସ୍ତୁତି କରି ପୋଷ୍ଟ କରିବାରେ ଏବେ ଅସଂଖ୍ୟ କଣ୍ଟେଣ୍ଟ କ୍ରିଏଟର ମାତିଛନ୍ତି। ସୋସିଆଲ ମିଡ଼ିଆ ଭାଷାରେ ଏମାନଙ୍କୁ ବ୍ଲଗର କୁହାଯାଉଛି। କଟକ, ଭୁବନେଶ୍ୱର ଭଳି ସହରରେ ଖାଦ୍ୟକୁ ନେଇ ଭିଡ଼ିଓ ପ୍ରସ୍ତୁତ କରୁଥିବା କ୍ରିଏଟରଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। ହୋଟେଲ, ରେଷ୍ଟୁରାଣ୍ଟ ଠାରୁ ଆରମ୍ଭ କରି ଷ୍ଟ୍ରିଟ ଫୁଡ଼ ଯାଏ ସବୁଠି ପହଞ୍ଚି ଏମାନେ ଭିଡ଼ିଓ କରିଥାନ୍ତି। ଏହାର ଏକ ସକାରାତ୍ମକ ଦିଗ ବି ରହିଛି। ଏମାନଙ୍କ ସୂଚନା ଆଧାରରେ ସାଧାରଣ ଲୋକେ କୌଣସି ନିର୍ଦ୍ଦିଷ୍ଟ ହୋଟେଲ, ରେଷ୍ଟୁରାଣ୍ଟ ବା ଷ୍ଟ୍ରିଟ ଫୁଡ ଷ୍ଟଲ ଉପରେ ବିସ୍ତୃତ ସୂଚନା ପାଇପାରୁଛନ୍ତି। ମୂଲ୍ୟ କେତେ, ଟେଷ୍ଟ କେମିତି, କେତେ ଭେରାଇଟି ଉପଲବ୍ଧ ସହ ବିଭିନ୍ନ ସୂଚନା ଲୋକେ ମୋବାଇଲ ମାଧ୍ୟମରେ ପାଇପାରିଥାନ୍ତି। ଯାହାଫଳରେ ସାଧାରଣ ଲୋକେ ସମ୍ପୃକ୍ତ ବ୍ୟବସାୟ ପ୍ରତିଷ୍ଠାନ ପାଖକୁ ଯାଇ ସାମଗ୍ରୀ ପରଖିଥାନ୍ତି। କିନ୍ତୁ ସମୟକ୍ରମେ କଣ୍ଟେଣ୍ଟ କ୍ରିଏଟର ବା ବ୍ଲଗରମାନେ ଏହାକୁ ନିଜ ବୃତ୍ତିରେ ପରିଣତ କରିଦେଲେଣି। ନିଜ ଆକାଉଣ୍ଟର ଫଲୋୟର୍ସଙ୍କୁ ମାଧ୍ୟମ କରି ଏମାନେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ଠାରୁ ଟଙ୍କା ଆଣି ସେମାନଙ୍କ ପ୍ରଚାର ପ୍ରସାର ଭିଡ଼ିଓ ପ୍ରସ୍ତୁତ କରି ପୋଷ୍ଟ କରୁଛନ୍ତି। ତେବେ ଖାଦ୍ୟପେୟ ଦିଗରେ ମଧ୍ୟ ସମାନ ସ୍ଥିତି ଉପୁଜିଛି। କଣ୍ଟେଣ୍ଟ କ୍ରିଏଟରମାନେ ଖାଦ୍ୟପେୟ ପ୍ରସ୍ତୁତ କରୁଥିବା ବ୍ୟବସାୟୀଙ୍କ ଲାଗି ପ୍ରଚାର ପ୍ରସାର ଭିଡ଼ିଓ କରୁଛନ୍ତି। କିନ୍ତୁ ବ୍ୟବସାୟୀମାନେ କେତେ ସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି ସେ ଦିଗରେ ପ୍ରାୟ କାହାର ନିଘା ରହୁନାହିଁ। ତେବେ ଯେଉଁ ଭିଡ଼ିଓ ପ୍ରସ୍ତୁତ କରୁଛନ୍ତି ଭିଡ଼ିଓରେ ଅନେକ କଣ୍ଟେଣ୍ଟ କ୍ରିଏଟର ଏହା ବିଜ୍ଞାପନ ପ୍ରଚାରଧର୍ମୀ ବା ପ୍ରାୟୋଜିତ ଭିଡ଼ିଓ ବୋଲି ଉଲ୍ଲେଖ କରୁନାହାନ୍ତି। ବ୍ଲରମାନେ ଭିଡ଼ିଓ ପ୍ରସ୍ତୁତ କରି ସୋସିଆଲ ମିଡ଼ିଆରେ ପୋଷ୍ଟ କରିବା ପୂର୍ବରୁ ରିଏଲିଟି ଚେକ କରନ୍ତୁ। ବ୍ୟବସାୟ କେତେ ସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି ଦେଖି ଭିଡ଼ିଓ କରନ୍ତୁ। କାରଣ ବ୍ଲଗରମାନଙ୍କ ଫଲୋୟର୍ସ ଅଧିକ ରହିଥିବାରୁ ଲୋକେ ଅନ୍ଧ ଭାବେ ସବୁକିଛି ସମହଜରେ ବିଶ୍ୱାସ କରିନିଅନ୍ତି।

ଶ୍ୟାମ ସୁନ୍ଦର ସାମଲ
ବିଡ଼ାନାସୀ , କଟକ

# ସାହିତ୍ୟର ସତ୍ୟପାଠ



ମାୟାଧର ନାୟକ

ଋଷିଆର ମହାନ୍ କଥାକାର ଗର୍କୀଙ୍କ ବିଶ୍ୱବିଖ୍ୟାତ ଉପନ୍ୟାସ 'ମଦର୍'। ଏ ଉପନ୍ୟାସର ମହାନାୟିକା ବାଟ ଚାଲିବାରେ ବିଶ୍ୱାସ କରୁଥିବା ସେଇ ମା, ଯିଏ ମୁଣ୍ଡେଇଥିବା ପସରା ଭିତରେ ସେଦିନ ଥିଲା ବିପ୍ଳବକୁ ଦୀର୍ଘଜୀବୀ କରିବାପାଇଁ ପ୍ରେରଣାଦାୟକ ପ୍ରଚାରପତ୍ରସବୁ। ପୁଅ ସାମିଲ୍ ହୋଇଥିବା ଦୂରାନ୍ତରର ବିପ୍ଳବୀ ସଂଗଠନକୁ ହସ୍ତାନ୍ତର କରିଦେବା ଉଦ୍ଦେଶ୍ୟରେ ନିଜ ପସରାର ଗୁଡ଼ିଏ ଜିନିଷପତ୍ର ତଳେ ମାଆଟି ଛୁପାଇରଖୁଥିଲା ସେସବୁ ଗୁପ୍ତପ୍ରଚାରପତ୍ର। ଗୁଇନ୍ଦାପୁଲିସର ଆଖି ଆଉ ପ୍ରତିକ୍ରିୟାଶୀଳ ଶାସକଦଳର ଚର-ଅନୁଚରମାନଙ୍କ ନଜରକୁ ଫାଙ୍କିଦେଇ ନିୟମିତ ସେସବୁ ବୈପ୍ଳବିକ କାର୍ଯ୍ୟକ୍ରମର ନିର୍ଦ୍ଦେଶନାମା ମାଆ ମାର୍ଫତ୍‌ରେ ପହଂଚାଉଥିଲା ଠିକଣାଜାଗାରେ। ନିଜ ନୁଖୁରା ମୁଣ୍ଡଉପରର ପସରା ଭିତରେ ଲୁଚାଇରଖିଥିବା ସେ ଅଗ୍ନିଗର୍ଭ ପ୍ରଚାରପତ୍ରକୁ କ'ଣ ମାଆ ପଢୁଥିଲା କେଭେଁ? ଏ ପ୍ରଶ୍ନ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନ। ଏପରି ପ୍ରଶ୍ନ ଖୋଦ୍ ଲେଖକ ପଚାରିନାହାନ୍ତି କେଉଁଠି କିମ୍ବା କୌଣସି ପାଠକପାଠିକା ନିଭୃତ ମନରେ ଉଠାଇଛନ୍ତି କି ଉଠାଇନାହାନ୍ତି- ମତେ ଜଣାନାହିଁ, ମାତ୍ର ଯାହାର ଉତ୍ତର ପ୍ରତ୍ୟେକ ଯୁଗରେ ଆଗାମୀ ଇତିହାସର ହିଁ ଅସଲ ଉଚ୍ଚାରଣ। 'ଲେଖାଲେଖି କାହାପାଇଁ' ପ୍ରଶ୍ନର ଉତ୍ତର ଖୋଜିଲାବେଳେ ଆମ ସମସ୍ତଙ୍କୁ, ବିଶେଷକରି ମୋର ସମକାଳର ଲେଖକଲେଖିକା ବିରାଦରମାନଙ୍କୁ ମୁଁ ଗର୍କୀଙ୍କର ସେଇ 'ମଦର୍'ର ମୁହଁକୁ ଏତେଗୁଡ଼ିଏ ବର୍ଷର ବ୍ୟବଧାନ ପରେ ଆଉଥରେ ଫେରିଚାହିଁବାକୁ ଅନୁରୋଧ କରୁଛି। ମାଆମାନେ ଆଜି ବି ପସରାମୁଣ୍ଡେଇ ଚାଲିଛନ୍ତି। ହେଲେ ମାଆର ସନ୍ତାନମାନେ ଏବେ କେଉଁଠି? ଦୀର୍ଘଜୀବୀ ବିପ୍ଳବ କ'ଣ ଅମର ହୋଇସାରିଛି ଇତିମଧ୍ୟରେ? ଆଗାମୀ ଇତିହାସ ପାଇଁ ଆମର ଅଙ୍ଗୀକାରର ଦିନସବୁ କ'ଣ ସରିଯାଇଛି? ବିପ୍ଳବର କାର୍ଯ୍ୟନିର୍ଘଂଟ କ'ଣ ତାର ଶେଷ ପାରାଗ୍ରାଫ୍‌ରେ ପହଂଚିଯାଇଛି? ଏବେ କ'ଣ ଚାଲିଛି ଖାଲି ଖେଳ ପିରିୟଡ୍? ପଡ଼ିଆରେ ଜର୍ସିପିନ୍ଧି ରେଫରୀର ହୁଇସିଲ୍‌କୁ ଅପେକ୍ଷା? ଆମ ସାହିତ୍ୟ କ୍ଲାସ୍‌ର ଛୁଟିଘଂଟା ବାଜିବାର ଶବ୍ଦ ସବୁଠି ଶୁଭୁଛି। ମାତ୍ର ଟିକିଏ କାନ ଡେରିଲେ ଶୁଣିପାରିବେ ଯେ ଗୋଟିଏ ଚାପାକାନ୍ଦଣାର ସ୍ୱର ଏ ଛୁଟିଘଂଟାର ଶବ୍ଦକୁ କାଟି ଦୂରରୁ ଆହୁରି ଦୂରକୁ ଚାଲିଯାଉଛି। ହଜିଯାଉଛି ହରଦମ୍ ହସଖୁସିର ହୋହଲ୍ଲା ଆରପଟର ଅସରନ୍ତି ହାହାକାର ଆଡ଼କୁ। କାନ୍ଦୁଛି କିଏ? ହସୁଛି କିଏ? ମାଆ କାନ୍ଦୁଛି ତ ହସୁଛି ସନ୍ତାନ। ଇଏ ଦୁଇଟି ପକ୍ଷ। କେଉଁ ପକ୍ଷ ପାଇଁ ଲେଖିବେ? କାହାପାଇଁ ଲେଖାଲେଖି? ପ୍ରତ୍ୟେକ ଲେଖକଲେଖିକା ନୀରବରେ ନିଜକୁ ଏ ପ୍ରଶ୍ନ ପଚାରିବାର ବେଳ ଆସିଯାଇଛି। ମୋ ବିଚାରରେ, କାନ୍ଦୁଥିବା ମାଆମାନଙ୍କ ଓଠରେ ଧାରେ ହସ ଆଉ ହସୁଥିବା ସନ୍ତାନମାନଙ୍କ ହୃଦୟରେ ଟୋପାଏ ଦିଟୋପା ଲୁହକୁ ପାଛୋଟିଆଣିପାରୁଥିବା କାନ୍ଦ ଯଦି ହୋଇପାରନ୍ତା ଲେଖାଲେଖିର ଲକ୍ଷ୍ୟ, ତା'ହେଲେ 'କାହାପାଇଁ'ର ଉତ୍ତରଖାତା ପୂରା କରିବାଟା ଆଉ କାହାରିପାଇଁ ମୁଣ୍ଡବ୍ୟଥାର କାରଣ ହୋଇପାରନ୍ତା ନାହିଁ।

ଏବେ ତ ହସ କ୍ଲବ୍‌ର ଯୁଗ। ହସ ପାଇଁ ଆସର। ହସ ପାଇଁ ହରେକ୍ ଯୋଜନା ଚାରିଆଡ଼େ। ବୈଜ୍ଞାନିକ କହୁଛି - ହସ। ଡାକ୍ତର କହୁଛି - ହସ। ବନ୍ଧୁ କହୁଛି - ହସ। ହସକୁ କସରତର ସ୍ତରକୁ ନେଇଯାଇ ତାଲିମ୍‌ଦାତା ଦଳ ବି ସାଇବର୍ଷ୍ଟିଠୁ ସହରସାରା ହସର ବ୍ୟାୟାମଶାଳା ବସାଇ ସମସ୍ତଙ୍କୁ ଡାକି କହୁଛନ୍ତି - ହସ। ହସିଲେ ହୃତ୍‌ପିଣ୍ଡ ତାଜା ରହିବ। ରକ୍ତଚାପ ରହିବ ଠିକ୍‌ଠାକ୍। ମୁହଁର ମାଂସପେଶୀ ହାସଲ କରିବ ସଠିକ୍ ଚାଳନା। ଅତୁଟ ସ୍ୱାସ୍ଥ୍ୟ ହୋଇଉଠିବ ସୁଲଭ। ସହରକୁ ନୂଆ ଯୋଗୀ ଆସି ପ୍ରଚାର କରୁଛନ୍ତି, ହସ ବି ଗୋଟିଏ ପ୍ରକାର ଯୋଗ। ଏତେ ନିଃଶ୍ୱାସପ୍ରଶ୍ୱାସ ଶୁଦ୍ଧି ବା ନାସିକାରନ୍ଧ୍ରରେ ପବନକୁ ଫାଶ ପକାଇ ଯୋଗପ୍ରାଣାୟମ କରିବା ଅପେକ୍ଷା, ବରଂ ଦଶମିନିଟ୍ ହସ। ଯୋଗମାର୍ଗକୁ ସୁରୁଖୁରୁ ଯାତ୍ରା ସଂଭବପର ଏ ବିନାଖର୍ଚ୍ଚର କେଇମିନିଟ୍ ହସରେ। ଆଖିକାନ ବୁଜି ନୀରବ ଧ୍ୟାନ କରିବାଠୁ ଆଖିପାଟି ମେଲି ଆଁ-ଖୋଲା ସଶବ୍ଦ ହସ ସହସ୍ରଗୁଣେ ଭଲ। ହସ - ହସ - ହସ। ରାଜଧାନୀର ଜନସମାବେଶରେ ସଭାପତିତ୍ୱ କରି ପୁରୁଣାପୁରୁଖା ନେତା ବି ନୂଆ ଲେଖକଲେଖିକାମାନଙ୍କୁ ପରାମର୍ଶ ଦେଉଛନ୍ତି - ହାସ୍ୟରସ ସୃଷ୍ଟି କର। ହାସ୍ୟ ହିଁ ଲାସ୍ୟ। ହାସ୍ୟ ହିଁ ଭାଷ୍ୟ। ହାସ୍ୟ ହିଁ ରହସ୍ୟ। ଯଦି ହାକିମ ଆଉ ପିଅନ ପରସ୍ପରକୁ ଦୁଇମିନିଟ୍ ଚାହିଁ ପ୍ରତିଦିନ ହସିବେ, ତାହେଲେ ଅଫିସ୍‌ରେ ତାଲାବନ୍ଦର ଦିନ ଆସିବ ନାହିଁ କି ହରତାଳର ଦିପହର ଦିଶିବ ନାହିଁ। ପିଅନର ଛୁଟିଦରଖାସ୍ତ ଆଉ ହାକିମର ଛଟାଦସ୍ତଖତ ମଝିରେ ଛୁଂଚିମୁନର ଦୂରତା ବି ରହିବନାହିଁ। ଆମର ଆଉ ଫକିରମୋହନ, ପ୍ରେମଚନ୍ଦ, ଶରତ୍‌ଚନ୍ଦ୍ର, ନଜରୁଲ୍, ବୈକୁଣ୍ଠନାଥ, ମାନସିଂହ ସଚ୍ଚି ରାଉତରା ଦରକାର ନାହିଁ - ଦରକାର ନିର୍ଧୂମ୍ ହାସ୍ୟରସର ଧୁମ୍‌ଧାମ୍ ସାହିତ୍ୟକାର। ସାହିତ୍ୟର ଶ୍ରୀକ୍ଷେତ୍ରରେ ହସର ବଜାର, ହସର ହାଟ ବସାଅ ଗ୍ରାହକ ପାଠକବର୍ଗ ପାଇଁ। ହସ ହିଁ ଅସଲ ରସ। ହସିବାକୁ ଇଚ୍ଛା ହୁଏ ଖୁବ୍। ହେଲେ ହସିପାରେନା ମୋଟେ। ବସିବସି ଭାବେଁ ଗୋଟିଏ କାନ୍ଦୁରା ମଣିଷର କଥା, ଯିଏ ନିଜେ ବି ନିଜର ପଚାଶ ପୁରୁପୁରୁ ଦିନେ ସାରା ଓଡ଼ିଆ ଜାତିକୁ କନ୍ଦାଇ କନ୍ଦାଇ ଚାଲିଗଲା ଚୁପ୍‌ଚାପ୍। କୌଣସି ବ୍ୟକ୍ତିଗତ ମାଲିକାନାର ମୋହ ନଥିଲା ତାର। ମଣିଷଗଡ଼ା କାରଖାନା ଗଢ଼ିଥିଲା ସତ୍ୟବାଦୀରେ, ନଥିଲା କିନ୍ତୁ ଶିଳ୍ପପତି। ସ୍ୱାଧୀନତାର ସତ୍ୟବନ୍ଧସ୍ୱର ଶୁଣାଇବାକୁ ନିଅଁ ପକାଇଥିଲା ନିଆରା ସାମ୍ବାଦିକତାର, ହେବାକୁ ଚାହିନଥିଲା କିନ୍ତୁ କସ୍ମିନ୍‌କାଳେ ମାଲିକ। ଗଲା ଆଗରୁ ଗୋଟାଏ ଟ୍ରଷ୍ଟ ହାତରେ ଟେକିଦେଇଗଲା ଖବରକାଗଜ। ସର୍ବସ୍ୱାନ୍ତ ମଣିଷର ସାଥୀ ସେ, ଦୀନଦୁର୍ଗତର ବନ୍ଧୁ। କାରାରେ ଥାଇ ଲେଖିଥିଲା କବିତା, ବନ୍ୟାଧାରାରେ ନାଆ ବାହି ବାଂଟିଥିଲା ସାହାଭରସାହୀନ ସର୍ବସ୍ୱାନ୍ତମାନଙ୍କୁ ଚୁଡ଼ାଚାଉଳ, ସାରା ଓଡ଼ିଆଜାତିର ଆତ୍ମା, ହୃଦୟ, ବିବେକକୁ ମଣିଷହେବାର ମନ୍ତ୍ରପାଠରେ କରାଇଥିଲା ଆନ୍ଦୋଳିତ। 'ଲେଖାଲେଖି କାହାପାଇଁ' ପ୍ରଶ୍ନ ଯଦି ଉତ୍କଳମଣି ଗୋପବଂଧୁଙ୍କୁ ପଚରାଯାଇଥାନ୍ତା, ଉତ୍ତରଟା ତାଙ୍କୁ ଦେବାକୁ ପଡ଼ିନଥାନ୍ତା କଦାପି। ତାଙ୍କ ତରଫରୁ ଉତ୍ତର ଦେଇଥାନ୍ତେ ଓଡ଼ିଶାର ବନ୍ୟା, ବାତ୍ୟା, ବିପତି ଏବଂ ଚିଲିକାଚଢ଼େଇଠୁ ଆରମ୍ଭକରି ମୂଳ ଲାଗୁଥିବା ମାଟିର ମଣିଷ, ଚିଟାକାଦୁଅମାଟିର ଚାଷୀ, ଜେନାପୁରବାସୀ ପର୍ଯ୍ୟନ୍ତ କେତେ କିଏ। ଯାହା ଯାହା ପାଇଁ ସେ କାନ୍ଦୁଥିଲା, ସ୍ୱପ୍ନର ଖସଡ଼ା ତିଆରି କରୁଥିଲା, ଓଡ଼ିଶା ଓ ଓଡ଼ିଆକୁ ଗୋଟିଏ ନାବରେ ବସାଇବାକୁ ଅନୁରୋଧ କରିଚାଲୁଥିଲା, ସେଇମାନେ ହିଁ ତା' ଲେଖାଲେଖି କାହାପାଇଁ ପ୍ରଶ୍ନର ଉତ୍ତରଦାୟୀ। ଲେଖାଲେଖି କାହାପାଇଁ? ସମକାଳର ଓଡ଼ିଆ ଲେଖକଲେଖିକାମାନଙ୍କ କଣ୍ଠସ୍ୱରରେ କେତେକଣ ଉତ୍ତର ଶୁଣାଯାଇପାରେ ମଂଚରେ, ମିଳନୀରେ, ନାନା ଶେଷରବିବାସରୀୟ ସାକ୍ଷାତକାରରେ। ମାତ୍ର ସେସବୁ ଉତ୍ତର କେତେ ଅଂଶରେ ଅସଲ ସ୍ୱର?

ସାହିତ୍ୟ ଏବେ ଯେଉଁଠି ମନର କଥା ଆଉ ମୁହଁର କଥା ମଧ୍ୟରେ ତାଳମେଳ ନରଖି କେବଳ ମାଳମାଳ ମଖମଲୀ ମୁଖାର କଥା ପାଳଟିଯାଇଛି, ସେଠି ପ୍ରଶ୍ନର ଓକାଲତ୍‌ନାମା ରଦ୍ଦ ଏବଂ ଉତ୍ତରଗୁଡ଼ାକ କାଠଗଡ଼ା ଡେଇଁ ଫେରାର୍ ଆସାମୀ! ଛାତିରେ ହାତ ଦେଇ ଆଜି କେତେଜଣ କହିବେ - ଆମେ ଲେଖୁଛୁ ଟୁକୁରାଟୁକୁରା ଭଙ୍ଗାସ୍ୱପ୍ନର ମାଆମାନଙ୍କ ପାଇଁ? ବାପମାଆଙ୍କ ରାଣ ପକାଇ କେତେଜଣ ଲେଖିକା ବି କହିବେ - ଆମେ ଲେଖୁଛୁ ଅମର୍ଯ୍ୟାଦାରେ ଭୂଲୁଣ୍ଠିତା ସେଇ ଭାଷାହୀନା ନ୍ୟାୟପ୍ରତୀକ୍ଷିତା ମହିଳାମାନଙ୍କ ପାଇଁ? ଦେଶର ନାରୀ ପାଇଁ ସାହିତ୍ୟରେ ଯଦି ସମ୍ମାନଜନକ ନାରା ନ ଶୁଭେ, ସେସବୁ ସାହିତ୍ୟନାଆଁରେ ଲେଖାଲେଖିଟା ତେବେ କାହାପାଇଁ ଆଉ କେତେଦିନ? ଆମର ସାହିତ୍ୟ ଏବେ ନୂଆନିଆରା ତରିକାର ପରିଭାଷାରେ ନାମିତ। ଆମେ ଆଉ ସାହିତ୍ୟ ନ କହି ସବୁଠି କହିଲୁଣି - ଲେଖାଲେଖି। ଦୁଇଟାଯାକ ଏକା କଥା ନୁହେଁ ବୋଲି ମୋର ବିନମ୍ର ମତ।

ମୋ ଦୃଷ୍ଟିରେ ସାହିତ୍ୟ କହିଲେ ଗୋଟିଏ ଜୀବନଯୋଗ, ଗୋଟିଏ ମନନମାର୍ଗ, ଗୋଟିଏ ଏକାନ୍ନଭୋଜୀ ଅଭିବାଞ୍ଛନାଶ୍ରିତ ଅଭିବ୍ୟକ୍ତି - ଯାହା ବ୍ୟକ୍ତିକୁ ଲେଖକରେ ପରିଚିତ କରାଉକରାଉ ପରିଶେଷରେ ପରିଣତ କରାଇଦେଇପାରେ ସମୂହର ସଂବେଦନଶୀଳ ଅଂଶ - ବିଚ୍ଛିନ୍ନ ଏକକ ନୁହେଁ ମୋଟେ। ଯିଏ ଅସଲ ଲେଖକ, ସେ କେଭେ ଲେଖେନାହିଁ କାହାପାଇଁ - କାରଣ ସେ ଯାହା ଲେଖେ ସେଥିରେ ସ୍ୱୟଂ ସମୟ ହିଁ ଲେଖିଚାଲୁଥାଏ ନିଜସ୍ୱକଥନ, ଅସମାପ୍ତ ଆତ୍ମଚରିତର ସୂକ୍ଷ୍ମ ଶ୍ରୁତଲିଖନ। ଲେଖାଲେଖି କଥାଟା ସାହିତ୍ୟର ସଜ୍ଞା ନାମାନ୍ତର ନୁହେଁ। ଏଥିରେ ସାହିତ୍ୟଗତ ଦାୟିତ୍ୱ ଯେତେ ନାହିଁ, ସେତେ ଅଛି ଏକ ବ୍ୟକ୍ତିଗତ ସ୍ପୃହାର ଶାବ୍ଦିକ ସମରାଭ୍ୟାସ ମାତ୍ର। ଯୁଦ୍ଧ ନାହିଁ, ଶିବିର ନାହିଁ, ସାମ୍ମୁଖ୍ୟ ନାହିଁ, ଆହ୍ୱାନ ନାହିଁ - ଅଥଚ ଅଂଗୀକାରହୀନ ଏକ ଅଭ୍ୟାସର ଅଂଗଚାଳନା - ଆକାଶକୁ ଯାହା ଅସ୍ତ୍ରଉତୋଳନ ଅଥବା ଶୂନ୍ୟତାକୁ ବନ୍ଧମୁଷ୍ଟିପ୍ରଦର୍ଶନ ମାତ୍ର। ସାହିତ୍ୟବୋଧ ଅପେକ୍ଷା ଏ ଧାରାରେ ଏବେ ଅନୁପ୍ରବେଶ କରିଛି ଅରୁଚିକର ଅନେକପ୍ରକାର ଆଭିମୁଖ୍ୟ - ଆଜିକାଲି ଯେମିତି ଅତି ନିର୍ଲଜ୍ଜ ଓ ନିନ୍ଦନୀୟ ଭାବରେ ଚାଲିଛି ମଂଚଦଖଲ, ପୁରସ୍କାରହାସଲ, ପ୍ରଶଂସାପତ୍ର/ମାନପତ୍ର ଆଦାୟର ନୟାନ୍ତ ନକଲ। ଏଇଭଳି ସ୍ଥୂଳ, ନ୍ୟସ୍ତସ୍ୱାର୍ଥ, ଇତର ପର୍ଯ୍ୟାୟକୁ ଆସି ସାହିତ୍ୟ ଯଦି ନିଜପାଇଁ ଏ ନୂତନ ନାମକରଣ ଏହି 'ଲେଖାଲେଖି' ରୂପକ ବଜାରବୁଲା ବେଶପଟା ମଡ଼ାଇ କ୍ରମେ ଦେଖାଦେଖି, ଟେକାଟେକି ଆଦତ୍ ଆଦରିବସେ ଏବଂ ଭିତର ଫମ୍ପା ଥାଇ କେବଳ ବାହାରଟା ଚମ୍ପାରଙ୍ଗ ବୋଲି ବିକୃତିପୂର୍ଣ୍ଣ କୃତିପ୍ରକାଶର ପ୍ରକ୍ରିୟା ବଜାୟ ରଖେ, ତା'ହେଲେ ସେଠି ମୁଁ ବିଦାୟନେବାପୂର୍ବରୁ କେବଳ ଏତିକି ନମ୍ର ମତ ରଖିଯିବି ଯେ - ଏ ଲେଖାଲେଖି ଯେପରି କେବେ ବି ନହେଉ କାହାପାଇଁ! ଏପରି ଲେଖକଲେଖିକା ଆମ ସାହିତ୍ୟରୁଚିର ପରିପନ୍ଥୀ - ତେଣୁ ଯଥାଶୀଘ୍ର ପରିତ୍ୟଜ୍ୟ - ଅନ୍ତତଃ ଆମ ସାଂସ୍କୃତିକ ମୂଲ୍ୟବୋଧର ସର୍ବନିମ୍ନ ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟିକୋଣରୁ।

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

# ଶେଷପ୍ରଣାମ ବଡ଼ଭାଇ

ସୁଷମା ପରିଜା

୧୯୪୦ ମସିହା ଫଗୁଣ ମାସ ପୂର୍ଣ୍ଣିମା ତିଥିରେ ଉଦୟ ହୋଇ ୨୦୨୬ ମସିହା ଫଗୁଣ ମାସ ଅଷ୍ଟମୀ ତିଥିରେ ଅସ୍ତ ହୋଇଗଲେ ପୋତାପୋଖରୀ ଦାସ ପରିବାରର ଉଜ୍ଜ୍ୱଳତମ ନକ୍ଷତ୍ର ଅନିଲ କୁମାର ଦାସ। ଆମ ସମସ୍ତଙ୍କର ପ୍ରିୟ ବଡ଼ଭାଇ, ପୋତାପୋଖରୀ ଗାଆଁର ମୁରବୀ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କଟକ ପୂର୍ବାଞ୍ଚଳର ଜଣେ ଶୀର୍ଷ ନେତୃତ୍ୱ, ବିଜେପି କାର୍ଯ୍ୟକାରିଣୀର ଜଣେ ଦକ୍ଷ ସେନାପତି । ସେ ଥିଲେ ତେର ଖଣ୍ଡ ମୌଜାର ପ୍ରଥମ ଗ୍ରାଜୁଏଟ୍, ପ୍ରଥମ ଓକିଲାତିପଢୁଆ ପୁଅ।

ବଡ଼ ଭାଇ ପାଠପଢ଼ା ନସରୁଣୁ ଉତ୍କଳ ବିଶ୍ୱବିଦ୍ୟାଳୟରେ କନିଷ୍ଠ ସହାୟକ ଭାବରେ ଯୋଗ ଦେଇଥିଲେ ବାଣୀବିହାରରେ। ଏ ଅଞ୍ଚଳରେ ହାଇସ୍କୁଲ୍ ଟିଏ ନଥିବାରୁ ନିଜେ ଯେଉଁ କଷ୍ଟ ରେ ଟାଉନ ବସ୍‌ରେ ଯିବା ଆସିବା କରି କଟକ ପ୍ୟାରିମୋହନ ଏକାଡେମୀରେ ପାଠ ପଢ଼ିଥିଲେ, ଅନ୍ୟ ପିଲାମାନେ ସେଇ କଷ୍ଟ ନ' ପାଆନ୍ତୁ ବୋଲି ସାଙ୍ଗସାଥିଙ୍କୁ ଧରି ବହୁତ ଚେଷ୍ଟା କରି ଏଠାରେ ଖୋଲିଥିଲେ ନୂଆବଜାର ହାଇସ୍କୁଲ୍। ସେ ଥିଲେ ସେହି ସ୍କୁଲ୍ ର ପ୍ରତିଷ୍ଠାତା ସମ୍ପାଦକ। ଅନେକ ବର୍ଷ ଧରି ସ୍କୁଲ୍ ର ଉନ୍ନତି ପାଇଁ ଅନେକ କାର୍ଯ୍ୟ କରିଛନ୍ତି,ଆଜି ସେ ସ୍କୁଲ୍ କଟକର ଏକ ସ୍ୱନାମଧନ୍ୟ ହାଇସ୍କୁଲ। ତାଙ୍କରି ପ୍ରଚେଷ୍ଟାରେ ନୂଆ ବଜାରରେ ସହରର ପୂର୍ବାଞ୍ଚଳ ରେ ପ୍ରଥମ କରି ତିଆରି ହୋଇଥିଲା କଟକ କଲେଜ୍। ସେ ଥିଲେ ତା' ର ପ୍ରଥମ ସଭାପତି। ଏତଦବ୍ୟତୀତ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଦ୍ୱାରା କଲେଜ୍ ଛକରେ ପ୍ରତିଷ୍ଠିତ ଅନାଥାଳୟ "ଯଶୋଦା ସଦନ"ର ସେ ଥିଲେ ପ୍ରମୁଖ କାର୍ଯ୍ୟକର୍ତ୍ତା। ଗାଆଁଗଣ୍ଡା ସାଇ ଭାଇରେ ସେ ଥିଲେ ସର୍ବମାନ୍ୟ ମୁରବୀ। ଗାଆଁ ରେ ଭାଗବତ ଟୁଙ୍ଗୀ ପ୍ରତିଷ୍ଠା ହେଉ ବା ଦୁର୍ଗାପୂଜା ମଣ୍ଡପ ଗଢ଼ିବା ହେଉ, ସବୁଥିରେ ଥିଲା ତାଙ୍କର ସକ୍ରିୟ ସହଯୋଗ। ତାଙ୍କର ଶାରୀରିକ ଅକ୍ଷମତା କେବେ ହେଲେ ତାଙ୍କ କାର୍ଯ୍ୟଦକ୍ଷତା କୁ ପ୍ରଭାବିତ କରି ପାରିନଥିଲା।

ଆଜିକୁ ସତଚାଳିଶ ବର୍ଷ ତଳେ ଏ ଘରର ମୁରବି ଭାବରେ ବଡ଼ଭାଇ ମୋତେ ତାଙ୍କ ତୃତୀୟ ଭାଇଙ୍କ ପାଇଁ ବୋହୂ କରି ଆଣିଥିଲେ। ଶ୍ୱଶୁର ନଥିବା ତିରିଶି ଜଣିଆ ପରିବାରରେ ସେ ଥିଲେ ମୁଖ୍ୟ। ତାଙ୍କର ପଦେ କଥା ସେ ଘର ପାଇଁ ଥିଲା ବେଦବାକ୍ୟ। ସେଥିପାଇଁ ତ' ତାଙ୍କର ବଡ଼ବାପା ଝିଅ ଭଉଣୀଙ୍କ ଦେଇଥିବା ପ୍ରସ୍ତାବ ଦେଖିବା ପାଇଁ ମାଆ ଭଉଣୀଙ୍କୁ ସାଥିରେ ନେଇ ଆମ ବସାଘରେ ପହଞ୍ଚିଥିଲେ। ସେଇ କେତୋଟି ମୁହୂର୍ତ୍ତ ର ଦେଖାରେ ସେ ତାଙ୍କର ଅନୁଭବୀ ଆଖିରେ କଳି ନେଇଥିଲେ ଆମ ପରିବାରର ଆର୍ଥିକ ଅବସ୍ଥା। ତାଙ୍କର ପରିବାର ଏବଂ ଆମ ପରିବାରର ଆର୍ଥିକ ସ୍ଥିତିରେ ଥିବା ଆକାଶ ପାତାଳର ପ୍ରଭେଦକୁ ଅଣଦେଖା କରି ମୋତେ ବିନା ଯୌତୁକରେ ବୋହୂ କରି ଆଣିଥିଲେ। ୧୯୭୯ ମସିହା ଜୁଲାଇ ମାସ ଚାରି ତାରିଖ ରେ ମୁଁ ପୋତା ପୋଖରୀ ଦାସ ପରିବାରର ବୋହୂ ହୋଇ ଆସିଲି। ସେ ସମୟରେ ତାଙ୍କ



ଦ୍ୱାଦଶାହ ଉପଲକ୍ଷେ

ପରିବାର ତରଫରୁ ଅନେକ ବାଦ ପ୍ରତିବାଦ ଆସିଥିଲେ ମଧ୍ୟ ମୋ' ପାଇଁ ତାଙ୍କ ନିର୍ଣ୍ଣୟରେ ସେ ଅଟଳ ରହିଥିଲେ।

ପରିସ୍ଥିତି ଚାପରେ ବାହାଘରର ତିନି ବର୍ଷ ପରେ ମୁଁ ଚାକିରି କରିବା ପାଇଁ ଘରୁ ବାହାରକୁ ବାହାରିଲା ବେଳକୁ ଶାଶୂ ନଣନ୍ଦଙ୍କ ପ୍ରତ୍ୟକ୍ଷ ସମର୍ଥନ ପଛରେ ତାଙ୍କର ପ୍ରଚ୍ଛନ୍ନ ହାତ ରହିଥିଲା। ତାଙ୍କରି ପରୋକ୍ଷ ଆଶୀର୍ବାଦ ନେଇ ମୁଁ ଜୀବନରେ ଆଗକୁ ଆଗକୁ ବଢ଼ିବାକୁ ସାହସ କରିଥିଲି। ଯେ କୌଣସି କାମ ପାଇଁ ବଡ଼ ଭାଇ ତାଙ୍କ ଭାଇଙ୍କ ଅପେକ୍ଷା ମୋତେ ଅଧିକ ଭରସାଯୋଗ୍ୟ ମନେ କରୁଥିଲେ।ତାଙ୍କର ଛଅ ଭାଇଙ୍କ ମଧ୍ୟରେ ମୋ' ସ୍ୱାମୀ ଥିଲେ ତାଙ୍କର ଅଧିକ ଅନୁଗତ। ତାଙ୍କର ମୃତ୍ୟୁ ସବୁବେଳେ ତାଙ୍କ ପାଖେ ପାଖେ ରହୁଥିଲେ।

ମୋ'ର ସାହିତ୍ୟ ପ୍ରତି ଥିବା ଅନୁରାଗକୁ ଖୁବ୍ ପ୍ରଶଂସା କରୁଥିଲେ। ମୋ'ର ପ୍ରତ୍ୟେକ ବହିର ପ୍ରଥମ କପି ପ୍ରଥମେ ତାଙ୍କ ହାତରେ ନେଇ ଦେଉଥିଲି ମୁଁ। ଖୁବ୍ ଖୁସି ହୋଇ ଆହୁରିଆଗକୁ ବଢ଼ିବାକୁ ପ୍ରେରଣା ଦେଉଥିଲେ। ପାଠକ ଭାବରେ ଭଲ ମନ୍ଦ ଉଭୟ ପକ୍ଷରୁ ସମାଲୋଚନା ମଧ୍ୟ କରୁଥିଲେ। ଆଜି ତାଙ୍କର ଅବର୍ତ୍ତମାନରେ ସେଇ ସବୁକଥା ବହୁତ ମନେ ପଡୁଛି, ଆଖି ଲୁହରେ ଭରି ଯାଉଛି ।

ବାର୍ଦ୍ଧକ୍ୟ ଜନିତ ବ୍ୟାଧିଗ୍ରସ୍ତ ହୋଇ ଏଇ କିଛି ଦିନ ତଳେ ଶଯ୍ୟାଶାୟୀ ହୋଇପଡ଼ିଥିଲେ ସେ। ଫେବୃଆରୀ ୨୪ ତାରିଖରେ ଏ ମର୍ତ୍ତ୍ୟପୁରର ମାୟା ତ୍ୟାଗ କରି ସ୍ୱର୍ଗାରୋହଣ କଲେ। ଆମ ମୁଣ୍ଡ ଉପରୁ ଛାତ ଖସିଗଲା। ବଡ଼ ଭାଇଙ୍କ ମରଶରୀର ସିନା ପଞ୍ଚଭୂତରେ ବିଲୀନ ହୋଇଛି, ହେଲେ ତାଙ୍କ ଅବିନାଶୀ ଆତ୍ମା ଆଉ ଗୋଟିଏ ନୂତନ ଶରୀର ନିଶ୍ଚୟ ଖୋଜି ନେଇଥିବ । ଯେଉଁଠି ବି' ଥାଆନ୍ତୁ ସେ ଭଲରେ ଥାଆନ୍ତୁ। ଆମ ସମସ୍ତଙ୍କୁ ଆଶୀର୍ବାଦ କରୁଥାନ୍ତୁ। ଆଜି ତାଙ୍କର ଦ୍ୱାଦଶାହ ରେ ଆମ ସମସ୍ତଙ୍କର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ !

ଶାରଳା ଭବନ, ପୋତାପୋଖରୀ
କଟକ-୪
ମୋ: ୯୩୩୭୨୭୨୬୪୭

# ପଣ୍ଡିତେ ଭୁଲ୍ କରନ୍ତି ନାହିଁ

ଧ୍ରୁବ ଚରଣ ଘିବେଲା

କେଉଁ କାଳରୁ କଥା ରହିଛି- 'ପଣ୍ଡିତ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ' । ଏ ଉକ୍ତିରୁ ଜଣାପଏ ପଣ୍ଡିତ ପୁଅ ଭୁଲ କଲେ ସେଇ ଭୁଲ ଭୁଲ ନୁହେଁ । ପଣ୍ଡିତ ପୁଅର ଭୁଲ କାମରେ ଦୋଷ ନ ଥାଏ । ଏଇଥିରୁ ସ୍ପଷ୍ଟ ଜଣାପଡ଼େ ପଣ୍ଡିତ ପୁଅ ପାଇଁ ଯଦି ଏତେ କୋହଳ ବ୍ୟବସ୍ଥା ରହିବ, ତେବେ ଖୋଦ ପଣ୍ଡିତ ମଣିଷ ମାରିଲେ ବି ସେ ଦୋଷୀ ହୋଇନପାରନ୍ତି । ଏହା କେବଳ ଏକ ଆଖ୍ୟାନ ନୁହେଁ, ଏଥିରେ ବି ସତ୍ୟତା ଲୁଚିକି ରହିଥାଏ ବୋଲି ଏହା କୁହାଯାଇଛି ନା ! ଆଉ ଟିକେ ଖୋଲିକି କୁହାଯାଇପାରେ 'ପଣ୍ଡିତେ ଭୁଲ କରନ୍ତି ନାହିଁ' । ଖୋଦ ପଣ୍ଡିତେ ଭୁଲ କଲେ ତାହା ବି ଭୁଲ ହୋଇନପାରେ । ସତରେ ପଣ୍ଡିତଙ୍କ ଭୁଲ ଦେଖାଇବା ମାନେ ହାଣମୁହଁକୁ ଯିବା । ଆଉ ହାଣ ଖାଇବା ଓ ରାଜା ଗୋଜା ଭଳି ଆଜିକାର ପଣ୍ଡିତଙ୍କ ନୀତି ଥାଏ । କେଉଁ ପଣ୍ଡିତଙ୍କ ଭୁଲ ଦେଖାଯାଇ ପାରିବ ନାହିଁ ? ଏମାନେ ସାଧାରଣ ପଣ୍ଡିତ ହୋଇନପାରନ୍ତି । ଆଜି ଏ ପଣ୍ଡିତ ହୋଇପାରନ୍ତି ବଡ଼ ବଡ଼ିଆ ଅଫିସର । ଆଜି ରାଜା ନାହାନ୍ତି ଓ ଏବେ ମନ୍ତ୍ରୀ ତନ୍ତ୍ରୀ ଯନ୍ତ୍ରୀ ଯୁଗ ଚାଲିଛି ଓ ମନ୍ତ୍ରୀ ତ ପାଞ୍ଚ ବର୍ଷ ପାଇଁ ରହନ୍ତି । ଅଧିକାରୀ ତିରିଶ ପଇଁତ୍ରିଶ ବର୍ଷ । ତେଣୁ ମନ୍ତ୍ରୀ ଉପରେ କେବେ କେବେ ଅଧିକାରୀ ଭାରୀ ରହୁଥିବାର ଧାରଣା ବି ଜନ୍ମେ । ଏ ଲେଖକର ଜଣେ ବନ୍ଧୁଙ୍କ ସେ ପ୍ରକାର ଅନୁଭବ ହୋଇଛି ବୋଲି ଅନେକ ଥର ସେଇ ବନ୍ଧୁ ଏ ଲେଖକ ଆଗେ କହିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏ ଲେଖକର ବନ୍ଧୁ ଥିଲେ ଜଣେ ତଳିଆ ଅଧିକାରୀ । ତାଙ୍କ ବିଭାଗର ସବୁଠୁ ତଳିଆ ଅଫିସର ସେ ଥିଲେ । ତାଙ୍କ ଉପର ଅଫିସର ଥାନ୍ତି ଏ ଲେଖା ଆରମ୍ଭରେ ବର୍ଣ୍ଣିତ ପଣ୍ଡିତ ସଦୃଶ । ସେଇ ପଣ୍ଡିତ ଅଫିସରଙ୍କ ଭୁଲକୁ ଏ ଲେଖକର ବନ୍ଧୁ ତଳିଆ ଅଫିସର ଧରିବାର ବଡ଼ସାହସ ଥରେ କଲେ । ପଣ୍ଡିତ ଅଫିସରଙ୍କ ଭୁଲ ଧରିବା ହୋଇଯାଇଥିଲା ତଳିଆ ଅଫିସରଙ୍କ ପାଇଁ ବିରାଟ ମସ୍ତବଡ଼ ଭୁଲ । ଏଠି ଏ ଲେଖକର ବନ୍ଧୁ ସେଇ ତଳିଆ ଅଫିସରଙ୍କ ଭୁଲକୁ ଦେଖିବା । ଉପର ପଣ୍ଡିତ ଅଫିସରଙ୍କ ତ୍ରୁଟିପୂର୍ଣ୍ଣ ପଦୋନ୍ନତି ତାଲିକାକୁ ସେଇ ତଳିଆ ଅଫିସର ଥରେ ଭୁଲ ଦର୍ଶାଇଲେ । କାହିଁକି ନା ଆଉରି ଯୋଗ୍ୟ ପଚାଶ ଜଣ ପଦୋନ୍ନତିରୁ ବଞ୍ଚିତ ହେଉଥିଲେ । ଫଳସ୍ୱରୂପ ହେଲା କଣ ନା ଭୁବନେଶ୍ୱରରୁ ବିଭାଗୀୟ ମଞ୍ଜୁରୀ ନ ପାଇ ପଠାଯାଇଥିବା ପଦୋନ୍ନତି ତାଲିକା ଫେରିଆସିଲା । ପୁଣି ସବୁ ଏକାଅଶୀ ଯୋଗ୍ୟ ପ୍ରାର୍ଥୀଙ୍କ ତାଲିକା ଗଲା ।ପ୍ରଥମ ତାଲିକା ଫେରିଆସିବାରୁ ସେଇ ପଣ୍ଡିତ ଉପର ଅଫିସର ତଳିଆ ଅଫିସର ନାଁରେ ପ୍ରୋସିଡିଙ୍ଗସ କଲେ ଅନ୍ୟର ପ୍ରରୋଚନାରେ । ତଳିଆ ଅଫିସରଙ୍କ ବାକି ଚାକିରୀ କାଳ ଭିତରେ ସେଇ ପ୍ରୋସିଡିଙ୍ଗସର ଅନୁସନ୍ଧାନ କରାଗଲା ନାହିଁ । ତଳିଆ ଅଫିସରଙ୍କ ଅବସର ମାସରେ ଇନକ୍ୱେରୀ ପାଇଁ ଭୁବନେଶ୍ୱର ଡକାଗଲା । ଇନକ୍ୱେରୀ ଅଫିସର ସେଇ ତଳିଆ ଅଫିସରଙ୍କୁ ନିଜ ପକ୍ଷ ରଖିବା ପାଇଁ ଆଦୌ ସୁଯୋଗ ଦେଇନଥିଲେ । ତାର ଛଅ ମାସ ପରେ ଇନକ୍ୱେରୀ ଅଫିସର ତଳିଆ ଅଫିସରଙ୍କୁ ଦୋଷୀ ସାବ୍ୟସ୍ତ କରି ରିପୋର୍ଟ ଦେଲେ । ତଳିଆ ଅଫିସର ଇନକ୍ୱେରୀ ଅଫିସରଙ୍କ ସେଇ ପକ୍ଷପଓଡିତଓପୂର୍ଣ୍ଣ ରିପୋର୍ଟ ଉପରେ ଉପରକୁ ଯେତେ ଲେଖିକି ଦେଲେ ବି କେହି କିଛି ଶୁଣି ନ ଥିଲେ ।

ଦୁର୍ଭାଗ୍ୟର କଥା, ଅବସର ନେବାର ତିନି ବର୍ଷ ପରେ ବି ସେଇ ତଳିଆ ଅଫିସରଙ୍କ ଫାଇନାଲ ପେନସନ ଏଯାଏ ହୋଇପାରୁନାହିଁ । କଥା ହେଉଛି,ଉପର ଅଫିସରଙ୍କ ଦୋଷ ଦେଖାଇବା ତଳିଆ ଅଫିସରଙ୍କ ସାଙ୍ଘାତିକ ଭୁଲ ଥିଲା । ଖାଲି ଫାଇନାଲ ପେନସନ ନୁହେଁ, ଅବସରକାଳୀନ ଯାହା ଯାହା ପ୍ରାପ୍ୟ ଗ୍ରାଚୁଇଟି, କମ୍ୟୁଟେଡ଼ ପେନସନ ଆଦି କିଛି ଏପର୍ଯ୍ୟନ୍ତ ଫାଇନାଲ କରାଯାଉନାହିଁ । ଏଠାରେ ଏ ଲେଖକର କହିବା କଥା ଉପର ଅଫିସର ସମସ୍ତ ଏକଓଅଶୀ ଜଣ ଯୋଗ୍ୟ ପ୍ରାର୍ଥୀଙ୍କ ପଦୋନ୍ନତି ତାଲିକା ପ୍ରଥମରୁ ତିଆରି କରିଥିଲେ, ତଳିଆ ଅଫିସର ନିଜ ଅସମ୍ମତି ଜଣାଇ ନଥାନ୍ତେ । କିଛି ଲୋକଙ୍କୁ ପଦୋନ୍ନତି ଦେବା ପାଇଁ ଚାହିଁବାରୁ,ତଳିଆ ଅଫିସର ନିଜ ଅସମ୍ମତି ଲେଖିଥିଲେ ଓ ଉପର ଅଫିସରଙ୍କ ସେଇ ଭୁଲକୁ ତ ତାଙ୍କ ଉପର ଅଫିସର ଧରିନଥିଲେ ଓ ଉପର ଅଫିସରଙ୍କ ଭୁଲ ଧରିବାରୁ ତଳିଆ ଅଫିସରଙ୍କ ଭୁଲ ଧରାଗଲା ଓ ଏବଂ ତଓପରେ ତାଙ୍କ ଲିଖିତ କୌଣସି କଥାକୁ ଆଉ କେହି ଶୁଣିନଥିଲେ ।

ବଉଦରାଜ, ଜି. ବୌଦ୍ଧ
ମୋ. ୯୪୩୭୪୭୮୪୬୬





# ଏ ଦେଶ ଆମରି ପାଇଁ

**ପ୍ରଶାନ୍ତ କୁମାର ଦାଶ**



କୁନି କୁନି ଚଢେଇଙ୍କ
ମିଠା ମିଠା ଗୀତରେ
ଅପାର ଆନନ୍ଦ ଭରେ
ଏଇ ଆମ ଚିତ୍ତରେ

ପତରର ଗହଳରେ
ଫୁଲ ଗଲେ ଫୁଟିରେ
ଆମରି କଅଁଳ ଓଠୁ
ହସଯାଏ ଛୁଟିରେ ।।

ଆମପାଇଁ ତାରାଫୁଲ
ଆକାଶରେ ଫୁଟନ୍ତି
ରାତିହେଲେ ଜହ୍ନମାମୁ
ହସି ହସି ଉଠନ୍ତି ।।

ସକାଳର କଅଁଳିଆ
ସୂରୁଯର ଖରାରେ
ଆମେ ନାଚି ଖେଳୁ ବୁଲୁ
ଏ ସୁନ୍ଦର ଧରାରେ ।।

ଶିରି ଶିରି୍ବା ଆ ଦିଏ
ଶୀତଳତା ପରଶ
ଦେଖି ଗଛ ନଈ ଝର
ଲାଗେ ଖୁସୀ ହରଷ ।।

ଏଦେଶ ଆମରିପାଇଁ
ସରଗର ଧାମ
ତା ସେବା ସୁରକ୍ଷା ପୂଜା
ସଭିଙ୍କର କାମ ।।

ତାହାରି ଚରଣ ଛୁଇଁ
ଘେନିବାରେ ଶପଥ
ହୋଇ ଶାନ୍ତିର ନଈ
ଯିବାନାହିଁ ଅପଥ ।।

କୁଞ୍ଜର –ସଙ୍ଗଳାଇ, ପିପିଲି –ପୁରୀ
ମୋବାଇଲ –୯୬୬୮୮୨୨୧୯୦

# ବାଡ଼ିଟିଏ ଲୋଡ଼ା

**କୀର୍ତ୍ତନ ସାହୁ**



ବାପା ବାହାରିଲେ ସକାଳ
ଚାଲିରେ
ହାତେ ନେଲେ ଖଣ୍ଡେ ବାଡ଼ି
କୁକୁର ମାଙ୍କଡ ପାଇଁ ସେ
ସତର୍କ
ସତର୍କ ବି ରାସ୍ତା ଗାଡ଼ି ।

ଜେଜେ ବାପା ହାତେ ବାଡ଼ି
ଖଣ୍ଡେ ଧରି
ଚାଲିଥାନ୍ତି ଭରା ଦେଇ
ବାଡି ନ ଧରିଲେ କାଳେ ପଡ଼ି
ଯିବେ
ସଚେତନ ସେଥି ନେଇ ।

ବାଡି ଫୋପାଡିକି କୋଳି ଆମ୍ବ ଆମେ
ଖାଇଥାଉ ତୋଟା ଯାଇ
ଗଛର ଛାଇରେ ଥକ୍କା ମାରି ଟିକେ
କେତେ ଖୁସି ପାଉ ଥାଇ ।

ବାଡି ଖେଳ ଅବା ବାଡ଼ି ଧରା ନାଚ
କେତେ ମଜା ସତେ ଲାଗେ
ବାଡି ଖଣ୍ଡେ ଥିଲେ ଡର ଭୟ ନାହିଁ
କାମରେ ପ୍ରେରଣା ଜାଗେ ।

ଗାଈ ଗୋରୁ ଛେଳି ଚରାଇବା ପାଇଁ
ବାଡି ଖଣ୍ଡେ ଥାଏ ହାତେ
ବାଡି ଖଣ୍ଡେ ଯେବେ ଦେଖି ଦିଏ ମୂଷା
ବେଗେ ପଶିଯାଏ ଗାତେ ।

ଆମ ଏ ସମାଜେ କେତେ କାମ ଚାଲେ
ବାଡି ଖଣ୍ଡେ ହେଲେ ସିନା
ଭଲ କାମେ ଆମେ ବାଡ଼ି ଲଗାଇବା
ଶୁଣ କୁନା ମୁନା ମୀନା ।

ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ଦୂର ଭାଷ – ୯୪୩୮୪୧୪୭୦୧

# କୋଇଲି ଗାଉଛି ଗୀତ

**ଧ୍ରୁବଚରଣ ଘିବେଲା**



କୋଇଲି ଗାଉଛି ଗୀତ
ଆସିବା ଦେଖି ବସନ୍ତ
ରହି ରହି କରି କୁହୁ ସୁର ତୋଳି
ଗାଉଛି ହୋଇ ଉଷତ ଓ
ମୃଦୁ ମଳୟର ସାଥେ
ମାଘ ମାସ ଶୀତ ଅନ୍ତେ
ଆସେ ବସନ୍ତ ବଉଳ ବାସରେ
ଆମ୍ବଚଣା ନେଇ କେତେ ଓ
ଦକ୍ଷିଣା ମଳୟ ବାଆ
ବାଆ ଛୁଆଁ ମଜାଳିଆ
ସହକାର ଡାଳେ ପିକ ଆରାମରେ
ସୁର ତୋଳେ ଜମାଣିଆ ଓ
ଆଜି ନାହିଁ ଶୀତ ଭୀତି
କରେ ବସନ୍ତ ରାଜୁତି
ଫୁଲର ଫଗୁଣ ଫୁଲେଇ ହେଉଛି
ଶୁଣି ପିକ କୁହୁ ଗୀତି ଓ
ବସନ୍ତ ଋତୁ ସୁନ୍ଦର
ପିକ କୁହୁ ସୁମଧୁର
କେବେ ବସନ୍ତରେ ଟାଆଣ ଖରାରେ
କମି ଆସେ ପିକ ସୁର ଓ
କୋଇଲି ପାଇଁ ବସନ୍ତ
ବସନ୍ତ ଲାଗେ ସ୍ୱତନ୍ତ୍ର
କୋଇଲି ଗାଉଛି ଆନନ୍ଦ ଲଭିକି
ବସନ୍ତରେ ମିଠା ଗୀତ ଓ

ବଉଦରାଜ–୭୬୨୦୧୪,ଜି. ବୌଦ୍ଧ
ମୋ. ୯୪୩୭୪୭୮୪୬୬

# ମୂଷା ଓ ବଇଁଶୀ ଭୋଳାନାଥ

**ସୁନନ୍ଦା ମହାନ୍ତି**



ପ୍ରଭୁ ଲଡୁ ଗୋପାଳଙ୍କ କଥା ଆମେ ସମସ୍ତେ ପଢି, ଲେଖି ଶିଖି ଜାଣିଛେ ଯେ ଅନେକ ଦିନ ତଳର କଥାଟିଏ ଏହା.ବ୍ରଜଭୂମି ବୃନ୍ଦାବନରେ ଶ୍ରୀକୁମ୍ଭନ ଦାସ ବୋଲି ଜଣେ ଶ୍ରୀକୃଷ୍ଣଙ୍କ ପରମ ଭକ୍ତ ରହୁଥିଲେ l ତାଙ୍କ ପୁତ୍ର ଥିଲେ, ରଘୁନନ୍ଦନ l କୁମ୍ଭନଦାସଙ୍କ ଉପାସ୍ୟ ଥିଲେ ଭଗବାନ୍ ଶ୍ରୀକୃଷ୍ଣ l ସେ ଘରେ ବଂଶୀଧାରୀ ଶ୍ରୀକୃଷ୍ଣଙ୍କର ଏକ ପ୍ରତିମା ରଖି ପୂଜା ଆରାଧନା କରୁ ଥିଲେ ଓ ସର୍ବଦା କୃଷ୍ଣ ଭକ୍ତିରେ ତଲ୍ଲୀନ ରହୁ ଥିଲେ । ପ୍ରଭୁଙ୍କ ସେବାରେ ଯେପରି କୌଣସି ବାଧା ନ ଉପୁଜେ, ସେଥି ପାଇଁ ସେ ଘର ଛାଡ଼ି କୁଆଡ଼େ ଯାଉ ନ ଥିଲେ l ପ୍ରତ୍ୟହ ସେ ପ୍ରଭୁଙ୍କୁ ପ୍ରଭାତରୁ ସ୍ନାନ କରି ଦିଅନ୍ତି । ପୋଛି ପାଛି ସୁନ୍ଦର ଚନ୍ଦନ ବେଶ କରି, ପିତାମ୍ବରୀ ପାଟ ପିନ୍ଧାଇ ଦିଅନ୍ତି ଏବଂ ନାନାଜାତି ପୁଷ୍ପରେ ସଜାଇ ଦେଇ, ଧୂପ, ଦୀପ, ନୈବେଦ୍ୟରେ ପୂଜା କରନ୍ତି l ଏହା ଥିଲା ତାଙ୍କ ନିତ୍ୟ ନୈମିତ୍ତିକ ବିଧି l

ଦିନେ ଭାଗବତପାରାୟଣ ପାଇଁ ଭକ୍ତ କୁମ୍ଭନଙ୍କ ନିକଟକୁ ନିମନ୍ତ୍ରଣ ଆସିଲା । ପ୍ରଭୁଙ୍କ ସେବାରେ ବିଘ୍ନଘଟିବ ବୋଲି ସେ ଯିବାପାଇଁ ପ୍ରଥମେ ମନା କରି ଦେଲେ l କିନ୍ତୁ ଭକ୍ତମାନେ ତାଙ୍କୁ ଅନୁରୋଧ କରିବାରୁ ସେ ଶେଷକୁ ଯିବାକୁ ସମ୍ମତ ହେଲେ । ସେ ଭାବିଲେ, ମୁଁ ସକାଳୁ ସକାଳୁ ପ୍ରଭୁଙ୍କ ସେବା ଶେଷ କରି ସେଠାକୁ ଯିବି ଓ କଥା ସାରି ଫେରି ଆସିବି ଫଳରେ ସେବାରେ ଆଉ କୌଣସି ତ୍ରୁଟି ରହିବ ନାହିଁ lଯିବାଦିନ ସେ ସକାଳୁ ଠାକୁରଙ୍କ ସ୍ନାନାଦି ସେବା ସାରି ପୁଅ ରଘୁନନ୍ଦନକୁ କହିଗଲେ, 'ଠାକୁରଙ୍କ ଭୋଗ ମୁଁ ପ୍ରସ୍ତୁତକରି ରଖି ଦେଇଛି । ଠାକୁରଙ୍କୁ ଠିକ୍ ସମୟରେ ଭୋଗ ଲଗାଇ ଦେବୁ l' ଏପରି କହି ସେ ପାରାୟଣ କରିବାକୁ ଚାଲିଗଲେ lପୁଅ ରଘୁନନ୍ଦନ ଯଥା ସମୟରେ ଭୋଗ ଥାଳିକୁ ଠାକୁରଙ୍କ ଆଗରେ ରଖି କହିଲା,'ହେ ଠାକୁରେ ! ଆସନ୍ତୁ, ଭୋଗ ଖାଆନ୍ତୁ l' ଛୋଟ ପିଲା, ମନରେ ତାର ଧାରଣାଥିଲା ଯେ, ଠାକୁର ନିଶ୍ଚୟ ଆସିବେ ଏବଂ ନିଜ ହାତରେ ଭୋଜନକରିବେ l ବାରମ୍ବାର ସେ ଅନୁରୋଧ କରିଚାଲିଥାଏ କିନ୍ତୁ ଠାକୁର ଆସୁ ନଥାନ୍ତି l ଠାକୁରଙ୍କ ନଆସିବା ଦେଖି ରଘୁ ଉଦାସ ହୋଇ ପଡ଼ିଲା ଏବଂ ଆକୁଳ ସ୍ୱରରେ କାନ୍ଦି କାନ୍ଦି ଡାକିଲା, ଠାକୁରେ ଆପଣ କାହିଁକି ଆସୁ ନାହାଁନ୍ତି lଆସନ୍ତୁ, ଭୋଗ ଖାଆନ୍ତୁ l ରଘୁନନ୍ଦନ ଶିଶୁ ମନର ନିଶ୍ଚଳ ଭାବ ଦେଖି, ଠାକୁର ଆଉ ରହି ପାରିଲେ ନାହିଁ l ସେ ତତକ୍ଷଣାତ ଏକ ବାଳକ ରୂପ ଧାରଣ କରି ଆସି ଭୋଗ ଖାଇବାକୁ ଲାଗିଲେ । ବାଳକ ରଘୁର ଆଉ ଆନନ୍ଦର ସୀମା ରହିଲା ନାହିଁ l

ସନ୍ଧ୍ୟାରେ କୁମ୍ଭନଦାସ ଫେରି ଆସି ପଚାରିଲେ, ଆରେ ଠାକୁରଙ୍କୁ ଭୋଗ ଲଗାଇ ଥିଲୁ ତ ? ରଘୁ କହିଲା, ହଁ ବାପା ମୁଁ ଠାକୁରଙ୍କୁ ଠିକ୍ ସମୟରେ ଭୋଗ ଲଗାଇ ଦେଇଛି । କୁମ୍ଭନ ଦାସ କହିଲେ, ବେଶ ଭଲ କଥା । କାହିଁ ପ୍ରସାଦ ଟିକିଏ ଆଣିଲୁ ମୁଁ ପାଇବି । ପୁଅ କହିଲା, ଆଉ ପ୍ରସାଦ କୁଆଡୁ ଆସିବ, ଠାକୁର ପା ସବୁ ଭୋଗ ଖାଇ ଦେଲେ । କୁମ୍ଭନ ଦାସ ଭାବିଲେ ବୋଧହୁଏ ପୁଅକୁ ଭୋକ ଲାଗିଛି ସେ ସବୁ ଭୋଗ ଖାଇ ଦେଇଛି l

ଏପରି କିଛି ଦିନ ଚାଲିଲା l କଣ ହେଉଛି ବୋଲି କୁମ୍ଭନଦାସ ସନ୍ଦେହ କରନ୍ତି l ଇଆଡ଼େ ଭାଗବତ ସପ୍ତାହ ସରିଗଲା l କୁମ୍ଭନ ଦାସ ପରୀକ୍ଷା କରିବା ପାଇଁ ସେଦିନ ଲଡୁ ପ୍ରସ୍ତୁତ କରି, ଭୋଗ ଲଗାଇ ଦେବାକୁ ପୁଅ ରଘୁକୁ କହିଲେ ଏବଂ ନିଜେ ଲୁଚି ବସିଲେ । ରଘୁ ଯଥା ସମୟରେ ଭୋଗ ଲଗାଇ ଠାକୁରଙ୍କୁ ଡାକିଲା, ଠାକୁରେ ! ଆସ ଖାଇବ । ତା' ଡାକରେ ସଙ୍ଗେସଙ୍ଗେ ଠାକୁର ବାଳକରୂପ ଧରି ଆସି ଲଡୁ ଖାଇବାକୁ ଲାଗିଲେ l

ଏହା ଦେଖି କୁମ୍ଭନ ଦାସଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ l ସେ ଦୌଡ଼ି ଆସି ଠାକୁରଙ୍କ ପାଦ ତଳେ ପଡ଼ି ପ୍ରାର୍ଥନା କରିବାକୁ ଲାଗିଲେ l ଚକ୍ଷୁରୁ ତାଙ୍କର ବୋହି ପଡୁଥାଏ ଭକ୍ତି ଏବଂ କୋହ ଭରା ଆନନ୍ଦାଶ୍ରୁ l ପୁଅକୁ କୁମ୍ଭନ କୁଣ୍ଢାଇ ଧରି କହିଲେ, ତୁ ଧନ୍ୟରେ l ଯାହାଙ୍କୁ ମୁଁ ଏତେ ଦିନ ପୂଜା କରି ପାଇ ନଥିଲି ତୁ ସ୍ୱ ହସ୍ତରେ ତାଙ୍କୁ ଭୋଗ ଖୁଆଇ ଦେଲୁ ! ତୋ ଜୀବନ ଧନ୍ୟ !

କୁମ୍ଭନଦାସ ଠାକୁରଙ୍କୁ ପ୍ରାର୍ଥନା କଲା ସମୟରେ ଠାକୁର ଗୋଟିଏ ହାତରେ ଏକ ଲଡୁ ଧରିଥିଲେ l ସେ ଅନ୍ୟ ହାତରେ ସେ ଏକ ଲଡୁ ଧରି ପାଟିରେ ପୁରାଇ ଥିଲେ । ସେହି ରୂପରେ ସେ ସ୍ଥିର ହୋଇ ଗଲେ । ସେହିଦିନ ଠାରୁ ଠାକୁର ସେହି ରୂପରେ ପୂଜା ହେଲେ ଏବଂ ଲୋକଙ୍କ ପାଖରେ ପରିଚିତ ହେଲେ 'ଲଡୁ ଗୋପାଳ' ନାମରେ । ଶ୍ରୀକୃଷ୍ଣଙ୍କ ଅନେକ ନାମ ମଧ୍ୟରେ ଯୋଡ଼ି ହୋଇଗଲା ଅନ୍ୟ ଏକ ନାମ 'ଲଡୁ ଗୋପାଳ l ପ୍ରେମି ଭକ୍ତମାନେ ଭଜନ ଗାଇଲେ:ଜୟ ଜୟ ନନ୍ଦ ଲାଲ୍ କି ଜୟ. ଜୟ ଲଡୁ ଗୋପାଲ୍ କି l

ସେଦିନ ଏହି ଗଳ୍ପଟିକୁ ନାତି ନାତୁଣୀ ଙ୍କୁ ଆଉଥରେ ଶୁଣେଇ ପୂଜା ଘରକୁ ଚାଲିଗଲେ ଅରକ୍ଷିତ ଜେଜେ lରବିବାରଟିରେ ଗଳ୍ପ ଶୁଣାଉ ଶୁଣାଉ ଆଜି ଏତେ ଡେରି ହୋଇଗଲାଣି l ତରବର ହୋଇ ନିତ୍ୟ କର୍ମ ବଢ଼େଇ ଅରକ୍ଷିତ ଜେଜେ ଠାକୁର ଘରେ ପୂଜା ସାରି ଦେଖନ୍ତି ତ ଲଡୁ ଗୋପାଳ ଙ୍କ ହାତରେ ଥିବା ସୁନା ବଇଁଶୀଟି ନାହିଁ l ସେ ଭାବିଲେ ଛଡା ଫୁଲ ସହ ବଇଁଶୀଟି ନିଶ୍ଚୟ କୋଉଠି ପଡିଯାଇଛି l ଯେତେ ଖୋଜିଲେ ମଧ ତାହା ମିଳିନଥିଲା l ସତେ ଯେମିତି ପ୍ରଭୁଙ୍କ ମାୟାରେ କୋଉଠି ଅଦୃଶ୍ୟ ହୋଇ ଯାଇଥିଲା ବଇଁଶୀଟି l ଆଖିରୁ ଧାର ଧାର ଅଶ୍ରୁ ନିଗିଡି ପଡିଲା ଅରକ୍ଷିତ ଜେଜଙ୍କର l ଏବେ ସୁନାର ମୂଲ୍ୟ ଯାହା ଥିଲା ଆଉ ଗୋଟେ ବଇଁଶୀ କରିବା ସମ୍ଭବ ନଥିଲା ଅରକ୍ଷିତ ଜେଜେଙ୍କ ପକ୍ଷେ l ଜେଜି ବୁଢ଼ୀ ର ମଧ ସ୍ୱର୍ଗବାସ ହେଲାଣି l କାହାକୁ କହିବ ? ପୁଅ ଦୁହେଁ ସଫା ସଫା କହିବେ ଯେ ତୁମର ସବୁ ଭୁଲ ବାପା l ତୁମେ ଲଡୁ ଗୋପାଳଙ୍କ ହାତରେ ଲଡୁ ଦେଇ ସେତିକିରେ ସନ୍ତୁଷ୍ଟ ନରହି ସୁନା ବଇଁଶୀ ତିଆରି କରିବା ଉଚିତ ନଥିଲା lସ୍ତ୍ରୀ ମରିଯିବା ପରେ ତାଙ୍କ ଗହଣା ସବୁ ତିନିଭାଗ ହୋଇ ବଣ୍ଟା ଯାଇଥିଲା l ଅରକ୍ଷିତ ଜେଜେ ଦୁଇ ପୁଅକୁ ଦୁଇଭାଗ ଦେଇ ନିଜ ଭାଗ ସୁନା ରେ ଏହି ବଇଁଶୀଟିକୁ ଗଢ଼ାଇ ଲଡୁ ଗୋପାଳ ଙ୍କ ପାଇଁ ସୁନା ବଇଁଶୀ କରିବା ନିଶ୍ଚୟ ଉଚିତ ହୋଇନାହିଁ ଭାବି ସେ କଇଁ କଇଁ ହୋଇ କାନ୍ଦୁଥାଆନ୍ତି l ଏହି ସମୟରେ ସାନ ନାତି ବୁଲୁ ଆସି ସବୁ ଶୁଣି ଜେଜେଙ୍କୁ ତୁନି ହେବାକୁ କହି ସେ ଖୋଜିଦେବ ଲଡୁଗୋପାଳ ଙ୍କ ବଇଁଶୀ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲା l ଜେଜେ ଲଡୁ ଗୋପାଳ ଗଳ୍ପ ର ଶିଶୁ ରଘୁ କଥା ମନେପକାଇ ତୁନି ପଡିଲେ l

ଜେଜେ ଖାଇ ପିଇ ଶୋଇପଡ଼ିଲା ପରେ ବୁଲୁ ଯାଇ ଠାକୁରଙ୍କୁ ସବୁକଥା ଜଣେଇ ତାଙ୍କୁ ଅନୁରୋଧ କରିଥିଲା ଯେ ନିଜ ଜିନିଷ ନିଜେ ଖୋଜିଦେବାରେ ସହାୟ ହୁଅ ପ୍ରଭୁ l ଏହି ପ୍ରଭୁ ଏବେ ନିଷ୍ଠୁର ହୋଇଯାଇଥିଲେ ଯେମିତି lସେଦିନ ରାତିରେ ବୁଲୁ ସ୍ୱପ୍ନ ଦେଖିଥିଲା lଠାକୁର ତାକୁ ସ୍ୱପ୍ନରେ କାଠର ବଇଁଶୀ ଦେବାକୁ କହୁଥିବାର ଦେଖି ଓ ଶୁଣି ଜେଜେଙ୍କୁ କହିଥିଲା lଅରକ୍ଷିତ ଜେଜେ ସଙ୍ଗେ ସଙ୍ଗେ ଟାଙ୍ଗିଆ ପଜେଇ ବାରି ଆଡକୁ ଯାଇ ଜେଜେମାଆ ଲଗାଇଥିବା ଲିମ୍ବ ଗଛଟିକୁ କାଟି ତା ଡ଼ାଳ ରେ ବଇଁଶୀଟିଏ ଓ ବାକି କାଠରେ ଠାକୁରଙ୍କ ପାଇଁ ସିନ୍ଦୁକଟିଏ କରିବାକୁ ଭାବି ଯେମିତି ଚୋଟ ପକାଇବାକୁ ଉଦ୍ୟତ ହୁଅନ୍ତି ଦୌଡ଼ି ଆସିଲା ବୁଲୁ l ଗଛ କାଟବାକୁ ମନା କରି ଗଛର ଉପକାରିତା ବିଷୟ ରେ କହିବା ସହ ଲିମ୍ବ ଗଛ କେମିତି ତୁଳସୀ ଗଛ ପରି ଅଧିକ ଅମ୍ଳଜାନ ଦେଉଛି ଓ ମଣିଷକୁ ନିରୋଗ ଓ ସୁସ୍ଥ ତଥା ନିରୋଗ ଜୀବନ ଦାନ କରୁଛି ସେକଥା ସବୁ କହିଥିଲା lଜେଜେ କହିଲେ ଯେ କୌଣସି ବୃକ୍ଷ ହାଣିବା ମଧ ଉଚିତ ନୁହଁ. ମୃତ୍ତିକା ସରଂକ୍ଷଣ ତଥା ଜଙ୍ଗଲ ରକ୍ଷଣ ସହିତ ପାଣି,ପବନ ଓ ଛାଇ ସହିତ ବିଶ୍ୱାସୀ ଗଛ ମଣିଷ ସମାଜକୁ ନିଶ୍ୱାସ ଯୋଗେଇ ଚାଲିଛି. ଗଛ ନକାଟିପାରି ଗଭୀର ମାନସ୍ତାପ ରେ ଜେଜେଙ୍କ ନିଦ ସକାଳୁ ଡେରିରେ ଭାଙ୍ଗିଲା ବୁଲୁ ଡାକରେ. ବୁଲୁ କହୁଥିଲା ଦେଖ ଜେଜେ ଏଇ ତୁମ ଲଡୁ ଗୋପାଳ ମତେ ତାଙ୍କ ସୁନା ବଇଁଶୀଟିକୁ ଫେରାଇ ଦେଇଛନ୍ତି. ଜେଜେ ଆଖି ମଳି ମଳି ଉଠୁ ଉଠୁ ବୁଲୁକୁ କୁଣ୍ଢେଇ ପକେଇ କହୁଥିଲେ ପ୍ରକୃତରେ ଶିଶୁଙ୍କୁ ପ୍ରଭୁ ଦେଖାଦେବା ସହ ଶିଶୁ ଙ୍କ ଡାକ ଶୁଣନ୍ତି.ବୁଲୁ ହସି ହସି କହୁଥିଲା ସବୁ କାମ ସେଇ ମୂଷାର l

ସାକ୍ଷୀଗୋପାଳ, ପୁରୀ
୯୦୪୦୯୭୭୩୨୭

# ମିଳିମିଶି ଚଳିଲେ

**ରମେଶଚନ୍ଦ୍ର ଦାଶ**



ସିଂହ ଓ ବିଲୁଆ ଦୁହେଁ ସାଥିହୋଇ ସଦାବେଳେ ବୁଲନ୍ତି । ସିଂହ ଶିକାର କରେ । ତାର ପେଟ ପୂର୍ଣ୍ଣ ହେବା ପରେ ଯାହା ବଳକା ରହେ ତାକୁ ବିଲୁଆ ଖାଇ ସନ୍ତୁଷ୍ଟ ରହେ । ଏଥିପାଇଁ ସମସ୍ତେ ତାକୁ ପଛରେ ଅଇଁଠାଖିଆ ବୋଲି କହନ୍ତି, କିନ୍ତୁ ମୁହଁରେ କିଛି କହନ୍ତି ନାହିଁ । ଏକଥା ଦିନେ ଠେକୁଆ ସହିତ କଳି କରିବାବେଳେ ଠେକୁଆ କହିଦେଲା । ବିଲୁଆକୁ ଭାରି ଖରାପ ଲାଗିଲା । ସେ ତେଣୁ ଦିନେ ଭାବିଲା ଏଣିକି ସେ ଅଲଗା ଶିକାର କରିବ, ଆଉ ସିଂହର ଅଇଁଠା ଖାଇବ ନାହିଁ । ସିଂହ ଅଇଁଠା ନଖାଇଲେ ତାକୁ ଆଉ କେହି ସେଥିପାଇଁ ପରିହାସ କରିବେ ନାହିଁ ।

ସେ ଏଥିପାଇଁ ସିଂହ ପାଖକୁ ଗଲାନାହିଁ । ଏଣେ ବଣୁଆକୁକୁର ଏହି ସୁଯୋଗକୁ ଅପେକ୍ଷା କରିଥିଲା । ସେ ସିଂହ ପାଖରେ ଏପଟ ସେପଟ ହେଲା । ବିଲୁଆ ନଆସିବାରୁ ସିଂହର ମନ ଭଲନଥିଲା । ସେ ବଣୁଆ କୁକୁରକୁ ପାଇ ତା' ସହିତ କଥା ହେଲା । ତାକୁ ଟିକେ ଭଲ ଲାଗିଲା । ତାପରେ ସେ ବଣୁଆକୁକୁରକୁ ଚାରିଆଡ଼େ ସାଥିରେ ନେଲା । ଦିନକୁ ଦିନ ସହିତ ତା' ସହିତ ସମ୍ପର୍କ ବଢ଼ିବାରୁ ସେ ବିଲୁଆକୁ ଭୁଲିବାକୁ ଲାଗିଲା । ସିଂହ ସାହସରେ ବଣୁଆକୁକୁର ଶକ୍ତିଶାଳୀ ହେଲା । ଦିନେ ସେ ବିଲୁଆ ସହିତ ଲଢ଼ି ତାକୁ ହରାଇଦେଲା । କାରଣ ସିଂହ ଭଳି ସେ ଶିକାର କରିନପାରି ବହୁତ ଛୋଟିଆ ପ୍ରାଣୀଙ୍କୁ ମାରି ଖାଉଥିଲା । ସେଥିପାଇଁ ସେ ଦୁର୍ବଳ ଥିଲା l

ବଣୁଆ କୁକୁର ଠାରୁ ହାରିବା ପରେ ଅନ୍ୟ ପ୍ରାଣୀମାନେ ତାକୁ ଆହୁରି ଥଟ୍ଟାକଲେ । ସେ ସହିପାରିଲା ନାହିଁ । ବିଲୁଆ କିଛି ବାଟ ନପାଇ ବଣୁଆ କୁକୁର ସହିତ କଳିକଲା । ସିଂହ ବିରୋଧରେ ସମସ୍ତଙ୍କୁ ବିଭିନ୍ନ କଥାମାନ କହିଲା । ସିଂହ ଲୋଭୀଟାଏ ଏଥିପାଇଁ ବଣୁଆକୁକୁରକୁ ସାଥି କରିଛି ବୋଲି କହିଲା । ବଣୁଆକୁକୁର ବିରୋଧରେ ମଧ ଅନ୍ୟ ପ୍ରାଣୀଙ୍କୁ କହିଲା । ବଣୁଆକୁକୁର କିନ୍ତୁ ସିଂହକୁ ଆହାର ସନ୍ଧାନ ଦେବା ସହିତ ଅସୁବିଧାରେ ପଡୁଥିବା ପ୍ରାଣୀମାନଙ୍କୁ ସାହାଯ୍ୟ କରିଚାଲିଥାଏ । ତେଣୁ ସମସ୍ତେ ତାକୁ ପ୍ରଶଂସା କରୁଥାନ୍ତି ।

ଦିନକୁ ଦିନ ବିଲୁଆକୁ ସମସ୍ତେ ଘୃଣାକଲେ । ସେ ଖାଦ୍ୟ ନପାଇ ଅଧିକ ଦୁର୍ବଳ ହେବାକୁ ଲାଗିଲା । ଅନ୍ୟ ଉପାୟ ନଦେଖି ସେ ଭାଲୁକୁ ସବୁକଥା କହିଲା । ଭାଲୁ ଦିନେ ସିଂହଙ୍କୁ ବୁଝାଇଲା ବିଲୁଆର ସହିତ ମିଳାମିଶା କରିବା ପାଇଁ । ସେ ବଣୁଆକୁକୁର ବିରୋଧରେ ବହୁତ କଥା କହିଲା l ସିଂହ ସବୁ ଶୁଣିବା ପରେ ଦିନେ ବିଲୁଆକୁ ଡାକି ତାର ମନଖରାପର କାରଣ ପଚାରିଲା । ବିଲୁଆ ଚାଲାକିରେ ସେ ବଣୁଆକୁକୁର ବିରୋଧରେ ବହୁତ କଥା କହିଲା । ବଣୁଆକୁକୁର ପାଇଁ ବଣର ପ୍ରାଣୀମାନେ ତାକୁ ଖରାପ ଭାବୁଛନ୍ତି କହି ତୋଷମଦି କରିବା ସହିତ ଆହାର ଥିବା ବହୁତ ସ୍ଥାନର ସନ୍ଧାନ ଦେଲା । ବିନା ପରିଶ୍ରମରେ ଆହାର ମିଳିବାରୁ ସିଂହ ମିଛରେ ମିଛରେ ବଣୁଆକୁକୁରକୁ ଟିକେ ଗାଳିଗଲା । ତାକୁ ଧୀରେ ଧୀରେ କହିଲା– ବିଲୁଆ ଥିବା ବେଳେ ତୁ ଆସିବୁ ନାହିଁ । ବଣୁଆକୁକୁର ଏତକ ଶୁଣି ଚାଲିଗଲା ସିନା ବିଲୁଆ ଯିବା ପରେ ସେ ଆସେ ଓ ଆହାରର ସନ୍ଧାନ ଦିଏ । ଦୁହିଁଙ୍କଠାରୁ ଆହାର ପାଇ ସିଂହ ମଜାରେ ଦିନ କାଟିଲା । ଅନ୍ୟ ପ୍ରାଣୀମାନେ କିନ୍ତୁ ବହୁତ ହଇରାଣ ହେଲେ ।

ସିଂହର ଚାଲ ବୁଝିବା ପରେ ଦିନେ ସମସ୍ତେ ମିଶି ବିଲୁଆ ଓ ବଣୁଆକୁକୁରକୁ ବାନ୍ଧିପକାଇଲେ । ସେମାନେ ବାଧ ହୋଇ ସବୁ ସତକଥା ମାନିଲେ । ବଣୁଆକୁକୁର ଠାରୁ ବିଲୁଆକୁ ଅଧିକ ଦଣ୍ଡଦେଲେ । ସେମାନଙ୍କ ଦଣ୍ଡ ଦେଖି ସିଂହ ନିଜେ ସେହି ଜଙ୍ଗଲରୁ ନିଜ ପରିବାର ସହିତ ଅନ୍ୟଆଡ଼େ ପଳାଇଲା । ସିଂହ ଚାଲିଯିବାରୁ ସମସ୍ତେ ମିଳିମିଶି ଚଳିଲେ l

ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ–୨,
ଫୋନ୍–୯୭୭୬୨୩୮୫୨୨

# ଲଢ଼େଇ ଦିଅ ଛାଡ଼ି

**ମହେନ୍ଦ୍ର କୁମାର ଘଡ଼େଇ**

ଗରବ ଲୋଭ ମୋହ ମାୟାରେ
ମଣିଷ ହୁଏ ଛନ୍ଦି
ବୁଦ୍ଧି ବିବେକ ହଜାଇ ଦେଇ
ଅକାମେ ହୁଏ ବନ୍ଦୀ ।
ରୀତିନୀତିକୁ ମନୁ ପାସୋରି
କରାଇ ଅବିଚାର
ଭଲ ବରଜି ଭେଳରେ ଚଳି
ହରାଏ ସୁବିଚାର l
ରାଗରୁଷାରେ ହିଆ ଜଳାଇ
ଡାକେ ଲଢ଼ିବା ପାଇଁ
ଖରବେଗରେ ଅକାଳ ଦୁଃଖ
ଧରାକୁ ପଡ଼େ ଡେଇଁ l
ଉଗାରି ସାଜେ ଭାଇ ନିଜର
ଠିଆ କରାଏ ବାଡ଼
ବନ୍ଧୁତାନାଶି ମନରେ ଭୟ
ଜଳାଏ ନିଆଁରଡ଼ l
ଗୁଳି ଗୋଳାରେ ଅଶାନ୍ତ ଧରା
ବଢ଼ାଏ ପ୍ରଦୁଷଣ
ଥାଟବାଟରେ ଘମାଘୋଟରେ
ମରଣ ବିଭୀଷଣ ।
ହସ ଖୁସିର ବଦଳେ ଆଣେ
କାନ୍ଦ ବୋବାଳି ଯେତେ
ଧ୍ୱଂସର ଲୀଳା ସୋହାଗ ଭାଙ୍ଗେ
ଛଳ ବଳରେ କେତେ ।
କୂଟ କପଟ ମାନବିକତା
ଦିଅଇ ଜାଳି ପୋଡ଼ି
ଶାନ୍ତିରେ ଧରା କଇଲାଣରେ
ଲଢ଼େଇ ଦିଅ ଛାଡ଼ି ।

କ୍ଷେତ୍ରମୋହନ ବିଦ୍ୟାପୀଠ,କଟରପଡ଼ା,
ପିଠାପଡ଼ା,ନିଶ୍ଚିନ୍ତକୋଇଲି,କଟକ,
୯୪୩୭୭୪୦୫୬୬

# ବିନା ସୂଚନା ଫଳକରେ ଚାଲିଛି ସାର୍ବଜନୀନ ଶୌଚାଳୟ ନିର୍ମାଣ କାର୍ଯ୍ୟ

ସମ୍ବଲପୁର: ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ବଡ଼ମାଳ ପଂଚାୟତ ବସଷ୍ଟାଣ୍ଡରେ ଗତ ଦୁଇଦିନ ହେବ କିଛି ଏକ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ନିର୍ମାଣ ନେଇ କୌଣସି ଫଳକ ମରାଯାଇ ନଥିବା ବେଳେ କିଛି ଗଣମାଧ୍ୟମ ପ୍ରତିନିଧି ଏହାର ଅନୁସନ୍ଧାନ କରିଥିଲେ । ଶେଷରେ ଏହା ଏକ ସାର୍ବଜନୀନ ଶୌଚାଳୟ ତିଆରି କରାଯାଉଥିବା ଜଣାପଡିଥିଲା । ହେଲେ ସର୍ବସାଧାରଣଙ୍କୁ ଲୁଚାଇ ଏଭଳି ନିର୍ମାଣ କାର୍ଯ୍ୟ କାହିଁକି କିଏ କରାଉଛି ସେନେଇ ସାଧାରଣ ଲୋକଙ୍କ ସହ ଗଣମାଧ୍ୟମର ମଧ୍ୟ ବେଶ୍ ଉତ୍ସୁକତା ପ୍ରକାଶ ପାଇଥିଲା । ସୂଚନାନୁଯାୟୀ, ବଡ଼ମାଳ ବସଷ୍ଟାଣ୍ଡ ପଛପଟେ ଏକ ସାର୍ବଜନୀନ ଶୌଚାଳୟ ଅତି ସନ୍ତର୍ପଣରେ ବିନା ସୂଚନା ଫଳକରେ କାର୍ଯ୍ୟ ଆରମ୍ଭ ହେଉଛି । ଗୋଟିଏ ପଟେ ସରକାର ନିର୍ଦ୍ଦେଶ ଦେଇଛନ୍ତି ପ୍ରତ୍ୟେକ ସରକାରୀ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ସେଠାରେ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ । ମାତ୍ର ଏଠାରେ କେତେ ଟଙ୍କା ବ୍ୟୟ ଅଟକଳରେ କେଉଁ ବିଭାଗ ପକ୍ଷରୁ, କେଉଁ ଠିକାଦାର କରୁଛନ୍ତି ତାହାକୁ ସମ୍ପୂର୍ଣ୍ଣ ଲୁକ୍କାୟିତ ରଖାଯିବାର କାରଣ କିଛି ଭିନ୍ନ ଦିଗକୁ ଇଙ୍ଗିତ କରାଇଛି । ଯାହା ଫଳରେ ନିମ୍ନମାନର କାର୍ଯ୍ୟ କରି ମୋଟା ଅଙ୍କର ଅର୍ଥ ହରିଲୁଟ୍ କରାଯିବାର ଏହା ଏକ ଅଭିସନ୍ଧି ବୋଲି ସାଧାରଣରେ ଅଭିଯୋଗ ହେବା ସହ ବେଶ୍ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ଘଟଣାର ସତ୍ୟତା କ'ଣ ସେ ନେଇ କିଛି ଗଣମାଧ୍ୟମ ପ୍ରତିନିଧି ବଡ଼ମାଳ ପଂଚାୟତ ନିର୍ବାହୀ ଅଧିକାରୀ ସିଉଳି ତୀର୍କିଙ୍କ ସହ ଯୋଗାଯୋଗ କରିବା ପାଇଁ ଫୋନ୍ କରିଥିଲେ । ମାତ୍ର ମୋବାଇଲ କଲର ଆଇଡିରେ ସାମ୍ବାଦିକଙ୍କ ଫୋନ୍ ନମ୍ବର ଜାଣି ସେ ଫୋନ୍ ଉଠାଇ ନଥିଲେ । ପଂଚାୟତ ନିର୍ବାହୀ ଅଧିକାରୀଙ୍କ ଏଭଳି ଆଚରଣ ଦେଖି ସେ କେଉଁ ତଥ୍ୟ ଲୁଚାଇବାକୁ ଗଣମାଧ୍ୟମ ଠାରୁ ଦୂରତା ରଖୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରାଇଛି । ବସଷ୍ଟାଣ୍ଡ ନିକଟରେ ଶୌଚାଳୟ ନଥିବାରୁ ବିଭିନ୍ନ ସମୟରେ ମହିଳା ଯାତ୍ରୀମାନେ ଅକଥନୀୟ ହିନସ୍ତା ହୋଇଥାଆନ୍ତି । ସାର୍ବଜନୀନ ଶୌଚାଳୟ ନିର୍ମାଣ ହେବା ଏକ ସାଗତଯୋଗ୍ୟ ପଦକ୍ଷେପ, ହେଲେ ବିନା ନାମଫଳକରେ ନିର୍ମାଣ ଓ ଗଣମାଧ୍ୟମକୁ ପଂଚାୟତ ନିର୍ବାହୀ ଅଧିକାରୀଙ୍କ ଲୁଚକାଳିଖେଳ ଏହିକାର୍ଯ୍ୟର ବୈଧତାକୁ ବାଧ୍ୟବାଧକରେ ତଦନ୍ତ ପରିସରକୁ ଟାଣିବାକୁ ବାଧ୍ୟ ହୋଇଛି ।

# କର୍କଟ ଆକ୍ରାନ୍ତଙ୍କୁ ସହାୟତା

ମାଲକାନଗିରି: ବଣ୍ଡା ଯୁବକ ସନିୟା ଚାଲାଣଙ୍କ କର୍କଟ ରୋଗ ସମ୍ପର୍କରେ ସୂଚନା ପାଇବା ପରେ ଜିଲ୍ଲା ପ୍ରଶାସନ ସହାୟତାର ହାତ ବଢ଼ାଇଛି । ସନିୟାଙ୍କୁ ଉନ୍ନତ ଚିକିତ୍ସା ଯୋଗାଇ ଦେବା ପାଇଁ ପିଏଆଇଟିଡିଏ ଙ୍କ ପକ୍ଷରୁ ୫୦ ହଜାର ଟଙ୍କା ଏବଂ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । କେବଳ ସେତିକି ନୁହେଁ, ସୋନିୟାଙ୍କୁ ଜଣେ ଆମ୍ବୁଲାନ୍ସ ଆଟେଣ୍ଡାଂଟଙ୍କ ସହ କଟକର ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଆପଣଙ୍କ ସାମାନ୍ୟ ସହଯୋଗ ସନିୟାଙ୍କୁ ନୂଆ ଜୀବନ ଦେବ । ତେବେ ଯଦି କେହି ସହୃଦୟ ବ୍ୟକ୍ତି କର୍କଟ ପୀଡିତ ସନିୟାଙ୍କୁ ସାହାଯ୍ୟ କରିବାକୁ ଚାହୁଁଛନ୍ତି ଫୋନପେ ନଂ- ୭୬୫୬୦୬୯୦୧୭ରେ ଆର୍ଥିକ ସହଯୋଗ ଦେଇପାରିବେ ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରିଣ୍ଟ ଡିଜାଇନିଂ ଓ ବିଜ୍ଞାପନ ଅଭିଯାନ ସମ୍ପର୍କିତ କର୍ମଶାଳା

ଜୟପୁର : ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଣମାଧ୍ୟମ ଦକ୍ଷତା ବୃଦ୍ଧି କରିବାର ଲକ୍ଷ୍ୟ ରଖି ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ର ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଭାଗ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ପ୍ରିଣ୍ଟ ଡିଜାଇନିଂ ଏବଂ ବିଜ୍ଞାପନ ଅଭିଯାନ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଏହି କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଏହି ଅବସରରେ ଗୟା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଏବଂ ଗଣଯୋଗାଯୋଗ ପ୍ରଫେସର ଆତିଶ ପରାଶର ଯୋଗଦେଇ ପ୍ରିଂଟ ଡିଜାଇନିଂ ଏବଂ ବିଜ୍ଞାପନର ବିଭିନ୍ନ ଦିଗ ବିଷୟରେ ତାଲିମ ଦେଇଥିଲେ । ପ୍ରଫେସର ପଣ୍ଡା ସାମାଜିକ ସେତୁ ଭାବରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସାମାଜିକ କଲ୍ୟାଣ ପାଇଁ ସକାରାତ୍ମକ ଗଣମାଧ୍ୟମର ଗୁରୁତ୍ୱ ଉପରେ କହିଥିଲେ । ଛାତ୍ରଛାତ୍ରୀମାନଙ୍କୁ ଉଦୀୟମାନ ଗଣମାଧ୍ୟମ କୌଶଳ ଏବଂ ପ୍ରଯୁକ୍ତିବିଦ୍ୟା ସହିତ ଅପଡେଟ୍ ରହିବାକୁ ପରାମର୍ଶ ଦେଇଥିଲେ । ବିଶେଷକରି କୃତ୍ରିମ ବୁଦ୍ଧିମତା ଗଣମାଧ୍ୟମରେ କିପରି ପ୍ରୟୋଗ ହେଉଛି ସେ ବିଷୟରେ ସବିଶେଷ ଜ୍ଞାନ ଲାଭ କରିବାକୁ ପ୍ରେରଣା ଦେଇଥିଲେ । ପ୍ରଫେସର ପରାଶର ଗଣମାଧ୍ୟମ ପ୍ରଭାବଶାଳୀତା ପାଇଁ ପ୍ରଯୁକ୍ତିବିଦ୍ୟାକୁ ବୁଝିବା ଏବଂ ବ୍ୟବହାର କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ସମସାମୟିକ ଗଣମାଧ୍ୟମ ଶିକ୍ଷାରେ ଦକ୍ଷତା ବିକାଶର ଗୁରୁତ୍ୱକୁ ଗୁରୁତ୍ୱାରୋପ କରିଥିଲେ । ଡକ୍ଟର ରାକେଶ କୁମାର ଲେଙ୍କା, ଭାରପ୍ରାପ୍ତ କୁଳସଚିବ ଏହି କର୍ମଶାଳାକୁ ଗଣମାଧ୍ୟମ ଛାତ୍ରଛାତ୍ରୀମାନଙ୍କ ପାଇଁ ଶିଖିବା ଏବଂ ସେମାନଙ୍କର ଦକ୍ଷତାକୁ ଆହୁରି ଉନ୍ନତ କରିବା ପାଇଁ ଏକ ଅତ୍ୟାବଶ୍ୟକ ପ୍ଲାଟଫର୍ମ ବୋଲି କହିଥିଲେ । ସେ ପୁନରାବୃତ୍ତି କରିଥିଲେ ଯେ, ପ୍ରଯୁକ୍ତିବିଦ୍ୟା ଯୁଗରେ, ବ୍ୟବହାରିକ ଦକ୍ଷତା ହାସଲ କରିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତର ବୃତିଗତ ସଫଳତା ପାଇଁ ଏକ ଅସ୍ତ୍ର । ବିଭାଗର ମୁଖ୍ୟ ଡକ୍ଟର ନିଖିଲ କୁମାର ଗୌଡ଼ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାର ଉଦ୍ଦେଶ୍ୟ ବିଷୟରେ କହିବା ସହ ନିରନ୍ତର ଦକ୍ଷତା ବୃଦ୍ଧିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଡକ୍ଟର ପ୍ରଦୋଷ କୁମାର ରଥ କୃତଜ୍ଞତା ପ୍ରକାଶ କରିଥିଲେ ଏବଂ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ । ଦୁଇ ଦିନ ଧରି, ଛାତ୍ରଛାତ୍ରୀମାନେ ପ୍ରିଂଟ ଡିଜାଇନିଂ ଏବଂ ବିଜ୍ଞାପନ ରଣନୀତି ସମ୍ବନ୍ଧୀୟ କାର୍ଯ୍ୟରେ ନିୟୋଜିତ ତାଲିମ ନେଇଥିଲେ । ଏହି ତାଲିମ ସେମାନଙ୍କର ବ୍ୟବହାରିକ, ଶିଳ୍ପ-ପ୍ରାସଙ୍ଗିକ ଗଣମାଧ୍ୟମରେ କାର୍ଯ୍ୟ କରିବାର ଦକ୍ଷତାକୁ ତ୍ୱରାନ୍ୱିତ କରିଥିଲା । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଏବଂ ଛାତ୍ରମାନେ ଉତ୍ସାହଜନକ ଅଂଶଗ୍ରହଣ କରିଥିଲେ । ଉଦଯାପନୀ ଉତ୍ସବରେ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ଅର୍ଥନୀତି ପ୍ରଫେସର ପ୍ରଫେସର ରତିକାନ୍ତ କୁମ୍ଭାର, ଜୈବ-ବିବିଧତା ବିଭାଗର ଡକ୍ଟର ଦେବବ୍ରତ ପଣ୍ଡା ଏବଂ କାକୋଲି ବାନାର୍ଜୀ, ନୃବିଜ୍ଞାନ ବିଭାଗର ଡକ୍ଟର ଏସ.କେ. ଶ୍ରୀନିବାସ, ସମାଜବିଜ୍ଞାନ ବିଭାଗ ଡକ୍ଟର ନୁପୁର ପଟ୍ଟନାୟକ, କୃଷି ବିଭାଗର ଡକ୍ଟର ଅନୁପମ ଡାକୁଆ, ହିନ୍ଦୀ ବିଭାଗର ଡକ୍ଟର ମନୋଜ ସିଂହ, ସଂସ୍କୃତ ବିଭାଗର ଡକ୍ଟର ଦେବାସିସ୍ କର୍ମକାର, ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଡକ୍ଟର ସୌରଭ ଗୁପ୍ତା, ଡକ୍ଟର ଗୌରବ ରଞ୍ଜନ, ସୁମିତ କୁମାର ବେହେରା, ଡକ୍ଟର ସୋନି ପାଢୀ, ଡକ୍ଟର ତଲତ ଜାହାନ ବେଗମ, ଲୋକସମ୍ପର୍କ ଅଧିକାରୀ ଡକ୍ଟର ଫଗୁନାଥ ଭୋଇ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି, ଛାତ୍ର, ଗବେଷଣା ବିଦ୍ୱାନ ଏବଂ ବିଶ୍ୱବିଦ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ ।

# ନିଖୋଜ ବ୍ୟକ୍ତିର ମୃତଦେହ ଉଦ୍ଧାର



**ଇନ୍ଦ୍ରାବତୀ ଡଙ୍ଗା ବୁଡ଼ି ଘଟଣା**

ଥୁଆମୂଳ ରାମପୁର : କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଡଙ୍ଗା ବୁଡ଼ି ଘଟଣାରେ ଗତ ୭ ଦିନ ଧରି ନିଖୋଜ ଥିବା ବ୍ରାହ୍ମଣୀ ଚଞ୍ଚରା ଗ୍ରାମର ହର ବେହେରାଙ୍କ (୪୫)ଙ୍କ ମୃତଦେହ ଶୁକ୍ରବାର ସକାଳେ ଉଦ୍ଧାର କରାଯାଇଛି । ସାନଛତ୍ରଙ୍ଗ ଓ ଫୁଙ୍କିଜାଲ ମଝି କୂଳରେ ମୃତଦେହଟି ଭାସୁଥିବା ଅବସ୍ଥାରେ ଗ୍ରାମବାସୀ ଦେଖିବାକୁ ପାଇଥିଲେ । ଗତ ଶନିବାର ସକାଳ ପ୍ରାୟ ୧୧.୩୦ ସମୟରେ ହର ବେହେରୁକ ତାଙ୍କର ଦୁଇ ସାଥୀ ରବି ପୁଝାରୀ ଓ ଚନ୍ଦ୍ର ବେହେରାଙ୍କ ସହ ମାଛ ଧରିବାକୁ ଯାଇଥିଲେ । ତେବେ ଗଭୀର ଜଳରାଶି ମଧ୍ୟରେ ଡଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ସେହି ସ୍ଥାନରେ ପାଣିର ଗଭୀରତା ପ୍ରାୟ ୩୦୦ରୁ ୪୦୦ ଫୁଟ ରହିଥିବାରୁ ଉଦ୍ଧାର କାର୍ଯ୍ୟ ଅତ୍ୟନ୍ତ କଷ୍ଟସାଧ ହୋଇପଡ଼ିଥିଲା । ଘଟଣାର ୭ ଦିନ ପରେ ଶୁକ୍ରବାର ସକାଳ ପ୍ରାୟ ୬ଟା ସମୟରେ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ତୁରନ୍ତ ଥୁଆମୂଳ ରାମପୁର ଥାନାକୁ ସୂଚନା ଦେଇଥିଲେ । ଖବର ପାଇ ମହୁଲପାଟଣା ଫାଣ୍ଡି ଅଧିକାରୀ ଅରୁଣ ଭଡ୍ରା, ଅତିରିକ୍ତ ତହସିଲଦାର ତପନ କୁମାର ପତି, ଅଗ୍ନିଶମ ବିଭାଗ ଅଧିକାରୀ ବନମାଳୀ ପୁଝାରୀ ଏବଂ ପୋଲିସ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ । ଏହି ଘଟଣାରେ ଥୁଆମୂଳ ରାମପୁର ଥାନାରେ ୟୁଡ଼ି (ଟଡ଼) କେସ ନଂ ୦୧/୨୬ ରେ ମାମଲା ରୁଜୁ କରାଯାଇଛି । ସରକାରୀ ଅନୁସନ୍ଧାନ ପ୍ରକ୍ରିୟା ଶେଷ ହେବା ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି । ଘଟଣାସ୍ଥଳରେ ସ୍ଥାନୀୟ ସରପଞ୍ଚ ଧନସିଂ ମାଝୀ, ୱାର୍ଡ ସଭ୍ୟ ଦୁର୍ଯ୍ୟୋଧନ ନାଏକ, ପଞ୍ଚାୟତ ବିଜେଡି ସଭାପତି ଭଜମନ ନାଏକଙ୍କ ସମେତ ମୃତକଙ୍କ ପରିବାରବର୍ଗ ଓ ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ସାଇବର ସିକ୍ୟୁରିଟି ସଚେତନତା ଅଭିଯାନ

ମାଲକାନଗିରି : ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ଯୋଡ଼ାମ୍ବ ଥାନା ପୋଲିସ ଟିମ୍ ପ୍ରଚେଷ୍ଟାରେ ଦର୍ଲାବେଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ସାଇବର ସିକ୍ୟୁରିଟି ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଦର୍ଲାବେଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ ଶ୍ରେଣୀର ଛାତ୍ରଛାତ୍ରୀ ତଥା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା କରାଯାଇ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଏହା ବ୍ୟତୀତ ଗ୍ରାମର ସମସ୍ତ ସଚେତନ ନାଗରିକ ମାନଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ୍ କରାଯାଇ ବିଭିନ୍ନ ସାଇବର ସିକ୍ୟୁରିଟି ର ଭିଡିଓ କ୍ଲିପ୍ ପ୍ରଦର୍ଶନ କରାଯାଇ ସମସ୍ତଙ୍କୁ ସତର୍କ ଓ ସୁରକ୍ଷିତ ରହିବାର ମନ୍ତ୍ର ପ୍ରଦାନ କରାଯାଇଥିଲା । ଏହାର ଅନୁରୂପ କାର୍ଯ୍ୟକ୍ରମ ମଧ୍ୟ ପଣସପୁଟ ଠାରେ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଦୋସ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଯୋଡ଼ାମ୍ବ ଥାନାର ଆଇଆଇସି ମନୋରଞ୍ଜନ ସାହୁ, ଏସଆଇ ଅନନ୍ତ କୁମାର ନାୟକ ଓ ଥାନାର ସମସ୍ତ କର୍ମକର୍ତା ଉପସ୍ଥିତ ଥିଲାବେଳେ ଦର୍ଲାବେଡ଼ାର ଅଧକ୍ଷ ବାବୁଲି ଦିଶାରୀ, ଉପାଧକ୍ଷ ଅରୁଣ କୁମାର ସାହୁ ଏବଂ ଯୁକ୍ତ ଦୁଇ ର ସମସ୍ତ ଅଧାପକ ତଥା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ପୂର୍ଣ୍ଣ ସହଯୋଗ କରିଥିଲେ । ଶିକ୍ଷକ ଶିକ୍ଷୟିତ୍ରୀ ତଥା ଗ୍ରାମର ସଚେତନ ନାଗରିକ ମାନଙ୍କୁ ସାଇବର ସିକ୍ୟୁରିଟି ଅଭିଯାନର ଟି -ସାର୍ଟ ବଂଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମଟି ସମସ୍ତଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି । ଏହି କାର୍ଯ୍ୟକ୍ରମର ସାଇବର ସିକ୍ୟୁରିଟି ଅଭିଯାନ ରଥ ସମସ୍ତଙ୍କ ଗହଣରେ ଗ୍ରାମ ପରିକ୍ରମା କରିଥିଲେ ।

# ହରିହର ଭେଟ ସମ୍ପନ୍ନ



ବଲାଙ୍ଗିର,(ପିପିଏସ୍) : ମଙ୍ଗଳବାର ଦିନ ବଲାଙ୍ଗିର ହରିହର ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ଟିକ୍ରାପଡା ସ୍ଥିତ ମଦନ ମୋହନ ରଥଙ୍କ ନିବାସରୁ ରାତି ରେ ରାଧାକୃଷ୍ଣ ସ୍ୱତନ୍ତ୍ର ପୂଜାବିଧି ପରେ ଯୁଗଳ ମୂର୍ତ୍ତିଙ୍କୁ ବିମାନ ରେ ସଜାଇ କୀର୍ତ୍ତନ ମଣ୍ଡଳୀ ବାଜାଗାଜା ଓ ଛତ୍ର ବୈରଗ ସହିତ ବିରାଟ ପଟୁଆରରେ ଅଣାଯାଇଥିଲା । ପ୍ରଥମେ ଟିକ୍ରାପଡା ରାମ ମନ୍ଦିରରେ ଭେଟ କରାଯାଇ ମାଲପଡା ରାମ ମନ୍ଦିରକୁ ନିଆଯାଇଥିଲା । ସେହିପରି ମାଲପଡା ଆନନ୍ଦ ମଠରୁ ବାବା ଆଶୁତୋଷ ଙ୍କ ମଧ୍ୟ ବିରାଟ ପଟୁଆରରେ ମାଲପଡା ରାମସ୍ୱାମୀ ମନ୍ଦିରକୁ ଅଣାଯାଇଥିଲା । ରାତିରେ ସେଠାରେ ସ୍ୱତନ୍ତ୍ର ନୀତିକାନ୍ତି ରେ ପୂଜା ବିଧି ସମାପନ ଓ ଭଜନ କୀର୍ତ୍ତନ ପରେ ଉଭୟ ଠାକୁର ସ୍ୱସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ମାଲପଡା ମନ୍ଦିର ରେ ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଦୁର୍ଗା ସାହୁ, ପ୍ରଦୀପ ପଶାୟତ, କହ୍ନାଇ ଭରାସାଗର, ଭୀମସେନ ସାହୁ, ହଳଧର ବଗର୍ତ୍ତି, ଚୁଡେନ୍ଦ୍ର କୁମାର ବେହେରା, ସୁନାଧର ବନଛୋର, ସୀତାଂଶୁ ନାୟକ, ଅରୁଣ ଖୁଆସ, ବନ ବିହାରୀ ସାହୁ, ଧ୍ରୁବ ଚରଣ ସାହୁ, ପ୍ରଦୀପ ଦାଶ, ଅଶୋକ କୁମାର ମିଶ୍ର, ଅଙ୍କୁଶ ହୋତା ଓ ରାହୁଲ ଶର୍ମା ସହଯୋଗ କରିଥିଲେ ।

# ଅବସର ଗ୍ରହଣ ଦିନ ପୂର୍ଣ୍ଣାଙ୍ଗ ପେନ୍‌ସନ୍ ପାଇଲେ ଶିକ୍ଷୟିତ୍ରୀ

ଜୟପୁର: ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ କୁନ୍ଦାରିଗୁଡା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶ୍ରୀମତି ସୁପ୍ରଭା ପାଢ଼ି ଓ ନୁଆ ଗୁଡା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶ୍ରୀମତୀ କଳ୍ପନା ପଣ୍ଡା ତା ୨୮.୦୨.୨୦୨୬ ରେ ଅବସର ଗ୍ରହଣ କରିଥିଲେ କ୍ଷଉକ୍ତ ୨ ଜଣ ଶିକ୍ଷୟିତ୍ରୀଙ୍କର ଅବସର ଗ୍ରହଣ ପୂର୍ବରୁ ସରକାର ପୂର୍ଣ୍ଣାଙ୍ଗ ପେନସନ୍ ମଞ୍ଜୁର କରିଥିଲେ କ୍ଷ ସରକାରଙ୍କ ଆଦେଶ ମୁତାବକ ଅବସର ଗ୍ରହଣ ଦିନ ପୂର୍ଣାଙ୍ଗ ପେନସନ୍ ପ୍ରଦାନ କରିବା ନିୟମ ଶତ ପ୍ରତିଶତ ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ହେବା ନେଇ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଖୁସି ବ୍ୟକ୍ତ କରିଥିଲେ କ୍ଷଏ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ରେ ଉକ୍ତ ୨ ଜଣ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଙ୍କୁ ପୂର୍ଣ୍ଣାଙ୍ଗ ପେନସନ୍ ମଞ୍ଜୁର ଆଦେଶ ଦେବା ସହିତ ତାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି କ୍ଷଉକ୍ତ ଅବସରକାଳିନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଚନ୍ଦନ କୁମାର ନାୟକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁର, ସମ୍ମାନିତ ଅତିଥି ଭାବେ ରାଜେନ୍ଦ୍ର ନାରାୟଣ ପାଢ଼ି ବିଭାଗୀୟ ଅଧିକାରୀ ଓ ଶଶୀଭୂଷଣ ଦାଶ୍ ବରିଷ୍ଠ ସହାୟକ ମଞ୍ଚାସିନ ହୋଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ କ୍ଷ ଏଥି ପୂର୍ବରୁ ମଧ୍ୟ କିଛି ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବସର ଗ୍ରହଣ ଦିନ ପୂର୍ଣ୍ଣାଙ୍ଗ ପେନସନ୍ ପ୍ରଦାନ କରାଯାଇଥିବା ବରିଷ୍ଠ ସହାୟକ ଶ୍ରୀ ଶଶୀଭୂଷଣ ଦାଶ୍ ସୂଚନା ଦେଇଥିଲେ କ୍ଷଏତଦ୍ ବ୍ୟତୀତ ସଭାପତି ଦେବି ପ୍ରସାଦ ଦାଶ୍, ସମ୍ପାଦକ ପ୍ରଦିପ କୁମାର ମିଶ୍ର, ଉପସଭାପତି ଶ୍ରୀମତୀ ମମତା ମହାପାତ୍ର, ଯୁଗ୍ମ ସମ୍ପାଦକ ମନୋରଞ୍ଜନ ପଲେଇ, ବରିଷ୍ଠ ଶିକ୍ଷକ ଜଗନ୍ନାଥ ମିଶ୍ର, କିରଣ ମହାରଣା, ଜ୍ୟୋତି ପଣ୍ଡା, ମନୋଜ କୁମାର ପଟ୍ଟନାୟକ, ଓ ହିସାବ ରକ୍ଷିକା ଶ୍ରୀମତୀ ସୁନିତା ନାୟକ ଉପସ୍ଥିତ ରହି ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ ଦ୍ୱୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପରିଶେଷରେ ମନୋରଞ୍ଜନ ପଲେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଲକାନଗିରି ଜିଲ୍ଲା ବିଜେଡି ତରଫରୁ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପାଳିତ

ମାଲକାନଗିରି: ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ତରଫରୁ ମହାନ ଜନନାୟକ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ମାଲକାନଗିରି ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଆଧୁନିକ ଓଡ଼ିଶା ଗଠନ ଦିଗରେ ବିଜୁ ବାବୁଙ୍କ ଅବଦାନ ଅତୁଳନୀୟ । ତାଙ୍କ ଆଦର୍ଶକୁ ଅନୁସରଣ କରି ଓଡ଼ିଶାବାସୀଙ୍କ ସେବା ପାଇଁ ବିଜୁ ଜନତା ଦଳ ସବୁବେଳେ ସଂକଳ୍ପବଦ୍ଧ । ମାର୍ଚ୍ଚ ୫ ତାରିଖରେ ପ୍ରବାଦ ପୁରୁଷ, ମହାନ ଜନନାୟକ, ବିଶିଷ୍ଟ ସାଧୀନତା ସଂଗ୍ରାମୀ ଓ ସ୍ୱାଧୀନୋତ୍ତର ଓଡିଶା ନିର୍ମାଣର ସ୍ଥପତି ବିଜୁ ପଟ୍ଟନାୟକଙ୍କର ୧୧୦ତମ ଜନ୍ମ ଦିବସ । ଏହି ଜୟନ୍ତୀ ଦିବସ ଓଡିଶାବାସୀଙ୍କ ପାଇଁ ବିଶେଷକରି ବିଜୁ ଜନତା ଦଳର ପ୍ରତ୍ୟେକଙ୍କ ପାଇଁ ଏକ ସ୍ମରଣୀୟ ଦିବସ । ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ଏହି ଦିବସକୁ ମାଲକାନଗିରି ଜିଲ୍ଲା ସ୍ତରରେ ବିଜେଡି ଜିଲ୍ଲା କାର୍ଯ୍ୟାଳୟ ଲାଠିଆଗୁଡା ଠାରେ ବିଜୁ ବାବୁଙ୍କ ୧୧୦ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଛି । ଏହି ଉପଲକ୍ଷେ ବିଜୁ ଜନତା ଦଳର ଜିଲ୍ଲା ବିଜେଡି ଉପ ସଭାପତି ଉଦୟ ନାଥ ମାଦ୍ରୀ, ବରିଷ୍ଠ ବିଜେଡି ନେତା ଗୋପାଳ କୃଷ୍ଣ ପଣ୍ଡା, ରାଜ୍ୟ ବିଜେଡି ମହିଳା ଉପ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ଜିଲ୍ଲା ବିଜୁ ମହିଳା ସଭାନେତ୍ରୀ ତଥା ଜିଲ୍ଲା ପରିଷଦ ଅଧକ୍ଷା ସମାରି ତାଙ୍ଗୁଲ, ପୌର ଉପାଧକ୍ଷା କବିତା ମହନ୍ତ, ଜିଲ୍ଲା ବିଜେଡି ଯୁବ ସଭାପତି ତଥା ଜିଲ୍ଲା ସରପଞ୍ଚ ସଂଘ ସଭାପତି ଶ୍ରୀନିବାସ ମୁଦୁଲି, ଜିଲ୍ଲା ଛାତ୍ର ସଭାପତି ସୁବ୍ରତ ଦାଶ, ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ସମସ୍ତ ପଞ୍ଚାୟତ ସମିତି ଅଧକ୍ଷା, ଅଧକ୍ଷ, ବିଜେଡି ସମସ୍ତ ବ୍ଲକ /ନଗର ସଭାପତି, ବରିଷ୍ଠ ବିଜେଡି ନେତା ନକାଲ ରାଜୁ, ସତ୍ୟ ପାଣିଗ୍ରାହୀ, ବି. କାମେଶ୍ୱର ରାଓ, ଧନୁର୍ଜୟ ମାଡକାମୀ, ଘନଶ୍ୟାମ ମାଡକାମୀ, ସତ୍ୟ ସ୍ୱାଇଁ, ସର୍ବ ବିଶୋଇ, ଶଙ୍କର ହାଲଦାର, ରାଜେନ୍ଦ୍ର କୂଳଦୀପ, ଗୋପୀ ପାଙ୍ଗି, ଶରତ ଚନ୍ଦ୍ର ବିଶ୍ୱାଳ, କେ. ରାହୁଲ, ବିକାଶ ମଣ୍ଡଳ, କଣ୍ଟେଶ୍ ପୋଟଲା ମହିଳା ନେତ୍ରୀ ପ୍ରଶାନ୍ତି ଲତା ବିଶୋଇ, ଗାନ୍ଧୀ ପଣ୍ଡା, ରାଜେନ୍ଦ୍ର ଖସଲା, ସମେଶ ବାଗ ପ୍ରମୁଖଙ୍କ ସହ ସମସ୍ତ ନେତୃବୃନ୍ଦ, ନିର୍ବାଚିତ ପ୍ରତିନିଧି ବୃନ୍ଦ ଓ ସକ୍ରିୟ ସଦସ୍ୟା, ସଦସ୍ୟ ତଥା ଦଳର ପ୍ରମୁଖ ଛାମୁଆ ସଂଗଠନ ଯଥା ବିଜୁ ଯୁବ ଜନତା, ଛାତ୍ର ଜନତା ଓ ମହିଳା ଜନତା ଦଳର ଏବଂ ବିଭିନ୍ନ ସାମ୍ମୁଖ୍ୟର ଆଗୁଆ ସାଥୀମାନେ ଜୟନ୍ତୀ ସଭା / ଆଲୋଚନାଚକ୍ର ମାଧ୍ୟମରେ 'ସମୃଦ୍ଧ ଓଡିଶା ଗଠନରେ ବିଜୁ ବାବୁଙ୍କ ଅବଦାନ' ସଂପର୍କରେ ଆଲୋଚନା କରିଛନ୍ତି । ବିଜୁ ବାବୁ ଓ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ପଡିଆ ବ୍ଲକ ର ବିଜେପିର ସକ୍ରିୟ ନେତା ବିଜେପି ଛାଡି ସୁକୁମାର ଘୋଷ ଆଜି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି ।

# ଚୋରାମଦ ଜବତ, ୩ ଗିରଫ

ଜୟପୁର: ଦେଶୀ ଓ ବିଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢଉ କରି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ୩ ଅଭିଯୁକ୍ତ ହେଲେ ସଲପିଆଗୁଡା ଗ୍ରାମର ରାମ ଚନ୍ଦ୍ର ଅମନାତ୍ୟ ଓ ଗୁରୁ ଅମନାତ୍ୟ, ସାନ ମୁଣ୍ଡାପଦର ଗ୍ରାମର ଦିନୁ ଖସୋଲା । ସୂଚନା ଅନୁଯାୟୀ, ଦେଶି ମଦ ଚାଲାଣ ହେଉଥିବା ଖବର ପାଇ ଜୟପୁର ଅବକାରି ଥାନା ପକ୍ଷରୁ ସନପିଆଗୁଡା ଓ ସାନ ମୁଣ୍ଡାପଦର ଗ୍ରାମରେ ଚଢଉ କରାଯାଇଛି । ଚଢଉ କରି ୧୭ ଲିଟର ଦେଶି ମଦ ଓ ୮.୪୫ ଲିଟର ବିଦେଶି ମଦ ଜବତ କରିଛି । ଗିରଫ ୩ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚନା ଦେଇଛନ୍ତି ।

# ବଂସରା କଲ୍ୟାଣ ଆଶ୍ରମରେ ଶୈକ୍ଷିକ କର୍ମଶାଳା

ସମ୍ବଲପୁର: ସମ୍ବଲପୁର ଜିଲ୍ଲା ବରଗାଁ ନିକଟସ୍ଥ ବଂସରା କଲ୍ୟାଣ ଆଶ୍ରମ ଠାରେ ସମ୍ପ୍ରତି ପଂଚମ ମାସ ଶୈକ୍ଷିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସାମୁହିକ ପ୍ରାର୍ଥନା ପରେ ନୈତିକ ଶିକ୍ଷା ଆଧାରରେ ଗତ ମାସ ର ଶିକ୍ଷାଦାନ ଉପରେ ଆଲୋଚନା ହୋଇଥିଲା, ଶିକ୍ଷାବିଦ ରାଜେନ୍ଦ୍ର ପଣ୍ଡା ଅଧିବେଶନ ଆରମ୍ଭକରି ପିଲାଙ୍କୁ ଗପ କହିବାର କୌଶଳ ଉପରେ ଶିକ୍ଷାଦାନ କରି ଆଗାମୀ ଦିନ ସମସ୍ତେ ଗପ ପଢ଼ି ତାକୁ ସାଙ୍ଗ ସାଥି ଙ୍କୁ ଘରେ କିମ୍ବା ସ୍କୁଲ ରେ କହିବାକୁ ପ୍ରୋତ୍ସାହିତ କରିଥିଲେ ।ଆମେରିକା ର ପ୍ରବାସୀ ଅଜିତ କୁମାର ବେହେରା ପିଲାମାନଙ୍କୁ ଆମେରିକା ର ସ୍କୁଲ ଓ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ ।ସମସ୍ତେ ପରିବାର ଶରୀର ର ଯତ୍ନ ଓ ପରିଷ୍କାର ପରିଚ୍ଛନ୍ନତା ତଥା ଆଚରଣ ଶୃଙ୍ଖଳା ଓ ସକରାତ୍ମକ ଚିନ୍ତାଧାରା ନେଇ କାମ କରବାକୁ , ପ୍ରୋଫେସର ସଚ୍ଚିନ୍ଦ୍ର କୁମାର ମିଶ୍ର, ଆଶ୍ରମ ର ସଭାପତି ରାହସ ବିହାରୀ ପଣ୍ଡା ପ୍ରମୁଖ ବିଭିନ୍ନ ଦିଗ ଉପରେ ପିଲାଙ୍କ ସହ ଆଲୋଚନା କରିଥିଲେ । କର୍ମଶାଳା ରେ ଦଶ ଜଣ ବାପ ଛେଉଣ୍ଡ ଝିଅ ଓ ଦୁଇଜଣ ପୁଅ ନିଜ ନିଜ ମା ମାନଙ୍କ ସହ ଉପସ୍ଥିତ ଥିଲେ । ମା ମାନେ ଘରେ ପିଲାଙ୍କ ପାଠପଢା ଦେଖିବା ସହ ସଂସ୍କାର କିପରି ଦେବେ ସେ ବିଷୟ ରେ କାର୍ଯ୍ୟକ୍ରମର ଉଦ୍ୟୋକ୍ତା ଇ,ବିଭୁତି ନାରାୟଣ ମାଝୀ, ପିଲାଙ୍କୁ ବୁଝେଇ ଏ ଦିଗ ରେ ମା' ନେ ଧ୍ୟାନ ଦେବାକୁ କହିଥିଲେ ।ଏହି ଅବସରରେ ଆୟୋଜକ ମାନଙ୍କ ତରଫରୁ ଉପସ୍ଥିତ ଛାତ୍ରଛାତ୍ରୀ ଙ୍କୁ ସ୍କୁଲ ବେଗ,ଖାତା ,ଓ କଲମ ବଂଟନ କରାଯାଇଥିଲା । ଜାତୀୟ ସଙ୍ଗୀତ ଓ,ହନୁମାନ ଭଜନ ସହ ପ୍ରସାଦ ସେବନ ପରେ କାର୍ଯ୍ୟକ୍ରମର ସମାପ୍ତି ଘଟିଛି,ସୀତା ରାମ ଷଡ଼ଙ୍ଗୀ, କାର୍ଯ୍ୟକ୍ରମରେ ଦୟାରାମ ବାଦୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଆରମ୍ଭରୁ କବି ସ୍ୱର୍ଗତ ରାଜେନ୍ଦ୍ର କିଶୋର ପଣ୍ଡା ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ଏହି ଶୈକ୍ଷିକ କର୍ମଶାଳା ପ୍ରତ୍ୟେକ ମାସ ଶେଷ ରବିବାର ଦିନ ଅନୁଷ୍ଠିତ ହୋଇ ଆସୁଅଛି ।

# ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ

କେନ୍ଦୁଝର: ସ୍ଥାନୀୟ ପିଏମ୍‌ଶ୍ରୀ ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟ କେନ୍ଦୁଝରରେ ଜିଲ୍ଲା ସ୍ତରୀୟ ପିଏମ୍ ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଥିବା ୧୯ ଟି ପିଏମ୍ ଶ୍ରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏହି ଉତ୍ସବରେ ଆକାଂକ୍ଷୀ ମେଳା,ଟ୍ୟାଲେଣ୍ଟ ଗ୍ୟାଲେରୀ,ଦୋକାନ ଯାତ୍ରା,କ୍ୟାରିଅର ମେଳା,ଛାୟା ସଂସଦ ରେ ୧୯ଟି ପିଏମ୍ ଶ୍ରୀ ବିଦ୍ୟାଳୟର ପ୍ରାୟ ୮୫୦ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ । ଏହି ଉତ୍ସବରେ ଜିଲ୍ଲାର ସାଂସଦ,ସମସ୍ତ ବିଧାୟକ, ଜିଲ୍ଲା ପରିଷଦ ଅଧକ୍ଷା, କେନ୍ଦୁଝରଗଡ଼ ପୌରପାଳିକା ଅଧକ୍ଷା,ଜିଲ୍ଲାପାଳ ଯୋଗଦାନ କରିଥିଲେ । ଏହି ପିଏମ୍‌ଶ୍ରୀ ଉତ୍ସବରେ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ ।

# କନିଷ୍ଠ ଶିକ୍ଷକସଂଘର ଜିଲ୍ଲାସ୍ତରୀୟ ବନ୍ଧୁମିଳନ

କେନ୍ଦୁଝର: କନିଷ୍ଠ ଶିକ୍ଷକ ସଂଘ(ଓଜେଟିଏ) କେନ୍ଦୁଝରର ଜିଲ୍ଲା ସ୍ତରୀୟ ଏବଂ ବ୍ଲକ ସ୍ତରୀୟ ନେତୃତ୍ୱଙ୍କୁ ନେଇ ଏକ ବନ୍ଧୁମିଳନ ଓ ସାଙ୍ଗଠନିକ ବୈଠକ ଘଟଗାଁ ବ୍ଲକ ଅନ୍ତର୍ଗତ ପିପିଳିଆ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ସଂଘର ସୁଦୃଢ଼ୀକରଣ, ଜିଲ୍ଲା ଓ ବ୍ଲକ ନେତୃତ୍ୱଙ୍କ ମଧ୍ୟରେ ସୁସମ୍ପର୍କ ରକ୍ଷା, ନିୟମିତ ପାଇଁ ପଦକ୍ଷେପ ଓ ସଂଘର ଆଗାମୀ କାର୍ଯ୍ୟଯୋଜନା ସମ୍ବନ୍ଧୀୟ ବିଶେଷ ଆଲୋଚନା ହୋଇଥିଲା । ଏହି ଅବସରରେ ଓଜେଟିଏ କେନ୍ଦୁଝରର ଜିଲ୍ଲା ସଭାପତି ସତ୍ୟବ୍ରତ ଜେନାଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ, ପ୍ରବିର କୁମାର ସାହୁଙ୍କ ଦ୍ୱାରା ଅତିଥି ପରିଚୟ ପ୍ରଦାନ ଠାରୁ ସଭା ଆରମ୍ଭ ହୋଇ ସଭା ପ୍ରାରମ୍ଭରେ ସଂଘର ଯୁଗ୍ମ କାର୍ଯ୍ୟକାରୀ ସଭାପତି ଚୟନ, ଜିଲ୍ଲା ମହିଳା ସଂଯୋଜିକା, ସଂଯୋଜକ, ନୂତନ ଭାବେ କୋଷାଧ୍ୟକ୍ଷ ଓ ସହ କୋଷାଧ୍ୟକ୍ଷ ଚୟନ, ଜିଲ୍ଲା କୋର କମିଟି ଗଠନ ଆଦି ପରେ ବିଶେଷ ଆଲୋଚନା ତତ ସହିତ ସମସ୍ତଙ୍କ ଦ୍ୱାରା ପରିଚୟ ପ୍ରଦାନ ଏବଂ ପରିଶେଷରେ ଭୋଜନ ଗ୍ରହଣ ଓ ବିଦ୍ୟାଳୟ ଅନ୍ତେବାସୀ ଛାତ୍ରଛାତ୍ରୀଙ୍କୁ ପୁସ୍ତକ, ଖାତା, କଲମ, ପ୍ଲେଟ ବଂଟନ ପରେ ସେହି ବିଦ୍ୟାଳୟର ଶିକ୍ଷକ ଅମିତ ଦାସଙ୍କୁ ଓ ଓଜେଟିଏ ଘଟଗାଁକୁ ଧନ୍ୟବାଦ ପୂର୍ବକ ସଭା ସାଙ୍ଗ କରାଯାଇଥିଲା ।

ଏହି ସଭାରେ ଜିଲ୍ଲା ସ୍ତରୀୟ ନେତୃବୃନ୍ଦ ମଧ୍ୟରେ ଅକ୍ଷୟ କୁମାର ସାହୁ, ଶୁଭଶ୍ରୀ ପ୍ରଧାନ, ଶୁଭଶ୍ରୀ ମହାନ୍ତି, ଉର୍ମିଳା ମହାନ୍ତି ଏବଂ ବ୍ଲକ ନେତୃତ୍ୱ ମଧ୍ୟରେ ଶଶିକାନ୍ତ ହୋତା, ବଳରାମ ସାହୁ, ରୋହିତ ମହାନ୍ତି, ଶିବ କୁମାର ପରମାଣିକ, ବିଦ୍ୟାଧର ସାହୁ, ତନ୍ମୟ କୁମାର ପାଗଳ, କଲ୍ୟାଣୀ ପତି, ଶାଶ୍ୱତ ସୌମ୍ୟ ଜେନା, ପ୍ରଦ୍ୟୁମ୍ନ କୁମାର ବାରିକ, ସୁବର୍ଣ୍ଣେଶ୍ୱର ଜେନା, ରାକେଶ ରଞ୍ଜନ ମଲ୍ଲିକ, ଦେବସ୍ମିତା ମହାନ୍ତି, ପ୍ରଭାସିନୀ ନାହାକ, ବିଷ୍ଣୁପ୍ରିୟା ବେହେରା, ସସ୍ମିତା ପ୍ରଧାନ, ସମ୍ମାନ ଖଣ୍ଡେଇ, ଚନ୍ଦ୍ରଶେଖର ପାତ୍ର, ବିକାଶ କୁମାର ସାହୁ, କ୍ଷୀରୋଦ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ଯୁବକଂଗ୍ରେସ ନେତାଙ୍କ ଦେହାନ୍ତରେ ଶୋକ



ବଲାଙ୍ଗିର,(ପିପିଏସ୍): ବଲାଙ୍ଗିର ସହରର ଟିକ୍ରାପଡା ନିବାସୀ ଏବଂ କଂଗ୍ରେସ ଦଳର ଯୁବନେତା ସନୋଜ ପଟ୍ଟନାୟକଙ୍କ ଅକାଳ ଦେହାନ୍ତ ଘଟିଥିବା ଖବର ପ୍ରକାଶ ପାଇବା ପରେ ସମଗ୍ର ଅଂଚଳରେ ଗଭୀର ଶୋକର ଛାୟା ଖେଳିଯାଇଥିଲା । ସେ ଦଳର ଜଣେ ସକ୍ରିୟ କର୍ମୀ ଭାବେ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଦିର୍ଘଦିନ ଧରି କାର୍ଯ୍ୟ କରୁଥିଲେ ଏବଂ ସ୍ଥାନୀୟ ଯୁବମାନଙ୍କ ମଧ୍ୟରେ ଜଣେ ପରିଚିତ ମୁହଁ ଥିଲେ । ତାଙ୍କ ଅକାଳ ବିୟୋଗରେ ଦଳୀୟ କର୍ମୀ, ମିତ୍ରମଣ୍ଡଳୀ ଓ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଦୁଃଖ ଓ ଶୋକ ପ୍ରକାଶ ପାଇଛି । ତାଙ୍କ ଅସମୟରେ ପରଲୋକଗମନ ରେ ଆତ୍ମାର ସଦ୍‌ଗତି କରି ଆଜି ବଲାଙ୍ଗିର ସ୍ଥିତ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଏକ ଶୋକ ସଭା ଆୟୋଜନ ହୋଇଥିଲା । ଏହି ଶୋକ ସଭାରେ ବିଭିନ୍ନ ଦଳୀୟ ନେତା, କର୍ମୀ, ସମାଜସେବୀ ଏବଂ ସାଧାରଣ ଲୋକମାନେ ଯୋଗଦେଇ ସ୍ୱର୍ଗତ ସନୋଜ ପଟ୍ଟନାୟକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ତାଙ୍କ ଅକାଳ ବିୟୋଗରେ ଏକ ଉଦୀୟମାନ ଯୁବ ନେତୃତ୍ୱ କୁ ଅଂଚଳ ହରାଇଛି ବୋଲି ବହୁ ନେତା ପ୍ରକାଶ କରିଛନ୍ତି । ଆଜିର ଏହି ଶ୍ରଦ୍ଧାଞ୍ଜଳି ସଭାରେ ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ମନୀଷ ମିଶ୍ର, ଜୁଲୁ ପଟ୍ଟନାୟକ, ସାନନ୍ଦ ମିଶ୍ର, କୈଳାସ ମିଶ୍ର, ଚିନ୍ମୟ ବେହେରା ପ୍ରଭୃତି ଉପସ୍ଥିତ ଥିଲେ ଓ ଦିବଂଗତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ଇଞ୍ଜିନିୟର ସେବାସଂଘର ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ

ମାଲକାନଗିରି : ମାଲକାନଗିରିସ୍ଥିତ ଇଂଜିନିୟର ସେବା ସଂଘ ଭବନରେ ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଓଡିଶା ଡିପ୍ଲୋମା ସେବା ସଂଘର ସଭାପତି ଇଂ ଶ୍ରୀକାନ୍ତ ମହାପାତ୍ର ଯୋଗ ଦେଇଥିବା ବେଳେ ମାଲକାନଗିରି ଶାଖାର ମଣ୍ଡଳ ସଭାପତି ଇଂ କୃତିବାସ ନାୟକ ସଭା ପରିଚାଳନା କରିଥିଲେ । କର୍ତ୍ତକର୍ତ୍ତା ନିର୍ବାଚନରେ ସଭାପତି ଭାବେ ଇଂ ପ୍ରଶାନ୍ତ କୁମାର ବେହେରା ନିର୍ବାଚିତ ହୋଇଥିବା ବେଳେ ସଂପାଦିକା ଭାବେ ସୁଦୀପ୍ତା ସାହୁ, ଉପସଭାପତି ଭାବେ ଇଂ ଚୈତନ ସାଗର, କୋଷାଧ୍ୟକ୍ଷ ଭାବେ ଦୀନବନ୍ଧୁ ସାମନ୍ତ, ଅତିରିକ୍ତ ସଂପାଦକ ବାବେ ଇଂ ମଳୟ ମିସ୍ତ୍ରୀ, ସାଂଗଠାନିକ ସଂପାଦକ ଭାବେ ଇଂ ସନାତନ ମାଝୀ, ଉପଦେଷ୍ଟା ଭାବେ ଇଂ କାର୍ତ୍ତିକ ନାୟକ ଏବଂ ଇଂ ପି.ସୋରେନଙ୍କୁ ନିରୀକ୍ଷକ ଭାବେ ନିର୍ବାଚିତ କରାଯାଇଥିଲା । ପରେ ଆୟୋଜିତ ସାଧାରଣ ସଭାରେ ୨୦୨୫ରେ ନିର୍ବାଚିତ ହୋଇଥିବା ନୂତନ କର୍ମକର୍ତ୍ତାଙ୍କୁ ସଂଘର ବିଶେଷତା, ସଂଗଠନରେ ଶୃଙ୍ଖଳା ଏବଂ କିପରି ସଂଗଠନକୁ ସୁଦୃଢ଼ କରାଯିବ ସେନେଇ ଆଲୋଚନା କରାଯାଇଥିଲା ।ନୂତନ ଭାବେ ଇଂଜିନିୟରମାନଙ୍କୁ ସଦସ୍ୟତା ପ୍ରଦାନ କରାଯାଇଥିଲା । ସଭାପତି ଭାବେ ନିର୍ବାଚିତ ହୋଇଥିବା ପ୍ରଶାନ୍ତ ବେହେରା ସଂଘକୁ ଆଗକୁ ନେବାକୁ ସମସ୍ତ ସହଯୋଗ କରିବା ସହ ସଂଘର ସମସ୍ତ କର୍ତ୍ତକର୍ତ୍ତା ଏବଂ ସଦସ୍ୟଙ୍କ ସହଯୋଗ କାମନା କରିଥିଲେ । ଏହି ସଭାରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ, ପଞ୍ଚାୟତରାଜ, ଜଳଯୋଗାଣ, ଜଳସେଚନ, ଆଇଟିଡିଏ ସମେତ ବହୁ ବିଭାଗର ଡିପ୍ଲୋମା ଇଂଜିନିୟରମାନେ ଯୋଗ ଦେଇଥିଲେ । ଇଂ ମଳୟ ମିସ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କାର୍ ଚଢ଼ାଇ ଘରୋଇ ସହାୟିକାଙ୍କୁ ହତ୍ୟା, ଜଣେ ଗିରଫ

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀର ମଧୁସୂଦନ ନଗର ଅଞ୍ଚଳରେ ଅମାନବୀୟ ଘଟଣା ଘଟିଛି। କାର୍ ଚଢ଼ାଇ ଘରୋଇ ସହାୟିକାଙ୍କୁ ହତ୍ୟା କରିଛି ମାଲିକ। ମୃତା ମହିଳା ହେଲେ ଫୁଲବାଣୀ ଜିଲ୍ଲା ଗୋଛାପଡ଼ା ଥାନା ଅଞ୍ଚଳର ସୁମିତ୍ରା ଦିଗାଲ (୬୨)। ସୁମିତ୍ରାଙ୍କ ଭାଇ ପିତବାସଙ୍କ ଅଭିଯୋଗ ଆଧାରରେ ଖାରବେଳ ନଗର ଥାନା ପୁଲିସ ମାମଲା ରୁଜୁ କରି ମାଲିକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି, ମଧୁସୂଦନ ନଗରରେ ରହୁଥିବା ବାଲିଅନ୍ତା ଥାନା ଆଣ୍ଡୁଆରିର ପ୍ରଦୀପ୍ତ କୁମାର ଦାସ (୬୬)। ପୁଲିସ ସୂଚନାନୁଯାୟୀ, ସୁମିତ୍ରା ଦୀର୍ଘ ଦେଢ଼ବର୍ଷ ହେବ ପ୍ରଦୀପ୍ତଙ୍କ ଘରେ ଘରୋଇ ସହାୟିକା ଭାବେ କାମ କରୁଥିଲେ। ବୁଧବାର ସକାଳ ସମୟରେ ସୁମିତ୍ରା ଦାଣ୍ଡରେ ଝାଡୁ ମାରୁଥିବା ବେଳେ ପ୍ରଦୀପ୍ତ କାର୍ ବ୍ୟାକ୍ କରୁଥିଲେ। ହଠାତ୍ ଗାଡ଼ିଟି ସୁମିତ୍ରାଙ୍କ ଉପରେ ଚଢ଼ିଯିବା ସହ ଗୋଡ଼, ଛାତି ଓ ମୁଣ୍ଡରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ପ୍ରଦୀପ୍ତଙ୍କ ଭାଇମାନେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ



ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଭଉଣୀ ପାହାଡ଼ରୁ ପଡ଼ି ମୃତ୍ୟୁବରଣ କରିଥିବା ପ୍ରଦୀପ୍ତ ଫୋନ୍ କରି ପୀତବାସଙ୍କୁ ଜଣାଇଥିଲେ। ପିତବାସ ଆସି ପହଞ୍ଚିବା ବେଳକୁ ସୁମିତ୍ରାଙ୍କ ଗୋଡ଼ ଓ ଛାତିରେ ଟାୟାର ଦାଗ ଦେଖିଥିଲେ। ମାଲିକ ପ୍ରଦୀପ୍ତ କାର୍ ଚଢ଼ାଇ ସୁମିତ୍ରାଙ୍କୁ ହତ୍ୟା କରିଥିବା ସ୍ଥାନୀୟ ଅଞ୍ଚଳରେ କାମ କରୁଥିବା ତାଙ୍କର ଜଣେ ଗ୍ରାମବାସୀଙ୍କ ଠାରୁ ପୀତବାସ ଜାଣିବାକୁ ପାଇଥିଲେ।

ପୀତବାସଙ୍କ ଅଭିଯୋଗ ଆଧାରରେ ଖାରବେଳ ନଗର ଥାନା ପୁଲିସ ହତ୍ୟା ମାମଲା ରୁଜୁ କରିଥିଲା। ସୁମିତ୍ରାଙ୍କ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ତଦନ୍ତ ବେଳେ ତାହା ହତ୍ୟା ନୁହେଁ, ବରଂ କଲପେବଲ୍ ହୋମିସାଇଡ୍ ବୋଲି ପୁଲିସ ଜାଣିବାକୁ ପାଇଥିଲା। ପ୍ରଥମରୁ ହତ୍ୟା ମାମଲା ରୁଜୁ କରିଥିବା ପୁଲିସ ପରବର୍ତ୍ତୀ ସମୟରେ କଲପେବଲ୍ ହୋମିସାଇଡ୍ ଦଫାକୁ ପରିବର୍ତ୍ତନ କରିଥିଲା। ଅଭିଯୁକ୍ତ ପ୍ରଦୀପ୍ତଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ଦୁର୍ଘଟଣାଗ୍ରସ୍ତ କାର୍ ଓ ମୋବାଇଲ ଫୋନ୍ ଜବତ କରିଥିଲା।

## କଂଗ୍ରେସ ନେତାଙ୍କୁ ଉଠାଇନେଲା ପୁଲିସ

**ଭୁବନେଶ୍ୱର (ପିପିଏସ୍):** କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଓଡ଼ିଶା ଗସ୍ତ ପୂର୍ବରୁ ଯୁବ କଂଗ୍ରେସକୁ ପୁଲିସର ଟାର୍ଗେଟ। ଯୁବ କଂଗ୍ରେସ କର୍ମୀମାନଙ୍କୁ ଖୋଜି ଖୋଜି ପୁଲିସ ଉଠାଇ ନେଉଛି। କାହାକୁ ବିମାନବନ୍ଦରରୁ ଉଠାଇ ନେଇଛି ତ ଆଉ କିଏ ଘରେ ଖାଉଥିଲା ବେଳେ ତାଙ୍କୁ ଉଠାଇ ନେଇଛି। ବଡ଼ ନେତାଙ୍କୁ ଅସ୍ଥାୟୀ ଭାବେ ଥାନାରେ ରଖାଯାଉଥିଲା ବେଳେ ଛୋଟ ନେତାମାନଙ୍କୁ ଅଜ୍ଞାତ ସ୍ଥାନରେ ରଖାଯାଉଛି। ଥାନାରେ ଖାଅ, ପିଇ ଆଉ କ୍ରିକେଟ୍ ଖେଳ ଦେଖ ପଛେ କିନ୍ତୁ ସାମ୍ନାରେ ରୁହ। ଏହି କ୍ରମରେ ପୁଲିସ ପ୍ରଥମେ ଦିଲ୍ଲୀରୁ ଫେରୁଥିବା ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କୁ ପୁଲିସ ଭୁବନେଶ୍ୱର ବିମାନ ବନ୍ଦରରୁ ଉଠାଇ ନେଇ କ୍ୟାପିଟାଲ ଥାନାରେ ଅଟକ ରଖିଥିଲା। ଏହାପରେ ଯୁବଛାତ୍ର ନେତା ସୁଦୀପ ସାମଲ, ବଳରାମ ନନ୍ଦ, ସୁରଜ ରାଉତ ଏବଂ ବିରଞ୍ଚି ବାରିକଙ୍କୁ ଉଠାଇ ନେଇଥିଲା। ଖବରଲେଖା ବେଳେ ଯୁବ କଂଗ୍ରେସ କର୍ମୀଙ୍କ ଆଗୁଆ ଗିରଫଦାରୀ ୫ରହିଥିଲା ବେଳେ ଏହି ସଂଖ୍ୟା ରାତି ମଧ୍ୟରେ ବୃଦ୍ଧି ପାଇବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

## ପେଟ୍ରୋଲ୍ ପମ୍ପ ନିକଟରେ ଗଣ୍ଡଗୋଳ କରି ୨ ଗିରଫ

**ଭୁବନେଶ୍ୱର (ପିପିଏସ୍):** ଧଉଳି ଥାନା ନୂଆଗାଁ ପେଟ୍ରୋଲ ପମ୍ପ ନିକଟରେ ସାମାନ୍ୟ ବଚସାରେ ୨ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ଘଟଣାରେ ପୁଲିସ ୨ ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶିଶୁପାଳଗଡ଼ ଜେନାସାହିର ହାପି ଓରଫ ଲିଟନ ଜେନା ଏବଂ ଚନ୍ଦନ ଦାସ। ଗତକାଲି ଗଣେଶ ପ୍ରସାଦ ମୁଖୀ ନାମକ ଜଣେ ଯୁବକ ସ୍କୁଟିରେ ତାଙ୍କ ଘରୁ ବାହାରି ଧଉଳି ଅଞ୍ଚଳ ଅଭିମୁଖେ ଯାଉଥିବା ସମୟରେ ନୂଆଗାଁ ଯେଟ୍ରୋଲ ପମ୍ପ ସମ୍ମୁଖରେ ଏକ ଅଜଣା କାର ଦ୍ରୁତ ଗତିରେ ତାଙ୍କୁ ସାଇଡ ମାରିଥିଲା। ଫଳରେ ଏକ ବଡ଼ ଦୁର୍ଘଟଣାରୁ ସାମାନ୍ୟ ବର୍ତ୍ତି ଯାଇଥିଲେ ଗଣେଶ। ଏହାକୁ ନେଇ ଗଣେଶ ଓ କାର ଚାଳକଙ୍କ ମଧ୍ୟରେ ଉଗ୍ର ଯୁକ୍ତିତର୍କ ହୋଇଥିଲା। ବଚସା ସମୟରେ କାରରେ ବସିଥିବା ହାପି ଓ ଚନ୍ଦନ ଗଣେଶଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ହାପି ଓ ଚନ୍ଦନ ଗଣେଶଙ୍କ ମୁଣ୍ଡକୁ ଇଟାରେ ଆକ୍ରମଣ କରିଥିଲେ। ଯାହା ଫଳରେ ଗଣେଶ ରକ୍ତାକ୍ତ ହେବାସହ ଆଘାତ ପାଇଥିଲେ। ଖବରପାଇ ପୁଲିସ ଆହତ ଗଣେଶଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ରାଜଧାନୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

## ଯାତ୍ରାରେ ଗଣ୍ଡଗୋଳ ବନ୍ଧାହେଲେ ୪

**ଭୁବନେଶ୍ୱର (ପିପିଏସ୍):** ଧଉଳି ଥାନା ଲିଙ୍ଗିପୁର ଗ୍ରାମରେ ମେଳଣ ପଡିଆରେ ଚାଲିଥିବା ଯାତ୍ରାପାର୍ଟିରେ ବିଶୃଙ୍ଖଳା କରିବା ଅଭିଯୋଗରେ ପୁଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ଶିଶୁପାଳଗଡ଼ ଅଞ୍ଚଳର କୁନୁ ଓରଫ ଅନୀଲ କୁମାର ସୁନ୍ଦରାୟ, ଗଙ୍ଗୋତ୍ରୀନଗର ଲେନ-୧ ର ପିଙ୍କୁ ଓରଫ ଦେବେନ୍ଦ୍ର ନାଥ ଗୌଡ଼, ଲିଙ୍ଗରାଜ ଥାନା ମହାବୀର ନଗର ଅଞ୍ଚଳର ସ୍ୱସ୍ତିକ ନାୟକ ଏବଂ ନୂଆଗାଁ ଅଞ୍ଚଳର ଗୁଡୁ ଓରଫ ଆଶୁତୋଷ ଜେନା। ଖବରନେବାରେ ଜଣାପଡିଛି ବୁଧବାର ରାତିରେ ଲିଙ୍ଗିପୁର ମେଳଣ ଉପଲକ୍ଷେ ଏକ ଯାତ୍ରାପାର୍ଟି ନାଟକ ପରିବେଷଣ ହେଉଥିଲା। ରାତି ପ୍ରାୟ ସାଢେ ୧ ଟାରେ ଉପରୋକ୍ତ ଯୁବକ ଏକ ଜିପ୍ ଓ ମୋଟର ସାଇକେଲରେ ସଭାସ୍ଥଳକୁ ଆସି ଯାତ୍ରା କମିଟି ଦ୍ୱାରା ଲଗାଯାଇଥିବା ବ୍ୟାରିକେଡ୍



ଭାଙ୍ଗି ସେମାନଙ୍କ ଗାଡ଼ି ସହିତ ନିଷିଦ୍ଧାଞ୍ଚଳରେ ଜୋରଜବରଦସ୍ତ ପ୍ରବେଶ କରିଥିଲେ। ଏଥିରେ କମିଟି ସଦସ୍ୟମାନେ ପ୍ରତିବାଦ କରିବାରୁ ସମ୍ପୃକ୍ତ ଯୁବକମାନେ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ସେମାନଙ୍କର ଆକ୍ରମଣାତ୍ମକ ଆଚରଣ ଯୋଗୁଁ ସମବେତ ଜନସାଧାରଣଙ୍କ ମଧ୍ୟରେ ଆତଙ୍କ ଓ ଭୟଭୀତ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିସହ ଉକ୍ତ ସ୍ଥାନରେ ଶାନ୍ତିଶୃଙ୍ଖଳା ବ୍ୟାହତ ହୋଇଥିଲା। ଖବରପାଇ ଧଉଳି ଥାନା ପୁଲିସ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ଏଥିସହ ତାଙ୍କ ବ୍ୟବହୃତ ମହିନ୍ଦ୍ରା ଜିପ, ଗୋଟେ ମୋଟର ସାଇକଲ ଏବଂ ତେଲେଙ୍ଗାନା କଟୁରି ଜବତ କରିଛି।

## ୨୬ରେ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା

**ଭୁବନେଶ୍ୱର (ପିପିଏସ୍):** ଆସନ୍ତା ୨୬ ତାରିଖ ଚୈତ୍ର ଶୁକ୍ଳ ଅଷ୍ଟମୀ ତିଥିରେ ବା ଅଶୋକାଷ୍ଟମୀ ପର୍ବରେ ଏକାମ୍ରକ୍ଷେତ୍ରରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବିଶ୍ୱପ୍ରସିଦ୍ଧ ରୁକୁଣା ରଥଯାତ୍ରା ପାଳନ କରାଯିବ। ଗୁରୁବାର ଲିଙ୍ଗରାଜଙ୍କ ରଥଖଳାରେ ରୁକୁଣା ରଥ ନିର୍ମାଣ ଅନୁକୂଳ ପୂଜା ସମ୍ପନ୍ନ ହୋଇଯାଇଛି। ବଲ୍ଲଭ ଓ ସକାଳ ଧୂପ ନୀତି ଶେଷ ହେବା ଲିଙ୍ଗରାଜଙ୍କ ରଥଖଳାକୁ ଆସିଥିଲା। ପରେ ପୂଜାପଣ୍ଡା ସେବାୟତ ରଥକାଠ ନିକଟରେ ଅନୁକୂଳ ପୂଜା ଓ ଆଳତି କରିଥିଲେ। ଶେଷରେ ରଥ ନିର୍ମାତା ଭୋଇ ମହାରଣା ସେବକ ବାରିସିରେ ଚୋଟ ମାରି ଖଳାରେ ରଥକାମ ଅନୁକୂଳ କରିଥିଲେ। ରଥକାଠ ଅନୁକୂଳ ପୂଜା ସମୟରେ ମନ୍ଦିର କାର୍ଯ୍ୟାଳୟ ସହକାରୀ ପ୍ରଶାସକ, ନୀତି ସୁପରଭାଇଜର ରାଜକିଶୋର ମହାପାତ୍ର, ପାଳିଆ ପୂଜାପଣ୍ଡା, ପତ୍ରି ଓ ଗରାବଡୁ ସେବାୟତଙ୍କ ସହ ଅନ୍ୟ ଅଧିକାରୀ ଉପସ୍ଥିତ ରହିଥିଲେ। ଚଳିତ ବର୍ଷ ରୁକୁଣା ରଥର ନିର୍ମାଣ ଲାଗି ସମୁଦାୟ ୬୦ ରୁ ୬୫ ମହାରଣା ଓ ବେହେରା ସେବାୟତ ରଥଖଳାରେ ରଥ ନିର୍ମାଣରେ ନିୟୋଜିତ ରହିବେ। ରଥ ନିର୍ମାଣ ଅନୁକୂଳ ନୀତି ସମ୍ପନ୍ନ ହେବା ପରେ କାଲିଠୁ କିଛି ମହାରଣା ଓ ସେବାୟତଙ୍କୁ ନେଇ ରଥ କାମ ଆରମ୍ଭ ହେବ। ବାହାରର ଅନ୍ୟ ମହାରଣା ଓ ବେହେରା ସେବାୟତମାନେ ଆସି ଦୁଇ ଦିନ କିମ୍ବା ତିନିଦିନ ଭିତରେ ରଥ ନିର୍ମାଣ କାର୍ଯ୍ୟରେ ଯୋଗଦେବେ ବୋଲି ସୋମନାଥ ମହାରଣା କହିଛନ୍ତି। ସେ ଆହୁରି ମଧ କହିଛନ୍ତି ହାତରେ ଦିନ କମ୍ ରହିଥିବାରୁ ଦିନରାତି ରଥ କାମ କରି ୨୪ ତାରିଖ ସନ୍ଧ୍ୟା ସୁଦ୍ଧା ରଥ ନିର୍ମାଣ ଶେଷ କରି ମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯିବ ବୋଲି ସେ କହିଛନ୍ତି।

## ‘ଏପଷ୍ଟିନ ଫାଇଲ’ ଶୀର୍ଷକ ଆଲୋଚନା

**ଭୁବନେଶ୍ୱର(ପିପିଏସ୍):** ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଓଡ଼ିଶା ରାଜ୍ୟ ପରିଷଦ ଆହ୍ୱାନରେ ଭଗବତୀ ଭବନଠାରେ ‘ଏପଷ୍ଟିନ ଫାଇଲ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଆନ୍ତର୍ଜାତିକ ବ୍ୟାପାର ବିଶେଷଜ୍ଞ ପ୍ରଫେସର ମାନସ ବେହେରା, ‘ଛାଇ’ ଓଡ଼ିଶାର ସମ୍ପାଦକ ସତୀଶ ମିଶ୍ର, ସିପିଆଇର ରାଜ୍ୟ ସହସମ୍ପାଦକ ଜୟନ୍ତ ଦାସ, ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଦୁଷ୍ମନ୍ତ ଦାସ, ସିଆଇ (ଏମ୍ଏଲ) ଲିବରେସନ ରାଜ୍ୟ ନେତା ରାଧାକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଇରାନ ଉପରେ ବର୍ବର ଆକ୍ରମଣକୁ ବିରୋଧ କରି ବିକ୍ଷୋଭ

**ଭୁବନେଶ୍ୱର (ପିପିଏସ୍):** ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁ ଏବଂ ଇରାନ୍ ଉପରେ ଆକ୍ରମଣକୁ ନେଇ ସିପିଆଇ (ଏମଏଲ) ଓଡ଼ିଶା ଦୃଢ଼ ନିନ୍ଦା କରିଛି। ରାଜ୍ୟ କମିଟି ପକ୍ଷରୁ ଗୁରୁବାର ମାଷ୍ଟର କ୍ୟାଣ୍ଟିନ୍ ଠାରେ ବିକ୍ଷୋଭ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଏହି ଘଟଣା ପାଇଁ ଆମେରିକା ଏବଂ ଇସ୍ରାଏଲର ‘ସାମ୍ରାଜ୍ୟବାଦୀ ନୀତି’କୁ ଦଳ ଦାୟୀ କରିଛି। ଦଳର ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଏହି ହତ୍ୟାକାଣ୍ଡକୁ ଆମେରିକା ଏବଂ ଇସ୍ରାଏଲର ଏକ ‘ଜଘନ୍ୟ ଏବଂ କାପୁରୁଷୋଚିତ’ ଆକ୍ରମଣ ବୋଲି ଅଭିହିତ କରିଛନ୍ତି। ସେ କହିଛନ୍ତି ଯେ, ପଶ୍ଚିମ ଏସିଆରେ ନିଜର ଆଧିପତ୍ୟ ବିସ୍ତାର କରିବା ପାଇଁ ଏହି ଦୁଇ ଦେଶ ବିଶ୍ୱ ଶାନ୍ତିକୁ ବିପନ୍ନ କରୁଛନ୍ତି। ଦଳ ପକ୍ଷରୁ ଜଣେ




ରାଷ୍ଟ୍ରମୁଖ୍ୟଙ୍କୁ ଏଭଳି ଭାବେ ଟାର୍ଗେଟ୍ କରି ହତ୍ୟା କରିବା କୌଣସି ବି ଦେଶର ସାର୍ବଭୌମତ୍ୱ ଏବଂ ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ। ଏହା କେବଳ ଇରାନ ନୁହେଁ, ବରଂ ସମଗ୍ର ବିଶ୍ୱର ସାଧୀନତା ପ୍ରେମୀ ଜନତାଙ୍କ ଉପରେ ଏକ ପ୍ରହାର ବୋଲି କହିଛନ୍ତି। ସିପିଆଇ (ଏମ୍ଏଲ୍) ଲିବରେସନ କେନ୍ଦ୍ରକମିଟି ସଦସ୍ୟ ରାଧାକାନ୍ତ ସେଠି ଭାରତ ସରକାରଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଭାରତ ସରକାର ଆମେରିକାର ଚାପରେ ରହି ଏହି ଘଟଣାକୁ ସ୍ପଷ୍ଟ ଭାବେ ନିନ୍ଦା ନକରିବା ନିନ୍ଦନୀୟ। ରାଜ୍ୟ କମିଟି ସଦସ୍ୟ ମହେନ୍ଦ୍ର ପରିଡା ଆମେରିକୀୟ ସାମ୍ରାଜ୍ୟବାଦ ଏବଂ ଇସ୍ରାଏଲର ଜାୟନବାଦୀ ଶକ୍ତି ମିଳିତ ଭାବେ ବିଶ୍ୱରେ ଆତଙ୍କରାଜ ଚଳାଇଛନ୍ତି। ଆମେ ଏହାର ତୀବ୍ର ନିନ୍ଦା କରୁଛୁ ଏବଂ ଇରାନର ଜନସାଧାରଣଙ୍କ ସହ ଏହି ସଙ୍କଟ ସମୟରେ ଛିଡ଼ା ହୋଇଛୁ ଏବଂ ବିଶ୍ୱର ସମସ୍ତ ଗଣତନ୍ତ୍ର ପ୍ରେମୀ ଆମେରିକାର ଏ ପ୍ରକାର ଆକ୍ରମଣକୁ ନିନ୍ଦା କରିବା ସହିତ ଇରାନର ଏହି ସଙ୍କଟ ସମୟରେ ତାଙ୍କ ପକ୍ଷରେ ଛିଡା ହେବାକୁ ଆହ୍ୱାନ କରିଛନ୍ତି। ଏହି ବିକ୍ଷୋଭରେ ରାଜ୍ୟ କମିଟି ସଦସ୍ୟ ମୁରଲୀ ବେହେରା, ସର୍ବେଶ୍ୱର ବେହେରା, ମାନସ ରଞ୍ଜନ ପ୍ରଧାନ, ରବୀନ୍ଦ୍ର ସ୍ୱାଇଁ, ଉପେନ୍ଦ୍ର ସାହୁ, କାହ୍ନୁ ବେହେରା ଯୋଗଦେଇ ଯୁଦ୍ଧ ତୁରନ୍ତ ବନ୍ଦ କରିବା ଲାଗି ଆହ୍ୱାନ ଦେଇଥିଲେ।

## ବୃନ୍ଦାବନ ମହୋତ୍ସବରେ ହରିହରନଙ୍କ ଗଜଲ କାର୍ଯ୍ୟକ୍ରମ

**ଭୁବନେଶ୍ୱର (ପିପିଏସ୍):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ବୃନ୍ଦାବନ ଗୁରୁକୁଳର ମିଳିତ ଆନୁକୂଲ୍ୟରେ ରବୀନ୍ଦ୍ର ମଣ୍ଡପରେ ବୃନ୍ଦାବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ ପ୍ରାରମ୍ଭରେ ବୃନ୍ଦାବନ ଗୁରୁକୁଳର ଶିକ୍ଷୀମାନେ ସାମୂହିକ ବଂଶୀବାଦନ କରିଥିଲେ। ସଙ୍ଗୀତଜ୍ଞ ପଦ୍ମଶ୍ରୀ ହରିହରନ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଥମେ ଠୁମ୍ରୀ ତୁ ଆଜା କାହ୍ନା ଏବଂ ପରେପରେ ଏସି ହୋରି ନା ଖେଲୋ କହ୍ନାଇରେ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଏହାପରେ ଲୋଗ କେହତେ ହେ ଅଜନବି ତୁମ୍ ହୋ, ଝୁମ୍ ଲେ ହସ ବୋଲ ଲେ, ନିଶାନ ୟୁଁ ତୋ ଥେ, ଓ୍ୱ ନେହିଁ ମେରା ମଗର, ସେହେର ଦର ସେହେର, ରଞ୍ଜିସ ହି ସହି ଆଦି ଗଜଲ ପରିବେଷଣ କରିଥିଲେ ଶ୍ରୀ ହରିହରନ। କାର୍ଯ୍ୟକ୍ରମରେ ଅତିଥି ଭାବେ ସଙ୍ଗୀତଜ୍ଞ ପଦ୍ମ ବିଭୂଷଣ ହରିପ୍ରସାଦ ଚୌରସିଆ, ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶକ ଶୁଚିସ୍ମିତା ମନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସତ୍ୟପ୍ରିୟ ସ୍ମୃତି କମିଟି ପକ୍ଷରୁ ହୋଲି ଉତ୍ସବ

**ଭୁବନେଶ୍ୱର (ପିପିଏସ୍):** ସତ୍ୟପ୍ରିୟ ସ୍ମୃତି କମିଟି ଏବଂ ସ୍ୱସ୍ତିକ ଫାଉଣ୍ଡେସନ ମିଳିତ ସହଯୋଗରେ ହୋଲି ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସତ୍ୟପ୍ରିୟ ସ୍ମୃତି କମିଟିର ଅଧ୍ୟକ୍ଷ ତଥା ଯୁବନେତା ସୁବ୍ରତ କୁମାର ମହାନ୍ତି କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଓଡିଶା ପର୍ଯ୍ୟଟନ ନିଗମ ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତି, ଜୟଦେବ ନିର୍ବାଚନମଣ୍ଡଳୀ ପୂର୍ବତନ ବିଧାୟକ ଡ. ଅରବିନ୍ଦ ଢାଲି, ଭୁବନେଶ୍ୱର ଜିଲ୍ଲା ସାଂଗଠନିକ ଉପ-ସଭାପତି ଜଗନ୍ନାଥ ବେହେରା, ଶିବ ମଲ୍ଲିକ, ଅଶୋକ ସାହୁ, ନିଶିକାନ୍ତ ପଣ୍ଡା, ବ୍ରହ୍ମାନନ୍ଦ ସ୍ୱାଇଁ, ପ୍ରଦୀପ୍ତ ମହାନ୍ତି, ବିଜୟ ମହାରଣା, ରଞ୍ଜନ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କାହ୍ନୁ ଦାସ, ଭାଗ୍ୟଧର ନନ୍ଦୀ, କଣ୍ଠ ଶିଳ୍ପୀ ଉପେନ୍ଦ୍ର ପ୍ରଧାନ, ଇଁ ପ୍ରବାସ ବାରିକ, ବେଣୁଧର ଭୋଇ, ନାଏବ ସରପଞ୍ଚ ଅରୁଣ ସାହୁ, କେଲୁ ଚରଣ ବେହେରା, ମଳୟ ମହାନ୍ତିଙ୍କ ସମେତ ଶତାଧିକ ଶୁଭେଚ୍ଛୁ, କର୍ମୀ ଏବଂ ଯୁବକ ଯୁବତୀ ରଙ୍ଗ ଖେଳିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲେ।

## ଚିତ୍ରଶିଳ୍ପୀ ପ୍ରଭୁ ଜେନାଙ୍କ ଜୟନ୍ତୀ

**ଭୁବନେଶ୍ୱର (ପିପିଏସ୍):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ରାଜ୍ୟ ସଂଗ୍ରହାଳୟର ସମ୍ମିଳନୀ କକ୍ଷରେ ଚିତ୍ରଶିଳ୍ପୀ ସ୍ୱର୍ଗତ ପ୍ରଭୁ ଜେନାଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଓଡ଼ିଶାର ଚିତ୍ରଶିଳ୍ପୀ ରବିନାରାୟଣ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇବା ବେଳେ ମୁଖ୍ୟବକ୍ତା ତଥା ଖଲ୍ଲିକୋଟ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଜୟନ୍ତ କୁମାର ଦାସ, ସମ୍ମାନିତ ଅତିଥି ଭାବରେ କଳିଙ୍ଗ ଚାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ତାରାକାନ୍ତ ପରିଡା, ଧଉଳି ଚାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ପଞ୍ଚାନନ ସାମଲ, ବିକେ ଚାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦ୍ରଶେଖର ସେଠୀ ଉପସ୍ଥିତ ରହିଥିଲେ।

## ଡ.ପ୍ରତିଭା ରାୟଙ୍କ ଗୀତକୁ ନେଇ ସଂଗୀତ ଭିଡିଓ ସଂକଳନ



**ଭୁବନେଶ୍ୱର (ପିପିଏସ୍):** ଅରୋମିରା ପକ୍ଷରୁ ଡ଼. ପ୍ରତିଭା ରାୟଙ୍କ ସାହିତ୍ୟକ ଐତିହ୍ୟକୁ ପାଳନ କରି ଏକ ଐତିହାସିକ ସଂଗୀତ ଭିଡିଓ ସଂକଳନ ରବୀନ୍ଦ୍ର ମଣ୍ଡପଠାରେ ଉପସ୍ଥାପନ ହୋଇଯାଇଛି। ଏହି ଉତ୍ସବରେ ଡ. ପ୍ରତିଭା ରାୟ, ଶିକ୍ଷାବିତ ତଥା ବୈଜ୍ଞାନିକ ଡ. ପ୍ରିୟମ୍ବଦା ମହାନ୍ତି ହେଜମାଦି, ଶିକ୍ଷାବିତ ଦେବଦାସ ଛୋଟରାୟ, ଡ. ଆଦ୍ୟାଶା ଦାସ, ଡ. ସୁସ୍ମିତା ଦାସ, ସଙ୍ଗୀତା ଗୋସେଇଁ ଏବଂ ଦେବ ମେହେର ଉପସ୍ଥିତ ରହିଥିଲେ। କେନ୍ଦ୍ରୀୟ ସଙ୍ଗୀତ ନାଟକ ଏକାଡେମୀ ବିଜେତା ସୁସ୍ମିତା ଦାସ ଏବଂ ଯୁବ କ୍ରିଏଟର ଦେବ ମେହେରଙ୍କ ଦ୍ୱାରା ସଂଗଠିତ, ଡକ୍ଟର ରାୟଙ୍କ ଲିଖିତ କବିତା, ୯୦ ମିନିଟର ଅଡିଓ-ଭିଜୁଆଲ୍ ଏବଂ ଏକ ଆଲବମ୍ ଉନ୍ମୋଚନ ସହିତ ଲାଇଭ୍ ପ୍ରଦର୍ଶନ, ସଂଗଠିତ ସ୍କ୍ରିନିଂ ଏବଂ ବିଶିଷ୍ଟ ଅତିଥିମାନଙ୍କ ସହିତ ଏକ ପ୍ୟାନେଲ୍ ପ୍ରଦର୍ଶିତ ହୋଇଥିଲା। କଣ୍ଠଶିଳ୍ପୀ ସୁସ୍ମିତା ଦାସ ଏବଂ ଆଦ÷ାଶା ଦାସଙ୍କ କଣ୍ଠର ସଙ୍ଗୀତକୁ କୋରିଓଗ୍ରାଫର ବିଦ୍ୟୁତ୍ ସେଠୀ ନୃତ୍ୟ ନିର୍ଦ୍ଦେଶନା ମାଧ୍ୟମରେ ସଂଗୀତ ବ୍ୟାଖ୍ୟାରେ ଦୃଶ୍ୟର ଗଭୀରତାକୁ ଦର୍ଶାଇଥିଲେ।

## ଗାଦି ଗୋସାଇଁ ଓ ନିକୁଞ୍ଜ ବିହାରୀଦେବଙ୍କ ଦୋଳ ମେଳଣ

**ଭୁବନେଶ୍ୱର (ପିପିଏସ୍):** ଶ୍ରୀ ଶ୍ରୀ ବାଲିକୁଦା ଗାଦି ଗୋସାଇଁ ଓ ନିକୁଞ୍ଜ ବିହାରୀଦେବଙ୍କ ଦୁଇଦିନିଆ ଦୋଳ ମେଳଣ ଉତ୍ସବ ଉଦ୍ଯାପିତ ହୋଇଯାଇଅଛି। ହୋଲି ଦିନ ରାତିରେ ୧୧ଟି ଦୋଳ ବେଦୀରେ ହରିହର ଯଥାକ୍ରମେ ମଞ୍ଚେଶ୍ୱରରୁ ଶ୍ରୀମଞ୍ଚନାଥ, ରସୁଲଗଡ଼ରୁ ଶ୍ରୀଗୋପୀନାଥ, ଜୟପୁରରୁ ଶ୍ରୀ ନୀଳକଣ୍ଠେଶ୍ୱର ଦେବ, ଗୋପୀନାଥଦେବ, ମଦନମୋହନ ଦେବ, ଭୁବନପୁରରୁ ନୃସିଂହନାଥ ଦେବ, ନୂଆଗାଁରୁ ଶ୍ରୀରାଧାମାଧବ, ଶ୍ରୀଗୋପୀନାଥ, ହରିଦାସପୁରରୁ ଶ୍ରୀସ୍ୱପ୍ନେଶ୍ୱର, ନହରକଣ୍ଟାରୁ ଶ୍ରୀଗୋପୀନାଥ, ହଂସପାଳରୁ ଶ୍ରୀରାଧାମାଧବ ଦୋଳ ବିମାନରେ ବିଭିନ୍ନ ପାରମ୍ପାରିକ ବାଦ୍ୟରେ ରୋଷୋଣୀରେ ଆସି ବାଲିଅନ୍ତା ହାଟ ପଡ଼ିଆ ମେଳଣରେ ପହଞ୍ଚି ଥାନପତି ମଞ୍ଚନାଥଙ୍କ ସହ ହରିହର ପରମ୍ପରା ଅନୁଷ୍ଠିତ ହୋଇଥିଲା। ମେଳଣ ଦେଖିବା ପାଇଁ ହଜାର ହଜାର ଲୋକ ଙ୍କ ସମାଗମ ହୋଇଥିଲା। ସନ୍ଧ୍ୟା ରେ ସ୍ଥାନୀୟ ସରପଞ୍ଚ କୃଷ୍ଣ କେଶବ ଆପଟଙ୍କ ନେତୃତ୍ୱରେ ମନ୍ଦିର ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ସମୂହ ଏବଂ ପାଞ୍ଚଦେଶ ଉନ୍ନୟନ କମିଟି ସମଗ୍ର କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବାଲିଅନ୍ତା ଥାନା ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ସଙ୍ଗୀତା ଡ୍ରିମ୍ ଫୁଡ୍ସ ପକ୍ଷରୁ ହୋଲି ପର୍ବ



**ଭୁବନେଶ୍ୱର (ପିପିଏସ୍):** ପ୍ରତିଭା ଆଶ୍ରମରେ ସଙ୍ଗୀତା ଡ୍ରିମ୍ ଫୁଡ୍ସ ପକ୍ଷରୁ ହୋଲି ପର୍ବ ଅବସରରେ ଏକ ସାମାଜିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ କୁନି କୁନି ପିଲାମାନଙ୍କୁ ନେଇ ନୃତ୍ୟ, ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହା ସହ ଆଶ୍ରମର ପିଲାମାନଙ୍କୁ ଚାଉଳ, ଡାଲି, ଚୁଡ଼ା, ଚିନି, ବିସ୍କୁଟ୍ ଓ ଅନ୍ୟାନ୍ୟ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ମହେଶ କୁମାର ହାଜରା, ସିଙ୍ଗର୍ ସତ୍ୟବ୍ରତ, ଅରୁନ୍ଧତୀ ମିଶ୍ର, ଜଲି ପଣ୍ଡା, ମିନତୀ ଶତପଥୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସଙ୍ଗୀତା ଦାସ, ଫାଉଣ୍ଡର୍ ସଙ୍ଗୀତା ଡ୍ରିମ୍ ଫୁଡ୍ସ, ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରି ଆଗାମୀ ଦିନରେ ଏଭଳି ସାମାଜିକ କାର୍ଯ୍ୟ ଅବ୍ୟାହତ ରଖିବାକୁ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

## ଜୟନ୍ତୀରେ ବିଜୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର (ପିପିଏସ୍):** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବିଜୁ ପଟ୍ଟନାୟକ ପାର୍କରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିଲେ ଏବଂ ଉପଦେଷ୍ଟା ନିମାଇଁ ଚରଣ ଦାସ, ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଓ ବରିଷ୍ଠ ସଦସ୍ୟ ଲେଲିନ ମହାନ୍ତି ବରପୁତ୍ରଙ୍କ ଗୁଣଗାନ କରିଥିବା ବେଳେ କାମଦେବ ମହାପାତ୍ର କବିତା ପାଠ କରିଥିଲେ। ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ-ସଂପାଦକ ଅକ୍ଷୟ କୁମାର ଜେଠୀ, ସୁରଜିତ ପରିଡା, ଅନୁପମା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ରତିକାନ୍ତ ମହାନ୍ତିଙ୍କ ପରଲୋକ

**ଭୁବନେଶ୍ୱର (ପିପିଏସ୍):** ବରମୁଣ୍ଡା ଜଗନ୍ନାଥ ବିହାର ଅଞ୍ଚଳର ପ୍ରତିଷ୍ଠାତା ପୁରୁଖା ସଦସ୍ୟ, ପରୋପକାରୀ ଓ ମେଳାପୀ ବ୍ୟକ୍ତି ରତିକାନ୍ତ ମହାନ୍ତି (୮୪)ଙ୍କର ବୁଧବାର ପରଲୋକ ଘଟିଛି। ଏହି ସମୟରେ ତାଙ୍କ ନିକଟରେ ସ୍ତ୍ରୀ ମନୋରମା ମହାନ୍ତି, ଜ୍ୟେଷ୍ଠ ପୁତ୍ର କୃଷି ବିଜ୍ଞାନୀ ସୁବ୍ରତ କୁମାର ମହାନ୍ତି, ବୋହୂ ଓଡିଶା ରେରାର ସଚିବ ମାନଶୀ ମାନ୍ଧାତା, ସହିତ ଝିଅ ଜ୍ୱାଇଁ ଓ ନାତି-ନାତୁଣୀମାନେ ଉପସ୍ଥିତ ଥିଲେ। ଜଗନ୍ନାଥ ବିହାର ଓ ଲକ୍ଷ୍ମୀସାଗର ଅଞ୍ଚଳର ଅନେକ ବ୍ୟକ୍ତି ଓ ଓଡିଶା କୃଷି ବିଶ୍ୱବିଦ୍ୟାଳୟର ବହୁ ପ୍ରତିଷ୍ଠିତ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ପରେ ପୁରୀ ସର୍ଗଦ୍ୱାର ଠାରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା।



## ହାଇଟେକ୍ ଗୁରୁକୁଳ ଇଣ୍ଟରନ୍ୟାସନାଲ ସ୍କୁଲ୍ ଉଦ୍‌ଘାଟିତ

**ଭୁବନେଶ୍ୱର (ପିପିଏସ୍):** ହାଇଟେକ୍ ମେଡିକାଲ କଲେଜ ନିକଟରେ ହାଇଟେକ୍ ଗ୍ରୁପ୍ ପକ୍ଷରୁ ଗୁରୁକୁଳ ଆରମ୍ଭ କରାଯାଇଛି। ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହ ବୌଦ୍ଧିକ, ଆଧ୍ୟାତ୍ମିକ ଓ ଚରିତ୍ର ଗଠନ ଦିଗରେ ଏହି ଗୁରୁକୁଳ ନିରନ୍ତର କାର୍ଯ୍ୟ କରିବ ବୋଲି ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ କହିଛନ୍ତି। ସେହିପରି ନିର୍ଦ୍ଦେଶିକା ମଧୁସ୍ମିତା ତ୍ରିପାଠୀ କହିଛନ୍ତି ଯେ, ଆଧୁନିକ ଶିକ୍ଷା ସହ ଦେଶାତ୍ମବୋଧ ଓ ସୁସ୍ଥ ସମାଜ ଗଠନ ଦିଗରେ ଗୁରୁକୂଳର ଛାତ୍ରଛାତ୍ରୀ ମାନେ କାର୍ଯ୍ୟ କରିବେ। ରାଜ୍ୟରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ହାଇଟେକ୍ ଗ୍ରୁପ୍ ଗୁରୁକୁଳ ମାଧ୍ୟମରେ ଶିକ୍ଷା ପ୍ରଦାନକୁ ନେଇ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏହି ସ୍କୁଲର ଉଦ୍‌ଘାଟନ ସମାରୋହରେ ମ୍ୟାନେଜିଙ୍ଗ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ, ନର୍ଦ୍ଦେଶିକା ସାବିତ୍ରୀ ପାଣିଗ୍ରାହୀ, ପାରଳାଖେମୁଣ୍ଡି ବିଧାୟକ ଇଂ ରୁପେଶ ପାଣିଗ୍ରାହୀ, ନିର୍ଦ୍ଦେଶକ ମଧୁସ୍ମିତା ତ୍ରିପାଠୀ, ନିର୍ଦ୍ଦେଶକ ରାକେଶ ପାଣିଗ୍ରାହୀ ଏବଂ ନିର୍ଦ୍ଦେଶିକା ଅଙ୍କିତା ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ।



## ହିମୋଫିଲିଆ ରୋଗୀ ସହାୟତା ଶିବିର

**ଭୁବନେଶ୍ୱର (ପିପିଏସ୍):** ଇଣ୍ଟାସ ଫାଉଣ୍ଡେସନ୍ ପକ୍ଷରୁ ହିମୋଫିଲିଆ ରୋଗୀ ସହାୟତା ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ରୋଗୀମାନଙ୍କ ପାଇଁ ଡାକ୍ତରୀ ପରାମର୍ଶ, ଫ୍ୟାକ୍ଟର-୮ ବଣ୍ଟନ, ଲ୍ୟାବ୍ ସପୋର୍ଟ, ଜେନେଟିକ୍ କାଉନସେଲିଂ ଏବଂ ସେଲ୍ଫ ଇନଫ୍ୟୁଜନ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରସିଦ୍ଧ କ୍ଲିନିକାଲ୍ ହେମାଟୋଲଜିଷ୍ଟ ଡ. ପ୍ରିତିଶ ଚନ୍ଦ୍ର ପାତ୍ର ଉପସ୍ଥିତ ରହି ରୋଗୀମାନଙ୍କୁ ପରାମର୍ଶ ଦେଇଥିବା ବେଳେ ରୋଗୀମାନେ କିପରି ସ୍ୱୟଂ ଫ୍ୟାକ୍ଟର ନେବେ ସେ ବିଷୟରେ ସେଲ୍ଫ ଇନଫ୍ୟୁଜନ୍ ପ୍ରଶିକ୍ଷଣ ଦିଆଯାଇଥିଲା। ଏହାସହ ଆବଶ୍ୟକୀୟ ପରୀକ୍ଷା କରାଯାଇଥିଲା। ଏହି ଶିବିରରେ ୨୧ ଜଣ ହିମୋଫିଲିଆ ରୋଗୀ ଯୋଗଦେଇଥିଲେ।

## ଓୟୁଏଟିରେ ରାଜ୍ୟସ୍ତରୀୟ କର୍ମଶାଳା

**ଭୁବନେଶ୍ୱର (ପିପିଏସ୍):** ଔଷଧୀୟ ବୃକ୍ଷର ରକ୍ଷଣାବେକ୍ଷଣ ଓ ଏହାକୁ ମାନବ ସମାଜର ସେବାରେ ବ୍ୟବହାର ପାଇଁ ‘ଜୀବିକା ଓ ଉଦ୍ୟୋଗୀ ସୃଷ୍ଟି ପାଇଁ ଔଷଧୀୟ ଓ ସୁଗନ୍ଧିତ ଉଦ୍ଭିଦ’ ଉପରେ ୨ ଦିନିଆ ରାଜ୍ୟସ୍ତରୀୟ କର୍ମଶାଳା ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ବକ୍ତା ଭାବେ ପୂର୍ବତନ ଉପ-ମହାନିର୍ଦ୍ଦେଶକ, କେନ୍ଦ୍ରୀୟ ଆୟୁର୍ବେଦ ଗବେଷଣା ପରିଷଦ (ସିସିଆରଏଏସ୍ ) ଆୟୁଷ ମନ୍ତ୍ରାଳୟ, ନୂଆଦିଲ୍ଲୀର ଡ଼ ଏମଏମ ପାଢ଼ୀ ଯୋଗ ଦେଇ ଭାରତରୁ ଆମେରିକାକୁ କେବଳ ୮୦ ପ୍ରତିଶତ ଆୟୁର୍ବେଦ ଔଷଧ



ରପ୍ତାନି ହେଉଥିବାରୁ ଚାଷୀମାନେ ଏ ଦିଗରେ ଅଧିକ ମନ ଦେବାକୁ ପରାମର୍ଶ ଦେଇଛନ୍ତି। ସେହିଭଳି ଆଗାମୀ ଦିନରେ ବିଶ୍ୱର ଔଷଧୀୟ ଓ ସୁଗନ୍ଧିତ ବୃକ୍ଷର ଆବଶ୍ୟକତାକୁ କିପରି ପୂରା କରିହେବ ସେ ଦିଗରେ କେଉଁ କେଉଁ ଔଷଧୀୟ ବୃକ୍ଷକୁ ଚାଷ କରିବା ସେ ନେଇ ସଚେତନ ହେବାକୁ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡ, ଭୁବନେଶ୍ୱର ଶାଖାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ଥିକ୍ ଭି. ପରାମର୍ଶ ଦେଇଥିଲେ। ସଭାପତିତ୍ୱ ଅଭିଭାଷଣରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଯୋଗଦେଇ କୋଭିଡ ସମୟରେ ଏହାର ଉପକାରିତା ସାରା ବିଶ୍ୱ ଅନୁଭବ କରିଥିବା ବେଳେ ସ୍ୱାସ୍ଥ୍ୟକର ପରିବେଶ ପାଇଁ ଆୟୁର୍ବେଦ ହିଁ ସମାଜ ପାଇଁ ଅମୋଘ ଅସ୍ତ୍ର ବୋଲି କହିଛନ୍ତି। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଗବେଷଣା ଅଧ୍ୟକ୍ଷ ପ୍ରଫେସର ନିରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇ ଆରମ୍ଭ କରିଥିବା ବେଳେ ଫଳ ବିଜ୍ଞାନ ଏବଂ ଉଦ୍ଭିଦ ବୈଷୟିକ ବିଭାଗର ମୁଖ୍ୟ ପ୍ରଫେସର ସୁଭାଷ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ରୁଷଠାରୁ ତୈଳ କ୍ରୟ ପାଇଁ ଅନୁମତି ଦେଲା ଆମେରିକା

ନୂଆଦିଲ୍ଲୀ: ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ରୁଷ ତେଲ କ୍ରୟ ଉପରେ ଲଗାଯାଇଥିବା କଟକଣାକୁ ଆମେରିକା ୩୦ ଦିନ ପାଇଁ କୋହଳ କରିଛି। ତେଣୁ ଭାରତ ଏବେ ଅବାଧରେ ରୁଷରୁ ବିପୁଳ ପରିମାଣର ତେଲ କିଣିପାରିବ। ସେଥିପାଇଁ ବାଟ ଫିଟିଛି। ଆମେରିକାର ଅର୍ଥ ସଚିବ ସ୍କଟ୍ ବେସେଣ୍ଟ ଗୁରୁବାର କହିଛନ୍ତି ଯେ ଭାରତୀୟ ତେ ?ଳ କମ୍ପାନିଗୁଡ଼ିକୁ ରୁଷ ତୈଳ କ୍ରୟ କରିବାକୁ ଆମେରିକା ୩୦ ଦିନର ଛାଡ଼ ପ୍ରଦାନ କରିବ। ଏହାଦ୍ୱାରା ପରିବହନ କରାଯାଉଥିବା ତେଲକୁ ଭାରତ ସହଜରେ କିଣିପାରିବ।



ସେ ଏହି ପଦକ୍ଷେପକୁ ବିଶ୍ୱ ଶକ୍ତି ବଜାରରେ ସ୍ଥିରତା ବଜାୟ ରଖିବା ପାଇଁ ଏକ ଅସ୍ଥାୟୀ ପଦକ୍ଷେପ ବୋଲି କହିଛନ୍ତି। ବେସେଣ୍ଟ କହିଛନ୍ତି ଯେ ସାରା ବିଶ୍ୱରେ ତୈଳ ପ୍ରବାହକୁ ଜାରି ରଖିବା ପାଇଁ ଭାରତୀୟ କମ୍ପାନିଗୁଡ଼ିକୁ ରୁଷ ତୈଳ କ୍ରୟ ଅନୁମତି ଦିଆଯାଇଛି। ଏହାଦ୍ୱାରା ରୁଷ ସରକାରଙ୍କୁ କୌଣସି ଆର୍ଥିକ ଲାଭ ମିଳିବ ନାହିଁ। କାରଣ ତେଲ ନେଇ ସମୁଦ୍ର ପଥରେ ବାହାରିଥିବା ଜାହାଜଗୁଡ଼ିକ ଉପରେ ଏହି ସୁବିଧା ଲାଗୁ ହେବ। କେବଳ ସମୁଦ୍ରରେ ଫସି ରହିଥିବା ଜାହାଜରୁ କମ୍ପାନିଗୁଡ଼ିକ ତେଲ କିଣିପାରିବେ ବୋଲି ସେ ସ୍ପଷ୍ଟ କରିଛନ୍ତି। ରୁଷରୁ ତେଲ କିଣୁଥିବାରୁ କ୍ଷୁବ୍ଧ ହୋଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତବର୍ଷ ଅଗଷ୍ଟରେ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କକୁ ଜରିମାନା ଭାବେ ଲାଗୁ କରିଥିଲେ। ଚଳିତ ବର୍ଷ ଫେବ୍ରୁଆରି ୬ରେ ସେହି ଶୁଳ୍କକୁ ସେ ପ୍ରତ୍ୟାହାର କରିବା ସହ ଭାରତ ଉପରେ ଲାଗିଥିବା ମୋଟ୍ ଶୁଳ୍କକୁ ୧୮ ପ୍ରତିଶତକୁ ହ୍ରାସ କରିଥିଲେ। ନିକଟରେ ଆମେରିକା ସୁପ୍ରିମକୋର୍ଟଙ୍କ ଏକ ରାୟରେ ଟ୍ରମ୍ପଙ୍କ ଶୁଳ୍କକୁ ଅସିଦ୍ଧ ଘୋଷଣା କରାଯାଇଥିଲା। ଏହାପରେ ଟ୍ରମ୍ପ ନିଜ ଆଡୁ ଦୁଇ ପର୍ଯ୍ୟାୟରେ ୧୫ ପ୍ରତିଶତ ଶୁଳ୍କ ଲଗାଇଥିଲେ। ୟୁକ୍ରେନ ସହ ଯୁଦ୍ଧ କରୁଥିବା ରୁଷର ଆୟ ଉତ୍ସ ବନ୍ଦ କରିବା ଲାଗି ତାହାର ତୈଳ ଉପରେ ଆମେରିକା କଟକଣା ଲଗାଇଥିଲା। ରୁଷର ଦୁଇ ତେଲ କମ୍ପାନି ରୋଜନେଫ୍ଟ ଓ ଲୁକୋଏଲ୍ ଉପରେ ମଧ୍ୟ କଟକଣା ଲାଗିଥିଲା। ଏହି କଟକଣା ପରେ ରୁଷରୁ ଭାରତ ମଗାଉଥିବା ତେଲ ପରିମାଣ ଯଥେଷ୍ଟ ହ୍ରାସ ପାଇଛି।

ଇରାନ ସହ ଆମେରିକା ଓ ଇସ୍ରାଏଲ ଯୁଦ୍ଧ କରୁଥିବାରୁ ବିଶ୍ୱର ପ୍ରମୁଖ ତୈଳ ପରିବହନ ପଥ ହରମୁଜ୍ ପ୍ରଣାଳୀ ପ୍ରଭାବିତ ହୋଇଛି। ଇରାନ ସେହି ଜଳପଥକୁ ବନ୍ଦ କରିଥିବା ଦାବି ହେଉଛି। ହରମୁଜ୍ ପ୍ରଣାଳୀ ହେଉଛି ଏକ ସଂକୀର୍ଣ୍ଣ ଜଳପଥ ଯାହା ମଧ୍ୟ ଦେଇ ବିଶ୍ୱର ୨୦ ପ୍ରତିଶତ ତୈଳ ଓ ତରଳୀକୃତ ପ୍ରାକୃତିକ ଗ୍ୟାସ୍ (ଏଲ୍ଏନ୍ଜି) ପରିବହନ କରାଯାଉଛି। ଭାରତର ୫୦ ପ୍ରତିଶତ ତୈଳ ଏହି ପଥ ଦେଇ ଆସୁଛି। ହରମୁଜ୍ ପ୍ରଣାଳୀରେ ଯୋଗାଣ ବାଧାପ୍ରାପ୍ତ ହେବା ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ବ୍ୟାରେଲ୍ ପିଛା ଦର ଦ୍ରୁତ ଗତିରେ ବଢୁଛି। ଏହା ୮୦ ଡଲାରରୁ ଅଧିକ ହୋଇଗଲାଣି। ବିଶେଷଜ୍ଞମାନେ କହିଛନ୍ତି ଯେ ଯଦି ହରମୁଜ ପ୍ରଣାଳୀ ଖୋଲିବାକୁ ପଦକ୍ଷେପ ନିଆଯିବ ନାହିଁ ତେବେ ତୈଳ ଓ ଗ୍ୟାସ୍ ମୂଲ୍ୟରେ ଅହେତୁକ ବୃଦ୍ଧି ଆଶଙ୍କାକୁ ଏଡ଼ାଇ ହେବନାହିଁ।

# ଆମେରିକା ପାଇଁ ମହଙ୍ଗା ପଡୁଛି ଇରାନ ସହ ଯୁଦ୍ଧ

ୱାସିଂଟନ୍: ଆମେରିକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧକୁ ସପ୍ତାହେ ପୂରିଛି। ଏହି ମହାଯୁଦ୍ଧରେ ଆମେରିକୀୟ 'ଥିଙ୍କ ଟ୍ୟାଙ୍କ ସେଣ୍ଟର ଫର୍ ଷ୍ଟ୍ରାଟେଜିକ୍ ଆଣ୍ଡ ଇଣ୍ଟରନ୍ୟାସନାଲ୍ ଷ୍ଟଡିଜ୍' (ସିଏସଆଇଏସ) ଏହି ବ୍ୟୟବହୁଳ ଯୁଦ୍ଧକୁ ନେଇ ଏକ ବିଶ୍ଳେଷଣ କରିଛି। ଏହି ଆକଳନ ୱାଶିଂଟନ୍ ସ୍ଥିତ 'ସିଏସଆଇଏସ୍'ର ବିଶେଷଜ୍ଞ ମାର୍କ କାନସିଆନ୍ ଓ କ୍ରିସ୍ ପାର୍କଙ୍କ ଦ୍ୱାରା କରାଯାଇଥିବାବେଳେ ରିପୋର୍ଟ କହିଛି, ପ୍ରଥମ ୧୦୦ ଘଣ୍ଟାର ଯୁଦ୍ଧରେ ଆମେରିକାକୁ ପ୍ରାୟ ୩.୭ ବିଲିୟନ ଡଲାର ଅର୍ଥାତ ପ୍ରାୟ ୩୧ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିଛି। ସେହି ହିସାବରେ ପ୍ରତିଦିନ ହାରାହାରି ଖର୍ଚ୍ଚ ପ୍ରାୟ ୮୯୧ ମିଲିୟନ୍ ଡଲାର, ଅର୍ଥାତ ପ୍ରାୟ ୯୦କୋଟି ଡଲାର ଖର୍ଚ୍ଚ ହୋଇଥିବା ଆକଳନ କରାଯାଇଛି। ବିଶେଷଜ୍ଞମାନେ କହିଛନ୍ତି ଯେ ମହଙ୍ଗା ଅସ୍ତ୍ରଶସ୍ତ୍ର, କ୍ଷେପଣାସ୍ତ୍ର ଓ ବୋମା ବ୍ୟବହାର ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ସର୍ବାଧିକ ଖର୍ଚ୍ଚ ହୋଇଛି। ଥିଙ୍କ ଟ୍ୟାଙ୍କରିପୋର୍ଟରେ କୁହାଯାଇଛି ଯେ ପାଟ୍ରିଅଟ୍ ଭଳି ବାୟୁ ପ୍ରତିରକ୍ଷା ଇଣ୍ଟରସେପ୍ଟର ସିଷ୍ଟମ ପାଇଁ ୧.୭ ବିଲିୟନ ଡଲାର ଖର୍ଚ୍ଚ ହୋଇଛି, ଯେତେବେଳେ କି କ୍ଷେପଣାସ୍ତ୍ର ଓ ଅନ୍ୟାନ୍ୟ ଆକ୍ରମଣାତ୍ମକ ଅସ୍ତ୍ର ପାଇଁ ୧.୫ ବିଲିୟନ ଡଲାର ଖର୍ଚ୍ଚ ହୋଇଛି।





ଏହା ବ୍ୟତିତ ଲଢୁଆ ବିମାନ ଓ ବିମାନ ପରିଚାଳନା ପାଇଁ ୧୨୫ ମିଲିୟନ ଡଲାର ଖର୍ଚ୍ଚ ହୋଇଛି। ରିପୋର୍ଟରେ ଆକଳନ କରାଯାଇଛି ଯେ ଯୁଦ୍ଧର ପ୍ରଥମ ୧୦୦ ଘଣ୍ଟା ମଧ୍ୟରେ ଆମେରିକା ୨୦୦୦ରୁ ଅଧିକ ପ୍ରକାରର ଅସ୍ତ୍ରଶସ୍ତ୍ର ଓ କ୍ଷେପଣାସ୍ତ୍ର ବ୍ୟବହାର କରିଛି। କେବଳ ଏହି ଅସ୍ତ୍ରଶସ୍ତ୍ରର ଷ୍ଟକକୁ ପୂରଣ କରିବା ପାଇଁ ପ୍ରାୟ ୩.୧ ବିଲିୟନ ଡଲାର ଖର୍ଚ୍ଚ ହୋଇପାରେ। ବିଶେଷଜ୍ଞମାନେ କହିଛନ୍ତି ଯେ ଯଦି ଯୁଦ୍ଧଜାରି ରହେ, ତେବେ ଏହି ଖର୍ଚ୍ଚ ଦ୍ରୁତ ଗତିରେ ବୃଦ୍ଧି ପାଇବ। ତେବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସରକାରକୁ କଂଗ୍ରେସଠୁ ଅତିରିକ୍ତ ବଜେଟ୍ ଅନୁମୋଦନ କରିବାକୁ ପଡ଼ିପାରେ, କିନ୍ତୁ ଆମେରିକାରେ ମୁଦ୍ରାସ୍ଫୀତି, ଦରଦାମ୍ ବୃଦ୍ଧି ଓ ଯୁଦ୍ଧ ଯୋଗୁଁ ତୈଳ ମୂଲ୍ୟ ବୃଦ୍ଧି ହେତୁ ଏହି ପ୍ରସଙ୍ଗ ରାଜନୈତିକ ବିବାଦର କାରଣ ମଧ୍ୟ ହୋଇପାରେ।

# ତୈଳ ଯୋଗାଣରେ ସଙ୍କଟ

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଏବେ ଖୋଲା ଯୁଦ୍ଧରେ ପରିଣତ ହୋଇଛି, ଆମେରିକା ଏବଂ ଇସ୍ରାଏଲର ମିଳିତ ସାମରିକ କାର୍ଯ୍ୟାନୁଷ୍ଠାନ ଇରାନକୁ ଗଭୀର ଭାବରେ କ୍ଷତି ପହଞ୍ଚାଇଛି। ଇରାନ ସରକାରଙ୍କ ତଥ୍ୟ ଅନୁଯାୟୀ, ଆମେରିକା ଏବଂ ଇସ୍ରାଏଲର ବିମାନ ଆକ୍ରମଣରେ ଏପର୍ଯ୍ୟନ୍ତ ୧,୧୪୫ ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି, ଯେଉଁଥିରେ ସର୍ବୋଚ୍ଚ ନେତା ଅଲି ଖାମେନିଙ୍କ ସମେତ ଅନେକ ଶୀର୍ଷ ମନ୍ତ୍ରୀ, ସାମରିକ କମାଣ୍ଡର ଏବଂ ସରକାରୀ ଅଧିକାରୀ ମଧ୍ୟ ସାମିଲ ଅଛନ୍ତି। ଏହି ସମୟରେ, ଇରାନର ପ୍ରତିଶୋଧମୂଳକ ଆକ୍ରମଣ ବିଶ୍ୱ ଅର୍ଥନୀତି ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରିଛି। ଯୁଦ୍ଧ ଯୋଗୁଁ ଭାରତ ସମେତ ଅନେକ ଦେଶ ଅଶୋଧିତ ତୈଳ ଅଭାବର ସମ୍ମୁଖୀନ ହୋଇପାରେ ବୋଲି ଆଶଙ୍କା କରାଯାଉଛି।



ପ୍ରତିକ୍ରିୟା ସ୍ୱରୂପ, ଇରାନ ବିଶ୍ୱର ୨୦ ପ୍ରତିଶତରୁ ଅଧିକ ତୈଳ ଯୋଗାଣ ବହନ କରୁଥିବା ହର୍ମୁଜ ପ୍ରଣାଳୀକୁ ସମ୍ପୂର୍ଣ୍ଣ ଭାବରେ ଅବରୋଧ କରିଛି। ଜଣେ ବରିଷ୍ଠ ଇରାନୀ ସାମରିକ କମାଣ୍ଡର ସ୍ପଷ୍ଟ ଚେତାବନୀ ଦେଇଛନ୍ତି ଯେ ଏହି ସମୁଦ୍ର ପଥ ଦେଇ ଯାଉଥିବା ଯେକୌଣସି ଜାହାଜକୁ ଟାର୍ଗେଟ କରାଯିବ। ଏହି ପଦକ୍ଷେପ ଅନ୍ତର୍ଜାତୀୟ ତୈଳ ବଜାରକୁ ନଷ୍ଟ କରିଦେଇଛି ଏବଂ ଅଶୋଧିତ ତୈଳ ମୂଲ୍ୟକୁ ରେକର୍ଡ ସ୍ତରକୁ ପଠାଇ ଦେଇଛି। ଭାରତ ଭଳି ଆମଦାନୀ-ନିର୍ଭରଶୀଳ ଦେଶମାନଙ୍କ ପାଇଁ ଏହି ପରିସ୍ଥିତି ଚିନ୍ତାଜନକ, କାରଣ ଦେଶର ପ୍ରାୟ ୪୦ ପ୍ରତିଶତ ଅଶୋଧିତ ତୈଳ ଯୋଗାଣ ଏହି ମାର୍ଗ ଦେଇ ଆସେ।

ଭାରତରେ ତୈଳ ସଙ୍କଟ ନେଇ ବିରୋଧୀଙ୍କ ଦାବି ମଧ୍ୟରେ, ପେଟ୍ରୋଲିୟମ ମନ୍ତ୍ରଣାଳୟର ସୂତ୍ର ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଛନ୍ତି। ସୂତ୍ର ଅନୁଯାୟୀ, ଦେଶର ଅଶୋଧିତ ତୈଳ ଷ୍ଟକ ୨୫ ଦିନ ପାଇଁ ଯଥେଷ୍ଟ, ଏବଂ ମାଙ୍ଗାଲୋର ରିଫାଇନାରୀ ଏବଂ ପେଟ୍ରୋକେମିକାଲ୍ସ ଲିମିଟେଡ (ଗଜଚଖ) ସମେତ ଅନ୍ୟାନ୍ୟ ରିଫାଇନାରୀଗୁଡ଼ିକରେ ମଧ୍ୟ ସଂରକ୍ଷଣ ରହିଛି। ଯଦିଓ ସାମ୍ପ୍ରତିକ ବିଭ୍ରାଟ ଯୋଗୁଁ କିଛି ୟୁନିଟ ବନ୍ଦ ହୋଇଯାଇଥିଲା, ସାମଗ୍ରିକ ପରିସ୍ଥିତି ନିୟନ୍ତ୍ରଣରେ ଅଛି।

ମନ୍ତ୍ରଣାଳୟ ଗୁରୁତ୍ୱାରୋପ କରିଛି ଯେ ଭାରତ ଏବେ ହରମୁଜ ପ୍ରଣାଳୀ ଉପରେ ନିର୍ଭରଶୀଳତା ହ୍ରାସ କରିଛି ଏବଂ ଅନ୍ୟାନ୍ୟ ବିଶ୍ୱସ୍ତରୀୟ ଉତ୍ସରୁ ଆମଦାନି ବୃଦ୍ଧି କରିଛି। ତରଳୀକୃତ ପ୍ରାକୃତିକ ଗ୍ୟାସ (ଖଘଏ) ସମ୍ମୁଖ ଭାଗରେ ମଧ୍ୟ ପରିସ୍ଥିତି ଉପୁଜିଛି, କାରଣ ମୋଟ ଖଘଏର କେବଳ ୩୦ ପ୍ରତିଶତ ହରମୁଜ ପ୍ରଣାଳୀରୁ ଆସେ। ବିବିଧତାର ଅଂଶ ଭାବରେ, ଯୁକ୍ତରାଷ୍ଟ୍ରରୁ ଖଘଏ ଆମଦାନି ମୋଟର ୧୦ ପ୍ରତିଶତକୁ ହ୍ରାସ କରାଯାଇଛି। ଏହା ବ୍ୟତୀତ, ଆଜିର ଖଚଏ ଅର୍ଡର ଘରୋଇ ବ୍ୟବହାର ପାଇଁ ଯୋଗାଣ ସୁନିଶ୍ଚିତ କରେ, ଯେତେବେଳେ ଦେଶର ବିଶାଳ ବିଶୋଧନ କ୍ଷମତା ଘରୋଇ ଆବଶ୍ୟକତା ପୂରଣ କରିବାକୁ ସକ୍ଷମ। ସୂତ୍ର କହିଛନ୍ତି, "ଭୟ କରିବାର କୌଣସି ଆବଶ୍ୟକତା ନାହିଁ; ଦେଶ ଏକ ଆରାମଦାୟକ ସ୍ଥିତିରେ ଅଛି।"

# ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଚିନ୍ତା ପ୍ରକଟ କଲେ ରାଜନାଥ

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଚିନ୍ତା ପ୍ରକଟ କରିଛନ୍ତି। ଯୁଦ୍ଧ ପାଇଁ ଦେଶରେ ଅର୍ଥନୈତିକ ପ୍ରଭାବ ପଡ଼ିବା ନେଇ ଚେତାବନୀ ଦେଇଛନ୍ତି। ପର୍ସିଆନ ଗଲ୍ଫ ଅଞ୍ଚଳ ବିଶ୍ୱର ଶକ୍ତି ସୁରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଅଞ୍ଚଳରେ ବ୍ୟାଘାତ ହେଲେ ତେଲ ଓ ଗ୍ୟାସ ଯୋଗାଣରେ ପ୍ରଭାବ ପଡ଼ିବ। ଯାହା ଅର୍ଥନୀତି ଏବଂ ବିଶ୍ୱ ବାଣିଜ୍ୟକୁ ପ୍ରଭାବିତ କରିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ କହିଛନ୍ତି। ଇସ୍ଲାମିକ ସାଧାରଣତନ୍ତ୍ର ଇରାନ ବିରୋଧରେ ଆମେରିକା ଓ ଇସ୍ରାଏଲ୍‌ର ଘମାଘୋଟ ଯୁଦ୍ଧ ଦିନକୁ ଦିନ ପରିସ୍ଥିତିକୁ ଜଟିଳ କରୁଛି। ଯୁଦ୍ଧ ଜାରି ରହିଲେ ଭବିଷ୍ୟତରେ ଏହା ଆହୁରି ପ୍ରଭାବ ପକାଇବ ବୋଲି ବୁଦ୍ଧିଜୀବୀମାନେ ମଧ୍ୟ ମତ ପ୍ରକାଶ କରିଛନ୍ତି। ଏପରିକି ଯୁଦ୍ଧ ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ସୀମିତ ନ ରହି ଅନ୍ୟ ଭୂଖଣ୍ଡକୁ ବ୍ୟାପିବା ଆରମ୍ଭ ହୋଇଛି। ବୁଧବାର ଭାରତୀୟମାନେ ହୋଲି ଖେଳିବାରେ ବ୍ୟସ୍ତ ଥିବାବେଳେ ଭାରତ ମହାସାଗରରେ ଆମେରିକା ନୌସେନା ପକ୍ଷରୁ ଇରାନ୍‌ର ଏକ ଯୁଦ୍ଧଜାହାଜକୁ ଆକ୍ରମଣ କରାଯାଇଛି। ଆମେରିକାର ବୁଡ଼ାଜାହାଜ ଶ୍ରୀଲଙ୍କା ଉପକୂଳରେ ଇରାନୀୟ ଯୁଦ୍ଧଜାହାଜ ଆଇଆରଆଇଏସ ଡେନାକୁ ଟାର୍ଗେଟ କରି ବୁଡ଼ାଇଦେବାରେ ସକ୍ଷମ ହୋଇଛି। ଏହି ଘଟଣାକ୍ରମ ପରେ ଯୁଦ୍ଧର କ୍ରମବର୍ଦ୍ଧିଷ୍ଣୁ ପରିସୀମା ଓ ପ୍ରଭାବ ଭାରତ ପାଇଁ ଚିନ୍ତାର କାରଣ ହୋଇଛି। ଏହାକୁ ନେଇ କଂଗ୍ରେସ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛି।



# ବ୍ୟାପକ ଛଟେଇ କରିବ ଓରାକଲ୍

ନୂଆଦିଲ୍ଲୀ: ବିଶ୍ୱର ଅଗ୍ରଣୀ ପ୍ରଯୁକ୍ତି କମ୍ପାନି ଓରାକଲ୍ ?ଏହାର ଡାଟା ସେଣ୍ଟର ବ୍ୟବସାୟ ସମ୍ପ୍ରସାରଣ ଲାଗି ପାଣ୍ଠି ଯୋଗାଡ଼ କରୁଥିବାରୁ ଶହ ଶହ କର୍ମଚାରୀଙ୍କୁ ଛଟେଇ କରିବା ଉପରେ ବିଚାର କରୁଛି। ଏହା କମ୍ପାନିର ସବୁ ବିଭାଗର କର୍ମଚାରୀଙ୍କୁ ପ୍ରଭାବିତ କରିବ। ଛଟେଇ ଯୋଜନା ଚଳିତ ମାସରେ ଲାଗୁ କରାଯିବ।କମ୍ପାନି ବିଶ୍ୱର ଅଗ୍ରଣୀ ଏଆଇ ସଂସ୍ଥା ଓପନ୍ଏଆଇ ସହ ସହଯୋଗିତା କରି ବିଶାଳ ଡାଟା ସେଣ୍ଟର ସ୍ଥାପନ କରୁଛି। ଡାଟାବେସ୍ ସଫ୍ଟୱେର ବିକାଶ ପାଇଁ ପରିଚିତ ଓରାକଲ୍ ଗତ କିଛି ବର୍ଷ ମଧ୍ୟରେ ନିଜ ପରିଚୟକୁ ବଦଳାଇ କ୍ଲାଉଡ୍ କମ୍ପ୍ୟୁଟିଂ ଉପରେ ଧ୍ୟାନ ଦେଉଛି। ବିଶେଷ କରି ଏଆଇ ବିପ୍ଳବକୁ ସମର୍ଥନ କରିବା ଦିଗରେ ଏହା କାମ କରୁଛି। ୱାଲଷ୍ଟ୍ରିଟ୍ ଆକଳନ କରିଛି ଯେ ଏଆଇ ଡାଟା ସେଣ୍ଟର ବିକାଶ ଲାଗି ଯେତିକି ପାଣ୍ଠି ଆବଶ୍ୟକ ତାହା ଓରାକଲ୍‌ର ନଗଦ ପ୍ରବାହକୁ ବିଯୁକ୍ତାତ୍ମକ ସ୍ତରକୁ ଠେଲିଦେବ।



# ଦିନରେ ଦେଖାଯିବ ରାତି ଭଳି ଦୃଶ୍ୟ

ନୂଆଦିଲ୍ଲୀ: ଜ୍ୟୋତିର୍ବିଜ୍ଞାନ ଘଟଣା ଦୃଷ୍ଟିରୁ ୨୦୨୬ ବର୍ଷ ଏପର୍ଯ୍ୟନ୍ତ ବିଶେଷ ଗୁରୁତ୍ୱପୂର୍ଣ୍ଣ ରହିଛି । ଏହି ବର୍ଷ ଗୋଟିଏ ସୂର୍ଯ୍ୟପରାଗ ଏବଂ ଗୋଟିଏ ଚନ୍ଦ୍ରଗ୍ରହଣ ଦେଖାଯାଇଛି । ୧୭ ଫେବୃଆରୀ ଅମାବାସ୍ୟା ଦିନ ସୂର୍ଯ୍ୟପରାଗ ହୋଇଥିଲା ଏବଂ ୩ ମାର୍ଚ୍ଚ ଫାଲଗୁନ ପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ହୋଇଥିଲା। ବର୍ତ୍ତମାନ, ଜ୍ୟୋତିର୍ବିଜ୍ଞାନୀ ଏବଂ ଜ୍ୟୋତିଷମାନେ ବର୍ଷର ଦ୍ୱିତୀୟ ସୂର୍ଯ୍ୟପରାଗ ଉପରେ ଧ୍ୟାନ ଦେଉଛନ୍ତି। ଏହି ସୂର୍ଯ୍ୟପରାଗରେ ସୂର୍ଯ୍ୟ ଚନ୍ଦ୍ର ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ଅନ୍ଧକାର ହୋଇଯିବ । ଦିନବେଳା ପ୍ରଭାବିତ ଅଞ୍ଚଳଗୁଡ଼ିକ ଅନ୍ଧାରରେ ବୁଡ଼ି ରହିବ । ବିଜ୍ଞାନ ଏହାକୁ ଏକ ବିରଳ ଏବଂ ରୋମାଞ୍ଚକର ଘଟଣା ବୋଲି ବିବେଚନା କରୁଛି । ବର୍ଷର ଏହି ଦ୍ୱିତୀୟ ସୂର୍ଯ୍ୟପରାଗ ୧୨ ଅଗଷ୍ଟ ରାତି ୯ଟା୦୪ ରେ ଆରମ୍ଭ ହେବ । ଏହା ପରଦିନ, ୧୩ ଅଗଷ୍ଟ ସକାଳ ୪ଟା୨୫ ରେ ଶେଷ ହେବ। ଗ୍ରହଣ ସମୟରେ, ସୂର୍ଯ୍ୟ ଏକ ଉଜ୍ଜ୍ୱଳ ବଳୟ ପରି ଦେଖାଯିବେ । ଏହି ସୂର୍ଯ୍ୟପରାଗ ଭାରତରେ ଦୃଶ୍ୟମାନ ହେବ ନାହିଁ । ଯେହେତୁ ସୂର୍ଯ୍ୟପରାଗ ସମୟରେ ଭାରତରେ ରାତି ହେବ, ତେଣୁ ଏହି ସୂର୍ଯ୍ୟପରାଗ ପାଇଁ ସୂତକ ସମୟ ମଧ୍ୟ ଭାରତରେ ବୈଧ ହେବ ନାହିଁ । କାରଣ, ଧାର୍ମିକ ବିଶ୍ୱାସ ଅନୁସାରେ, ସୂର୍ଯ୍ୟପରାଗର ୧୨ଘଣ୍ଟା ପୂର୍ବରୁ ଆରମ୍ଭ ହେଉଥିବା ସୂତକ ସମୟ କେବଳ ଗ୍ରହଣ ଦୃଶ୍ୟମାନ ହେଲେ ପ୍ରଭାବଶାଳୀ ହୁଏ। ତେଣୁ, ସୂର୍ଯ୍ୟପରାଗ ସମୟରେ ଭାରତରେ ମନ୍ଦିର ଏବଂ ଦୈନନ୍ଦିନ କାର୍ଯ୍ୟକଳାପ ସ୍ୱାଭାବିକ ଭାବରେ ଜାରି ରହିବ।

# ଏକ ନମ୍ବର ଧନୀ ମୁକୁଟ ବଜାୟ ରଖିଲେ ମୁକେଶ

ନୂଆଦିଲ୍ଲୀ: ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ମୁଖ୍ୟ ମୁକେଶ ଅମ୍ବାନୀ ଭାରତର ଏକ ନମ୍ବର ଧନୀ ମୁକୁଟ ବଜାୟ ରଖିଛନ୍ତି। ତାଲିକାର ଦ୍ୱିତୀୟ ସ୍ଥାନରେ ଆଦାନୀ ଗ୍ରୁପ୍ ?ର ମୁଖ୍ୟ ଗେ ?ତମ ଆଦାନୀ ରହିଛନ୍ତି। ହୁରୁନ ବିଶ୍ୱ ଧନୀ ତାଲିକା ୨୦୨୬ ଅନୁସାରେ ମୁକେଶଙ୍କ ସମ୍ପତ୍ତି ୯ ପ୍ରତିଶତ ବଢ଼ି ୯.୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଆଦାନୀଙ୍କ ସମ୍ପତ୍ତି ଏହି ସମୟରେ ୧୪ ପ୍ରତିଶତ ବଢ଼ି ୭.୫ ଲକ୍ଷ କୋଟି ଟଙ୍କା ରହିଛି। ଧନୀ ଭାରତୀୟ ଭାବେ ତୃତୀୟ ସ୍ଥାନରେ ଏଚ୍ ?ସିଏଲ୍ ? ଟେକ୍ ?ର ରୋଶନି ନାଦର ମଲହୋତ୍ରା ରହିଛନ୍ତି। ତାଙ୍କ ସମ୍ପତ୍ତି ୧୦ ପ୍ରତିଶତ ହ୍ରାସ ପାଇ ୩.୨ ଲକ୍ଷ କୋଟି ଟଙ୍କା ରହିଛି। ୩ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ସହ ସିରମ ଇନଷ୍ଟିଚ୍ୟୁଟ୍ ? ଅଫ୍ ? ଇଣ୍ଡିଆର ପ୍ରତିଷ୍ଠାତା ସାଇରସ୍ ? ପୁନାୱାଲା ରହିଛନ୍ତି। ପଞ୍ଚମ ସ୍ଥାନରେ କୁମାର ମଙ୍ଗଳମ ବିର୍ଲା। କୁମାର ମଙ୍ଗଳମ ବିର୍ଲାଙ୍କ ପାଖରେ ୨.୫ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ହୁରୁନ ରିପୋର୍ଟ ଅନୁସାରେ ଭାରତରେ ୩୦୮ ଜଣ ବିଲିଓନେୟାର ରହିଛି। ଅର୍ଥାତ ସେମାନଙ୍କ ପାଖରେ ୧୦୦ କୋଟି ଡଲାରରୁ ଅଧିକ ସମ୍ପତ୍ତି ରହିଛି।

# ବଙ୍ଗୋପସାଗରରୁ ହୋଇପାରେ ଆକ୍ରମଣ

ନୂଆଦିଲ୍ଲୀ: ତାଇୱାନ ଉପରେ ଆକ୍ରମଣ କରିବା ପୂର୍ବରୁ, ଚାଇନା କ'ଣ ଭାରତକୁ ବହୁମୁଖୀ ମୋର୍ଚ୍ଚାରେ ସାମିଲ କରିବାକୁ ଚାହୁଁଛି ? କାରଣ ଚାଇନା ଜାଣେ ଯେ ତାଇୱାନ ଉପରେ ଆକ୍ରମଣ ହେଲେ ତା' ପାଇଁ ସବୁଠାରୁ ବଡ଼ ବିପଦ ଭାରତଠାରୁ ଆସିବ। ଚାଇନା ଜାଣେ ଯେ ଆମେରିକା ନୁହେଁ, ଭାରତ ତା' ପାଇଁ ସବୁଠାରୁ ବଡ଼ ବିପଦ। ତେଣୁ, ସେ ହିମାଳୟରୁ ସମୁଦ୍ର ପର୍ଯ୍ୟନ୍ତ ଭାରତକୁ ସାମିଲ କରିବାକୁ ଚାହୁଁଛି।

ହିମାଳୟରେ, ଚାଇନା ପାକିସ୍ତାନ ସହିତ ଏହା କରୁଛି, ଯେତେବେଳେ ସମୁଦ୍ରରେ, ସେ ବାଂଲାଦେଶ ଏବଂ ମାଳଦ୍ୱୀପ ଭଳି ଦେଶ ସହିତ ଏହା କରୁଛି। ବାଂଲାଦେଶ ପାକିସ୍ତାନ ସହିତ ସମ୍ପର୍କ ପୁନଃନିର୍ମାଣ କରିବା ଆରମ୍ଭ କରିଛି, ଏବଂ ଚୀନ ଏଥିରେ ଏକ ଭୂମିକା ଗ୍ରହଣ କରୁଛି। ଏହା କେବଳ ଚୀନ-ପାକିସ୍ତାନ ମୋର୍ଚ୍ଚାରେ ନୁହେଁ, ବରଂ ତୃତୀୟ ମୋର୍ଚ୍ଚା, ବାଂଲାଦେଶରେ ମଧ୍ୟ ଭାରତ ଫସିଯିବାର ଆଶଙ୍କା ବୃଦ୍ଧି କରୁଛି। ଏହି ପରିପ୍ରେକ୍ଷୀରେ, କେବଳ ଭାରତ ମହାସାଗର ନୁହେଁ ବଙ୍ଗୋପସାଗର ମଧ୍ୟ ଭାରତ ପାଇଁ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ହୋଇଗଲାଣି। ଏହି କ୍ଷେତ୍ରରେ ଭାରତୀୟ ନୌସେନାର ଦାୟିତ୍ୱ ଯଥେଷ୍ଟ ବୃଦ୍ଧି ପାଇଛି।

ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳ ସମୟରେ ଆମେରିକା, ଅଷ୍ଟ୍ରେଲିଆ, ଜାପାନ ଏବଂ ଭାରତର ଛଟଇଉ ମେଣ୍ଟ ଦୁର୍ବଳ ହୋଇଯାଇଛି। ଏହା ଚୀନ ପାଇଁ ଏକ ମହାନ ସୁଯୋଗ। ବାଂଲାଦେଶ ସହିତ ମିଶି, ଏହା ବଙ୍ଗୋପସାଗରରେ ନିଜର ସ୍ଥିତିକୁ ମଜବୁତ କରିପାରିବ। ଏହା ଭାରତର ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରିବ। ଯଦି ଡୋନାଲ୍ଡ ଟ୍ରମ୍ପ ଏହି ନୀତି ଜାରି ରଖନ୍ତି, ତେବେ ଭାରତର ସମସ୍ୟା ହେଉଛି ଯେ ବିଭିନ୍ନ ମୋର୍ଚ୍ଚାରେ ଚାଇନା ସହିତ ଜଡିତ ହେବା ପରିବର୍ତ୍ତେ, ଏହା ନିଜକୁ ଅନେକ ମୋର୍ଚ୍ଚାରେ ଫସିବାର ସୁଯୋଗ ପାଇପାରେ: ଉତ୍ତରରେ ଚାଇନା, ପଶ୍ଚିମରେ ପାକିସ୍ତାନ ଏବଂ ପୂର୍ବରେ ଚୀନ ଏବଂ ପାକିସ୍ତାନକୁ ସୀମାନ୍ତରେ ଥିବା ବାଂଲାଦେଶ।



ବାଂଲାଦେଶ ସହିତ ସାମରିକ ଚୁକ୍ତିନାମା – ବାଂଲାଦେଶ ନୌସେନାର ଆଧୁନିକୀକରଣ ପାଇଁ ଚୀନ ସବୁଠାରୁ ବଡ଼ ପାଣ୍ଠି ଉତ୍ସ ପାଲଟିଛି, ଯେଉଁଥିରେ ଟାଇପ ୦୩୫ଏ ଡିଜେଲ-ଇଲେକ୍ଟ୍ରିକ ଆକ୍ରମଣ ବୁଡ଼ାଇନ ପ୍ରଦାନ ଅନ୍ତର୍ଭୁକ୍ତ।

ସବମେରିନ ବେସ ନିର୍ମାଣ – କକ୍ସ ବଜାର ନିକଟରେ ଏକ ସବମେରିନ ସୁବିଧା ନିର୍ମାଣ ପାଇଁ ଚୀନ ପାଣ୍ଠି ଏବଂ ବୈଷୟିକ ସହାୟତା ପ୍ରଦାନ କରୁଛି। ଚୀନ ବାଂଲାଦେଶରେ ଏହାର ନିବେଶ ଏବଂ ନୌସେନା ଉପସ୍ଥିତି ବୃଦ୍ଧି କରୁଛି, ଏହା ଭାରତକୁ ମୁକାବିଲା କରିବା ପାଇଁ ଡିଜାଇନ କରାଯାଇଥିବା ଏକ "ମୁକ୍ତାର ଧାର", ବାଂଲାଦେଶ ଏହି ଶୃଙ୍ଖଳରେ ଶେଷ ଲିଙ୍କ। ବାଂଲାଦେଶ ନୌସେନା ସମର୍ଥନ – ପାକିସ୍ତାନ ଏବଂ ଶ୍ରୀଲଙ୍କା ପରେ, ଚୀନ ଏବେ ବାଂଲାଦେଶକୁ ଏହାର ନୌସେନା ଇକୋସିଷ୍ଟମର ଏକ ଅଂଶ କରୁଛି। ଏହା କରି, ଆବଶ୍ୟକ ହେଲେ ଚୀନ ତାର ଜାହାଜ ଏବଂ ଲଜିଷ୍ଟିକ୍ସ ପଠାଇପାରିବ।

ଭାରତ ଉପରେ ତ୍ରିମୁଖୀ ସାମୁଦ୍ରିକ ଚାପ – ଯେପରି ଭାରତ ସ୍ଥଳଭାଗରେ ଚୀନ ଏବଂ ପାକିସ୍ତାନ ଦ୍ୱାରା ଘେରି ରହିଛି, ସେହିପରି ଭାରତ ମଧ୍ୟ ସମୁଦ୍ରରେ ତିନିମୁଖୀ ଚାପର ସମ୍ମୁଖୀନ ହେଉଛି। ଏହା ଭାରତୀୟ ନୌସେନାକୁ ନିଜ ଉପକୂଳର ରକ୍ଷା ପାଇଁ ଅଧିକ ସାମରିକ ସମ୍ବଳ ନିୟୋଜିତ କରିବାକୁ ବାଧ୍ୟ କରୁଛି। ପାକିସ୍ତାନ ଏବେ କେବଳ ଚାଇନା ଅସ୍ତ୍ରଶସ୍ତ୍ର କିଣୁଛି। ପ୍ରତିରକ୍ଷା ୱେବସାଇଟ ୱା ? ଅନ ଦ ରକ୍ସର ଏକ ରିପୋର୍ଟରେ କୁହାଯାଇଛି ଯେ ଚୀନ ବାଂଲାଦେଶରେ ମଧ୍ୟ ସମାନ କରିବାକୁ ଯୋଜନା କରୁଛି। ଉଦାହରଣ ସ୍ୱରୂପ, ପାକିସ୍ତାନ ଚୀନ ଔ-୧୦ଉର ଲଢୁଆ ବିମାନ ପରିଚାଳନା କରେ, ଯାହାକୁ ସେ ମଇ ୨୦୨୫ ସଂଘର୍ଷ ସମୟରେ ଭାରତୀୟ ରାଫେଲ ବିରୁଦ୍ଧରେ ବ୍ୟବହାର କରିଥିଲା।

ଯଦି ବାଂଲାଦେଶ ମଧ୍ୟ ଚୀନ ଲଢୁଆ ବିମାନ ଏବଂ କ୍ଷେପଣାସ୍ତ୍ର କ୍ରୟ କରେ, ତେବେ ଚୀନ ଭାରତର ପୂର୍ବ ଅଞ୍ଚଳରେ ଏହାର ବାୟୁ-ଯୁଦ୍ଧ ପ୍ୟାକେଜ୍‌କୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ। ରିପୋର୍ଟରେ ଦାବି କରାଯାଇଛି ଯେ ଚୀନ ବାଂଲାଦେଶକୁ ୨.୨ ବିଲିୟନରେ ୨୦ ଲଢୁଆ ବିମାନ ବିକ୍ରୟ କରିବାକୁ ଅନୁମୋଦନ କରିଛି। ନବଭାରତ ଟାଇମ୍ସ ଏହାକୁ ନିଶ୍ଚିତ କରେ ନାହିଁ।

ଉଲଫଗାଙ୍ଗ ପିଟରମ୍ୟାନ ଲେଖିଛନ୍ତି ଯେ ଚୀନ ଅସ୍ତ୍ରଶସ୍ତ୍ର, ପାକିସ୍ତାନୀ ସାମରିକ ବାହିନୀ ଏବଂ ବାଂଲାଦେଶର ମିଶ୍ରଣ ଏକ କକ୍ଟେଲ ସୃଷ୍ଟି କରେ ଯାହା ଭାରତକୁ ଅସୁବିଧାରେ ପକାଇବାର ସମ୍ଭାବନା ରଖେ। ଏହା ବଙ୍ଗୋପସାଗରରୁ ଭାରତ ମହାସାଗର ପର୍ଯ୍ୟନ୍ତ ଭାରତକୁ ଗୁରୁତର ଭାବରେ ଫସାଇପାରେ। ଭାରତ ପାଇଁ, ଏହାର ଅର୍ଥ ହେଉଛି ପଶ୍ଚିମ ରଙ୍ଗମଞ୍ଚକୁ ପ୍ରାଥମିକ ଅକ୍ଷ ଭାବରେ ବିଚାର କରିବା ପରିବର୍ତ୍ତେ ଦୁଇଟି ମୋର୍ଚ୍ଚା ଉପରେ ଧ୍ୟାନ ଦେବା ଏବଂ ଏହାର ସାମରିକ ସମ୍ପତ୍ତି ବଣ୍ଟନରେ ଅତ୍ୟନ୍ତ ସତର୍କ ରହିବା। ୨୦୨୦ ରୁ ୨୦୨୪ ମଧ୍ୟରେ, ପାକିସ୍ତାନ ଚୀନ ଅସ୍ତ୍ରଶସ୍ତ୍ରର ସର୍ବବୃହତ କ୍ରେତା ଥିଲା, ଏବଂ ବର୍ତ୍ତମାନ ବାଂଲାଦେଶ ଦ୍ୱିତୀୟ ବୃହତ୍ତମ କ୍ରେତା ହୋଇଛି। ଏହା ଚୀନ ର ସମାନ ଢାଞ୍ଚାର ଏକ ଅଂଶ ଯାହା ପ୍ରତି ଭାରତକୁ ସତର୍କ ରହିବାକୁ ପଡିବ।

